ସର୍ବାଧିକ ବିଶ୍ୱସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in

# ସମ୍ବାଦ କଳିକା

The Sambad Kalika

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

E-mail : sambadkalikanews@gmail.com

ମୂଲ୍ୟ : ୨.୦୦ ଟଙ୍କା, 8 Pages, ₹ 2.00

● ବର୍ଷ-୩୧ ● ସଂଖ୍ୟା-୭୭ ● ୧୪ ଅପ୍ରେଲ ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-77 ● 14th April 2024, Sunday ● Bhubaneswar | Licensed to post without pre-payment of postage No- BN-60/22-24



# ଇଡ଼ି ମାମଲାର ୩% ନେତା, ୯୭% ଅଫିସର, ଅପରାଧୀ

**ନୂଆଦିଲ୍ଲୀ, ୧୩।୪**

ବିରୋଧୀ ରାଜନୈତିକ ଦଳ ଓ ନେତାଙ୍କ ବିରୋଧରେ କେନ୍ଦ୍ରୀୟ ସଂସ୍ଥା ବିଶେଷତଃ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାମଲା ରୁଜୁ କରୁଛି। ଝାଡ଼ଖଣ୍ଡ ପୂର୍ବ ମୁଖ୍ୟମନ୍ତ୍ରୀ, ବିଆର୍‌ଏସ ନେତ୍ରୀ, ଆମ ଆଦମୀ ପାର୍ଟିର ଏକାଧିକ ନେତାଙ୍କ ସହ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ମନିଲଣ୍ଡରିଂ ମାମଲାରେ ଗିରଫ କରାଯାଇଛି। ଏଭଳି ଗିରଫକୁ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବୋଲି ବିରୋଧୀ ଦଳ ଅଭିଯୋଗ କରୁଛନ୍ତି । ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିରୋଧୀଙ୍କ ସମସ୍ତ ଅଭିଯୋଗକୁ ଦୃଢ ଭାବେ ଖଣ୍ଡନ କରିଛନ୍ତି। ଗଣମାଧ୍ୟମ ସଂସ୍ଥାକୁ ଦେଇଥିବା ଏକ ସାକ୍ଷାତକାରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ନିର୍ଦ୍ଦେଶାଳୟ ପକ୍ଷରୁ ଯେତିକି ମାମଲା ରୁଜୁ ହୋଇଛି ସେ ମଧ୍ୟରୁ କେବଳ ୩ ପ୍ରତିଶତ ମାମଲାରେ ରାଜନୈତିକ ନେତା ସମ୍ପୃକ୍ତ।



ଏହି ସାକ୍ଷାତକାରରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଯେଉଁମାନେ ଦୁର୍ନୀତିଗ୍ରସ୍ତ ବ୍ୟବସ୍ଥାରୁ ଲାଭାନ୍ୱିତ ହେଉଥିଲେ, ସେମାନେ ହିଁ ଲୋକଙ୍କ ସମ୍ମୁଖରେ ଏଭଳି ଭୁଲ ତଥ୍ୟ ଉପସ୍ଥାପିତ କରୁଛନ୍ତି । ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରି ସେ କହିଛନ୍ତି ଯେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ରୁଜୁ କରାଯାଇଥିବା ମୋଟ ମାମଲାରୁ କେବଳ ୩ ପ୍ରତିଶତ ମାମଲାରେ ରାଜନେତା ସମ୍ପୃକ୍ତ। ଅବଶିଷ୍ଟ ୯୭ ପ୍ରତିଶତ ମାମଲାରେ ସରକାରୀ ଅଧିକାରୀ ଓ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯାଇଛି। ଆଗାମୀ ଦିନରେ ଦୁର୍ନୀତିଗ୍ରସ୍ତ ନେତା, ଅଧିକାରୀ ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ ଅନୁରୂପ ଭାବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଗତ ୧୦ ବର୍ଷ ମଧ୍ୟରେ ଦୁର୍ନୀତିର ମୂଳୋତ୍ପାଟନ ତାଙ୍କ ସରକାରଙ୍କ ପ୍ରାଥମିକତା ରହିଆସିଛି। ୨୦୧୪ରେ ସରକାର ଗଠନ ହେବାର ପରବର୍ତ୍ତୀ କ୍ଷଣ ହିଁ ବିଭିନ୍ନ ସ୍ତରରେ ଥିବା ଦୁର୍ନୀତିକୁ ହଟାଇବାକୁ ତାଙ୍କ ସରକାର ପଦକ୍ଷେପ ନେଇଥିଲା ଏବଂ ଏହା ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟକାରୀ ହେଉଛି।

# ଆତଙ୍କବାଦୀମାନଙ୍କର କୌଣସି ନିୟମ ନାହିଁ, ତେଣୁ ସେମାନଙ୍କୁ ଜବାବ ଦେବାର କୌଣସି ନିୟମ ନାହିଁ

**ନୂଆଦିଲ୍ଲୀ, ୧୩।୪**

ଭାରତ କୌଣସି ପ୍ରକାର ସୀମାପାର ଆତଙ୍କବାଦକୁ ପ୍ରତିଜବାବ ଦେବାକୁ ପ୍ରତିଶ୍ରୁତିବଦ୍ଧ। ଯେହେତୁ ଆତଙ୍କବାଦୀ ମାନେ କୌଣସି ନିୟମ ମାନୁ ନାହାନ୍ତି, ତେଣୁକରି ସେମାନଙ୍କୁ ପ୍ରତିଜବାବ ଦେବାକୁ ଭାରତ କୌଣସି ନିୟମ ପାଳନ କରିବ ନାହିଁ ବୋଲି କହିଛନ୍ତି ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର।

୨୦୦୮ରେ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ପ୍ରତିକ୍ରିୟାରେ ଉପା ସରକାର ଉପରେ ଦୋଷାରୋପ କରି ସେ କହିଛନ୍ତି ଯେ ସରକାରୀ ସ୍ତରରେ ବହୁ ବିଚାରବିମର୍ଶ ପରେ ମଧ୍ୟ ସେହି ସମୟରେ କୌଣସି ଫଳପ୍ରଦ ଫଳ ବାହାରି ନଥିଲା ଏବଂ ପାକିସ୍ତାନ ଉପରେ ଆକ୍ରମଣ କରିବା ଏହା ଉପରେ ନ କରିବା ଠାରୁ ବହୁଗୁଣାରେ ଅଧିକ ବୋଲି କୁହାଯାଇଥିଲା।

ପୁଣେ'ରେ କାହିଁକି ଭାରତ ଗୁରୁତ୍ୱପୂର୍ଣ୍ଣ: ଯୁବକମାନଙ୍କ ପାଇଁ ସୁଯୋଗ ଏବଂ ବିଶ୍ୱ ପରିସ୍ଥିତିରେ ଅଂଶଗ୍ରହଣ ଶୀର୍ଷକ ଏକ କାର୍ଯ୍ୟକ୍ରମରେ ଯୁବକମାନଙ୍କ ସହ କଥାବାର୍ତ୍ତା କରି ସେ ପ୍ରଶ୍ନ କରିଛନ୍ତି ଯେ ଯଦି ବର୍ତ୍ତମାନ ସମାନ ଆକ୍ରମଣ ଘଟେ ଏବଂ ଏହାର ପ୍ରତିକ୍ରିୟା ନହୁଏ, ତେବେ ପରବର୍ତ୍ତୀ ଆକ୍ରମଣର ପ୍ରତିରୋଧ କିପରି ହୋଇପାରିବ ?



ଜୟଶଙ୍କର ଏହା ମଧ୍ୟ କହିଛନ୍ତି ଯେ ୨୦୧୪ ମସିହାରୁ ଦେଶର ବୈଦେଶିକ ନୀତିରେ ପରିବର୍ତ୍ତନ ଆସିଛି ଏବଂ ଆତଙ୍କବାଦକୁ ମୁକାବିଲା କରିବା ହେଉଛି ଏହାର ବଡ ବିଷୟ।

ଯେଉଁ ଦେଶ ସହ ସମ୍ପର୍କ ବଜାୟ ରଖିବା ପାଇଁ ଭାରତ ଆହ୍ୱାନ ଦିଏ ବୋଲି ପଚରାଯିବାରୁ ଶ୍ରୀ ଜୟଶଙ୍କର କହିଛନ୍ତି ଯେ ଭାରତ କିଛି ନିର୍ଦ୍ଦିଷ୍ଟ ଦେଶ ସହ କୌଣସି ସମ୍ପର୍କ ବଜାୟ ରଖିବା ଉଚିତ କି ?

ସେ ଆହୁରି ମଧ୍ୟ କହିଛନ୍ତି ଯେ ଯଦି ଭାରତ ଆରମ୍ଭରୁ ସ୍ପଷ୍ଟ ହୋଇଥାନ୍ତା ଯେ ପାକିସ୍ତାନ ଆତଙ୍କବାଦରେ ଲିପ୍ତ ଥିଲା, ଯାହାକୁ ଭାରତ କୌଣସି ପରିସ୍ଥିତିରେ ବରଦାସ୍ତ କରିବା ଉଚିତ ନୁହେଁ, ତେବେ ଦେଶରେ ଏକ ଭିନ୍ନ ନୀତି ହୋଇଥାନ୍ତା।

## ଆଜିଠାରୁ ମା' ସମଲେଶ୍ୱରୀଙ୍କ ପୀଠରେ ମାଦକ ଦ୍ରବ୍ୟ ଓ ପାନ ଗୁଟ୍‌କାର ବ୍ୟବହାର ଉପରେ ରୋକ୍

**ସମ୍ବଲପୁର, ୧୩।୪**
**ନ୍ୟୁଜ୍ ବ୍ୟୁରୋ**

ମା' ସମଲେଶ୍ୱରୀଙ୍କ ପୀଠ ପରିସରରେ ମାଦକ ଦ୍ରବ୍ୟ, ପାନ ଗୁଟକା, ବିଡି, ସିଗାରେଟ ଆଦି ଦ୍ରବ୍ୟର ବ୍ୟବହାର ଉପରେ ରବିବାରଠାରୁ ରୋକ ଲଗାଇବା ନିଷ୍ପତ୍ତି ନେଇଛି ଶ୍ରୀ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ। ଏନେଇ ସୂଚନା ଦେଇଛନ୍ତି ଶ୍ରୀ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ। *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ଏକାଳ ପଖାଳ




ମନଲୋଭା ସ୍କିମ୍ ସବୁ ଏବେ
ଦଳ କରୁଛନ୍ତି ରେଡି
କେତେ ସତ କେତେ ମିଛ ଇଏ
ଶୁଖିଲା ମେଘର ରଡି
ସବୁ ପକେଇବେ ତାଡି
ଲୋଭରେ ପଡିକି ହାଡ ପଛେ ଗଲେ
ଜନେ ଉଡିଯିବ ଭାଡି।

# ରାଜଧାନୀ ଭୁବନେଶ୍ୱରର ୭୬ତମ ପ୍ରତିଷ୍ଠା ଦିବସ ପାଳିତ



**ଭୁବନେଶ୍ୱର, ୧୩।୪**
**ନ୍ୟୁଜ୍ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱରର ୭୬ତମ ପ୍ରତିଷ୍ଠା ଦିବସ ଶନିବାର ଭୁବନେଶ୍ୱରରେ ସମାରୋହରେ ପାଳିତ ହୋଇଯାଇଛି । ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସକାଳେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଓଡିଶା ବିଧାନସୌଧ ସମ୍ମୁଖସ୍ଥ ରାଜଧାନୀ ଶିଳାନ୍ୟାସ ଫଳକରେ ପୁଷ୍ପଗୁଚ୍ଛ ଅର୍ପଣ କରିବା ସହିତ ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜଧାନୀ ପ୍ରତିଷ୍ଠା ଦିବସର ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ 'ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରାଯାଇଥିଲା' ପ୍ରାରମ୍ଭରେ ଭୁବନେଶ୍ୱର ମହାନଗର ନିଗମ କମିଶନର ରାଜେଶ ପ୍ରଭାକର ପାଟିଲ ସମସ୍ତ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ପରେ ପରେ ଅତିଥିମାନେ ରାଜଧାନୀ ଶିଳାନ୍ୟାସ ଫଳକରେ ପୁଷ୍ପଗୁଚ୍ଛ ଅର୍ପଣ କରିଥିଲେ।

ଏହି ଅବସରରେ ମୁଖ୍ୟ ଶାସନ ସଚିବ କହିଥିଲେ ଯେ, ୧୯୪୮ ମସିହା ଏପ୍ରିଲ ୧୩ ତାରିଖରେ ଭୁବନେଶ୍ୱରକୁ ଏକ ଯୋଜନାବଦ୍ଧ ସହର ଭାବେ ପ୍ରତିଷ୍ଠିତ କରିବା ପାଇଁ ଭୂମି ପ୍ରତିଷ୍ଠା କରାଯାଇଥିଲା । ଏହା ମଧ୍ୟରେ ଭୁବନେଶ୍ୱର ଆଜି ଦେଶର ଏକ ପ୍ରମୁଖ ସ୍ୱଚ୍ଛ, ସୁନ୍ଦର ଓ ସବୁଜ ସହର ଭାବେ ପରିଚୟ ଲାଭ କରିଛି । ସମୟାନ୍ତରରେ ଏହାର କାୟା ବିସ୍ତାର ଘଟିଛି । ରାଜଧାନୀ ପ୍ରତିଷ୍ଠା ଦିବସକୁ ନୂଆ ଭୁବନେଶ୍ୱରର ଜନ୍ମଦିନ ଭାବେ ଅଭିହିତ କରି ଭୁବନେଶ୍ୱର ବାସିନ୍ଦାମାନଙ୍କୁ ଏହାର ସ୍ୱଚ୍ଛତା, ସବୁଜିମା ଓ ସୁନ୍ଦରତା କିପରି ବଜାୟ ରହିବ, ସେ ଦିଗରେ ସମସ୍ତେ ପ୍ରଚେଷ୍ଟା ଜାରି ରଖିବା ଆବଶ୍ୟକ ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ପୋଲିସ *(ପୃଷ୍ଠା ୭ରେ)*

# ରାଜ୍ୟକୁ ପୁଣି ଫେରିଲା ତାତି, ପାରଳାଖେମୁଣ୍ଡି ସବୁଠୁ ଉତ୍ତପ୍ତ ସହର

**ଭୁବନେଶ୍ୱର, ୧୩।୪**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟକୁ ପୁଣି ତାତି ଫେରିଛି । ବର୍ଷା ହୋଇଥିବାରୁ କିଛିଦିନ ପାଗ ଟିକେ ଥଣ୍ଡା ଥିଲା। ତେବେ ଶନିବାର ପୁଣି ତାତିରେ ସିଝିଛନ୍ତି ଲୋକେ। ଶନିବାର ରାଜ୍ୟର ଦୁଇ ସହରର ତାପମାତ୍ରା ୪୦ ଡିଗ୍ରୀ ପାଖାପାଖି ଥିବା ବେଳେ ପାରଳାଖେମୁଣ୍ଡି ସବୁଠୁ ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇଛି।



ଭୁବନେଶ୍ୱରସ୍ଥ ଆଞ୍ଚଳିକ ପାଣିପାଗ ବିଭାଗ ସୂତ୍ର ଅନୁଯାୟୀ, ପାରଳାଖେମୁଣ୍ଡିରେ ତାପମାତ୍ରା ସର୍ବାଧିକ ୩୯.୫ ଡିଗ୍ରୀ ଥିବା ବେଳେ ବାରିପଦାରେ ୩୯ ଡିଗ୍ରୀ ରହିଥିଲା। ସେହିପରି ଚାନ୍ଦବାଲି, ଭୁବନେଶ୍ୱର ଏବଂ ନୟାଗଡ଼ରେ ତାପମାତ୍ରା ୩୮ ଡିଗ୍ରୀ ଉପରେ ରହିଥିଲା। ବାଲେଶ୍ୱର, ଭଦ୍ରକ, କଟକ, କୋରାପୁଟ ଏବଂ ତାଳଚେରରେ ତାପମାତ୍ରା ୩୭ ଡିଗ୍ରୀ ଉପରେ ଥିଲା।

ସେହିପରି ପାରାଦୀପରେ ଆଜିର ତାପମାତ୍ରା ୩୪.୯ ଡିଗ୍ରୀ ରହିଥିବା ବେଳେ ଗୋପାଳପୁରରେ ୩୪.୬ ଡିଗ୍ରୀ, ରାଉରକେଲାରେ ୩୬.୬ ଡିଗ୍ରୀ, ପୁରୀରେ ୩୪.୬ ଡିଗ୍ରୀ, ବଲାଙ୍ଗୀରରେ ତାପମାତ୍ରା ୩୫ ଡିଗ୍ରୀ ରହିଥିଲା।

# ମହାକାଶରେ ହେବ ମହାବିସ୍ଫୋରଣ, ଖାଲି ଆଖିରେ ଦେଖିପାରିବେ ଲୋକେ

**ନୂଆଦିଲ୍ଲୀ, ୧୩।୪**

ମହାକାଶର ରହସ୍ୟ ସବୁବେଳେ ମଣିଷକୁ ଆକୃଷ୍ଟ କରିଆସିଛି। ନିକଟରେ ସମଗ୍ର ବିଶ୍ୱରେ ପୂର୍ଣ୍ଣ ସୂର୍ଯ୍ୟପରାଗ ଭଳି ଏକ ଚମତ୍କାର ଜ୍ୟୋତିର୍ବିଜ୍ଞାନୀ ଘଟଣା ଦେଖିବାକୁ ମିଳିଥିଲା । ଏହାକୁ ନେଇ ଆମେରିକା ସବୁଠାରୁ ଅଧିକ ଉତ୍ସାହ ଦେଖାଇଥିଲା। କିନ୍ତୁ ଆମେ ଯେଉଁ ଘଟଣା ବିଷୟରେ କହୁଛୁ



ତାହାକୁ ନେଇ ସମଗ୍ର ବିଶ୍ୱର ବୈଜ୍ଞାନିକମାନେ ଉତ୍ସାହିତ ଅଛନ୍ତି । କାରଣ ଏହି ଘଟଣା କେତେ ଦଶନ୍ଧିରେ ଥରେ ଘଟିଥାଏ। ମହାକାଶରେ ଏକ କ୍ଷୁଦ୍ର ନକ୍ଷତ୍ରର ବିସ୍ଫୋରଣ ହେବାକୁ ଯାଉଛି ।

ଆମେ ଯେଉଁ ବାମନ ନକ୍ଷତ୍ର ବିଷୟରେ କହୁଛୁ ତାହା ହେଉଛି ପୃଥିବୀଠାରୁ ପ୍ରାୟ ତିନି ହଜାର ଆଲୋକବର୍ଷ ଦୂରରେ ଥିବା କୋରୋନା ବୋରିଲିସ ବା ଟିସିଆରବି। ବୈଜ୍ଞାନିକମାନେ କହିଛନ୍ତି ଯେ ଏହି ଧଳା ବାମନ ନକ୍ଷତ୍ର ଏବେ *(ପୃଷ୍ଠା ୭ରେ)*

# ବଢୁଛି ସାଇବର ଅପରାଧ ସଂଖ୍ୟା: ଭାରତର ସ୍ଥାନ ୧୦ମ

**ନୂଆଦିଲ୍ଲୀ, ୧୩।୪**

ସାରା ବିଶ୍ୱରେ ବଢୁଛି ସାଇବର ଅପରାଧ ସଂଖ୍ୟା। ଦୈନିକ ହଜାର ହଜାର ଲୋକ ସାଇବର ଅପରାଧୀଙ୍କ ଶିକାର ହେଉଛନ୍ତି । ତଥ୍ୟ ଅନୁସାରେ, ଭାରତ ୧୦ ନମ୍ବର ସ୍ଥାନରେ ରହିଛି। ୧୦୦ଟି ରାଷ୍ଟ୍ରକୁ ନେଇ ବିଶ୍ୱ ସାଇବର କ୍ରାଇମ ସୂଚୀ ପ୍ରସ୍ତୁତ ହୋଇଥିବା ବେଳେ ଏହାର ଭୟଙ୍କରିତା ସମ୍ପର୍କରେ ଉଲ୍ଲେଖ କରାଯାଇଛି। ରାନସମୱେର, କ୍ରେଡିଟ କାର୍ଡ ଜରିଆରେ ଲୁଟ, ସ୍କାମ ଆଦିକୁ ବିଚାର କରାଯାଇ ଏହି ତଥ୍ୟ ପ୍ରସ୍ତୁତ ହୋଇଛି। ଏହି ତାଲିକାର ଶୀର୍ଷରେ ଋଷିଆ ରହିଥିବା ବେଳେ ତା ପଛକୁ ୟୁକ୍ରେନ, ଚୀନ, ଆମେରିକା, ନାଇଜେରିଆ, ରୋମାନିଆ ରହିଛନ୍ତି।

ସେହିପରି ସପ୍ତମ ସ୍ଥାନରେ ନର୍ଥ କୋରିଆ, ଅଷ୍ଟମ ସ୍ଥାନରେ ବ୍ରିଟେନ ଓ ନବମ ସ୍ଥାନରେ ବ୍ରାଜିଲ ରହିଛନ୍ତି । ଭର୍ଚୁଆଲରେ ହେଉଥିବା ଅପରାଧଗୁଡିକର ସଂଖ୍ୟା ବହୁସଂଖ୍ୟାରେ ବଢିଥିବା କୁହାଯାଇଛି। ରାନସମୱେର, ମାଲୱେର, ହ୍ୟାକିଂ, ମନିଲଣ୍ଡରିଂ, ଭର୍ଚୁଆଲ *(ପୃଷ୍ଠା ୭ରେ)*




# ନବୀନଙ୍କ ବିକାଶ ଧାରାକୁ ଅକୁଣ୍ଠ ସମର୍ଥନ, ଅନ୍ୟପଟେ ସପକ୍ଷ ଓ ବିପକ୍ଷବାଦୀଙ୍କ ମଧ୍ୟରେ ମାଡପିଟ୍

**ଭୁବନେଶ୍ୱର, ୧୩।୪ : ନ୍ୟୁଜ୍ ବ୍ୟୁରୋ**

ଗୋଟିଏ ପଟେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତାଙ୍କ ବିକାଶଧାରାକୁ ବିଭିନ୍ନ ସଂଗଠନ ବିଶେଷକରି ସଂଖ୍ୟାଲଘୁ ସଂପ୍ରଦାୟର ସଂଗଠନ ପକ୍ଷରୁ ଅକୁଣ୍ଠ ସମର୍ଥନ ଘୋଷଣା ଅବ୍ୟାହତ ରହିଛି। ସେହିପରି ରାଜଧାନୀ ଭୁବନେଶ୍ୱର ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ବିଜେଡ଼ି ପ୍ରାର୍ଥୀଙ୍କ ପ୍ରଚାର ଜୋରଦାର ଚାଲୁ ରହିଛି। ଅନ୍ୟପଟେ କଟକରେ ବିଜେପି ପ୍ରାର୍ଥୀଙ୍କ ସପକ୍ଷ ଓ ବିପକ୍ଷ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ-ହାତାହାତି-ମାଡପିଟ୍ ଆଦି ହିଂସାତ୍ମକ ଆଚରଣ ପ୍ରଦର୍ଶନ ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ରାଜ୍ୟରେ ସାଧାରଣ ନିର୍ବାଚନ ପାଇଁ ଏକ ମାସ ସମୟ ବାକି ରହିଥିବା ବେଳେ ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀ ଓ ପ୍ରଚାରକୁ ନେଇ ବଢୁଥିବା ଗୋଷ୍ଠୀକନ୍ଦଳ ଓ ହିଂସାତ୍ମକ ଘଟଣା ଯୋଗୁ ମୁକ୍ତ ଅବାଧ ଓ ନିରପେକ୍ଷ ନିର୍ବାଚନ ହେବା ନେଇ ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି। ସେହିପରି ଏହି ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ମଧ୍ୟ ଉଦ୍‌ବେଗ ପ୍ରକାଶ ପାଇଛି।

ଶନିବାର 'ନବୀନ ନିବାସ'ରେ ସଂଖ୍ୟାଲଘୁ ସଂପ୍ରଦାୟର ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତିନିଧି ଓ କର୍ମକର୍ତ୍ତାମାନଙ୍କୁ ଦେଖିବାକୁ ମିଳିଥିଲା। ସେମାନେ ନବୀନ ନିବାସକୁ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଆଲୋଚନା କରିବା ସହ ରାଜ୍ୟରେ ଚାଲିଥିବା ବିକାଶଧାରାକୁ ସମର୍ଥନ ଜଣାଇବା ସହ ଏହି ଧାରାକୁ ଅବ୍ୟାହତ ରଖିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଆଗାମୀ ୨୦୨୪ ନିର୍ବାଚନରେ ପୁନର୍ବାର ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡ଼ି ବଡ ବିଜୟ ହାସଲ ସହ ସରକାର ଗଠନ କରିବା ଦିଗରେ ସମର୍ଥନ ଜଣାଇବେ ବୋଲି ସଂଖ୍ୟାଲଘୁ ସଂପ୍ରଦାୟ ସଂଗଠନର ପ୍ରତିନିଧିମାନେ ସଂକଳ୍ପ ଘୋଷଣା କରିଥିଲେ।

ଶନିବାର ଭୁବନେଶ୍ୱରରେ ହାଇଭୋଲଟେଜ୍ ପ୍ରଚାର ଦେଖିବାକୁ ମିଳିଥିଲା। ଭୁବନେଶ୍ୱର ଲୋକସଭା ଆସନର ପ୍ରାର୍ଥୀ ମନ୍ମଥ ରାଉତରାୟ ଏବଂ ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀ ପାଇଁ ବିଧାୟକ ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା ମିଳିତ ଭାବେ ରାଜଧାନୀର ଐତିହ୍ୟ ଗ୍ରାମ ବରଗଡରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ପ୍ରଚାର ଆରମ୍ଭ କରିଥିଲେ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ବିକାଶ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇଥିବା ଏବଂ ଏହି ବିକାଶ ଫର୍ଦ୍ଦରେ ଏକାମ୍ର କ୍ଷେତ୍ର ଯୋଡି ହୋଇଥିବାରୁ ଶ୍ରୀ ପଣ୍ଡା ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ପ୍ରକଟ କରି ଆଗାମୀ ନିର୍ବାଚନରେ ନବୀନଙ୍କ ନେତୃତ୍ୱରେ ଓଡ଼ିଶା ବିକାଶ ଆହୁରି ଆଗକୁ ଯିବ ବୋଲି କହିଥିଲେ। *(ପୃଷ୍ଠା ୭ରେ)*










କେନ୍ଦୁଝର : ପ୍ରବଳ ଖରା ଯୋଗୁଁ ସ୍ଥାନେ ସ୍ଥାନେ ତରଭୁଜର ପାହାଡ । ନରଣପୁର ନିକଟସ୍ଥ ଅରଡେଇ ପୋଲର ସୁରକ୍ଷା ବାଡ ଅର୍ଦ୍ଧଭଗ୍ନ, ବିପଦ ଆଶଙ୍କା। ଡହ ଡହ ଖରାରେ ପରିବା ବିକାଳୀ। ଆବର୍ଜନା ଯୋଗୁଁ ଡ୍ରେନ ଜାମ୍, ସମସ୍ୟା ସୃଷ୍ଟି ହେଉଛି। (ଫଟୋ : ସୁରଜିତ ନ୍ୟୁଜ)

## ସୀମାନ୍ତରେ ଛତିଶଗଡ଼ ପୁଲିସର ଯାଞ୍ଚ କଡ଼ାକଡ଼ି

# କାର୍‌ରୁ ନଗଦ ୫ଲକ୍ଷରୁ ଅଧିକ ଟଙ୍କା ଜବତ



**ସୋହେଲା, ନ୍ୟୁଜ ବ୍ୟୁରୋ**

ବରଗଡ଼ ପଟୁ ଯାଉଥିବା ଏକ ଗାଡ଼ି (ଓଡି୧୭-ଏଏ-୫୭୬୧)କୁ ରାଜ୍ୟ ସୀମାନ୍ତ ରେହେଟିଖୋଲ (ଛତିଶଗଡ଼) ପୁଲିସ ଅଟକାଇ ଯାଞ୍ଚ କରିବା ବେଳେ ସେଥିରୁ ୫ଲକ୍ଷ ୨୬ହଜାର ୪ଶହ ଟଙ୍କା ବାହାରିଥିଲା। ଗାଡ଼ି ଚାଳକ ବରଗଡ଼ ଜିଲ୍ଲା ତାଲମେଣ୍ଡା ଗ୍ରାମର ଅନ୍ତର୍ଯ୍ୟାମୀ ପ୍ରଧାନଙ୍କୁ ଟଙ୍କା ସମ୍ପର୍କରେ ପଚରାଯିବାରୁ ସେ କୌଣସି ସଠିକ୍ ଉତ୍ତର ଦେଇପାରି ନଥିଲେ କି କୌଣସି ବୈଧ କାଗଜପତ୍ର ଦେଖାଇ ପାରି ନଥିଲେ। ଫଳରେ ସିଙ୍ଘୋଡ଼ା ପୁଲିସ ଏନେଇ ଏକ ମାମଲା ରୁଜୁକରି ଟଙ୍କା ଜବତ କରିଥିବା ଥାନା ଟିଆଇ ମହେଶ ସାହୁ ସୂଚନା ଦେଇଛନ୍ତି। ଏଥିସହ ଗତ ମାସକ ମଧ୍ୟରେ ୧୦କୋଟିରୁ ଅଧିକ ଟଙ୍କାର ଗଞ୍ଜେଇ ଜବତ କରାଯାଇଥିବା ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶାରୁ ଛତିଶଗଡ଼ ଦେଇ ମଧ୍ୟପ୍ରଦେଶ, ରାଜସ୍ଥାନ, ଗୁଜରାଟ ଓ ମହାରାଷ୍ଟ୍ର ରାଜ୍ୟକୁ ନିୟମିତ ବିଭିନ୍ନ ଯାନବାହନରେ ବେଆଇନ ଗଞ୍ଜେଇ ଚାଲାଣ ହେଉଥିବା କାରଣରୁ ଛତିଶଗଡ଼ ମହାସମୁନ୍ଦ ଏସପିଙ୍କ ନିର୍ଦ୍ଦେଶ କ୍ରମେ ସାଇବର ସେଲ, କ୍ରାଇମବ୍ରାଞ୍ଚ, ସିଙ୍ଘୋଡ଼ା ଏବଂ ସରାଇପାଲି ପୁଲିସ ପକ୍ଷରୁ ଜାତୀୟ ରାଜପଥ ଉପରେ ଯାଞ୍ଚକୁ କଡ଼ାକଡ଼ି କରାଯାଇଥିବା କହିଛନ୍ତି।

# ସାବାଡ୍ ପାଇଁ ନୂଆ ସୂତ୍ର: ମଦ ପିଇ ଗାଡ଼ି ଚଳାଇଲେ ବାର୍ ମାଲିକ ଦାୟୀ

## ସେଫ୍ ସିଟି ଡ୍ରାଇଭ୍ ଅଭିଯାନରେ ମଦ ବିକ୍ରେତାଙ୍କୁ ସାମିଲ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମଦ ପିଇ ଗାଡ଼ିଚାଳନା (ଡ୍ରଙ୍କେନ୍ ଡ୍ରାଇଭିଂ) ରୋକିବା ଅଭିଯାନକୁ ସଫଳ କରିବାକୁ କମିସନରେଟ୍ ପୁଲିସ ନୂଆ ଯୋଜନା ଆଣିବାକୁ ଯାଉଛି। ଏହି ଅଭିଯାନରେ ବାର ମାଲିକମାନଙ୍କୁ ସାମିଲ କରାଯିବ। ବାର ମାଲିକମାନେ ବି ଏଣିକି ଗ୍ରାହକଙ୍କ ସୁରକ୍ଷାର ଦାୟିତ୍ୱ ନେବେ ଏବଂ ସେ ଦିଗରେ ଚେଷ୍ଟା କରିବେ। ସେମାନେ ବେପାରରୁ ଲାଭ କରିବାପାଇଁ ଯେତିକି ଗୁରୁତ୍ୱ ଦେଉଛନ୍ତି, ଗ୍ରାହକଙ୍କ ସୁରକ୍ଷାକୁ ବି ସମାନ ଅନୁପାତରେ ପ୍ରାଥମିକତା ଦେବେ। ଏଥିପାଇଁ କମିସନରେଟ୍ ପୁଲିସ ମାର୍ଗଦର୍ଶିକା ଆଣିବାକୁ ସବୁ ପ୍ରସ୍ତୁତି ଶେଷକରିଛି। ବିଦେଶରେ ଏହି ଢାଞ୍ଚା ଚାଲିଛି ଏବଂ କମିସନରେଟ୍ ପୁଲିସ ବର୍ତ୍ତମାନଠାରୁ ସେହି ଢାଞ୍ଚାକୁ ଆପଣେଇବ।

ଏଣିକି କମିସନରେଟ୍ ପୁଲିସ ଅଞ୍ଚଳରେ ଥିବା କୌଣସି ବାରକୁ ଗ୍ରାହକ ଆସିଲେ, ତାଙ୍କୁ ମଦ ଯୋଗାଇବା ପୂର୍ବରୁ ସେ କେଉଁ ଗାଡ଼ିରେ ଆସିଛନ୍ତି ଓ ଚାଳକ କିଏ, ସେ ସଂପର୍କରେ ପଚାରି ବୁଝିବେ ବାର ମାଲିକ। ଦାୟିତ୍ୱବାନ ମାଲିକ ହିସାବରେ ସେ ଚାଳକଙ୍କୁ ମଦ ପିଇବାକୁ ବାରଣ କରିବେ। ତାହା ଯଦି କରି ନପାରିବେ, ତେବେ ଚାଳକଙ୍କୁ ଅତ୍ୟଧିକ ମଦ ପିଇବାକୁ ଦେବେନାହିଁ ଏବଂ ସେଥିପାଇଁ ତାଙ୍କୁ ବୁଝାଇବେ। ସବୁ ବାରରେ ଏଣିକି 'ଆଲକୋହଲ୍ ମିଟର' ରହିବ। ଡ୍ରଙ୍କେନ୍ ଡ୍ରାଇଭିଂର ଭୟାବହତା ସମ୍ପର୍କିତ ସତର୍କତା ଫଳକ ମଧ୍ୟ ବାରରେ ଲଗାଯିବ। ଅନେକ ଉନ୍ନତ ଦେଶରେ ଏହି ନିୟମ ରହିଛି, ଯାହାର ସୁଫଳ ମଧ୍ୟ ମିଳିଛି। ତେଣୁ ଦ୍ୱୈତନଗରୀରେ ଏହି ନିୟମ କାର୍ଯ୍ୟକାରୀ କରାଇବାକୁ କମିସନରେଟ୍ ପୁଲିସ ଯୋଜନା ପ୍ରସ୍ତୁତ କରୁଛି। ବାର ସହିତ ସମସ୍ତ ଅନ୍ ବା ଅଫ୍ ଆଲକୋହଲ୍ ସପ୍‌କୁ ବି ଏହି ଅଭିଯାନରେ ସାମିଲ କରାଯିବ। କମିସନରେଟ୍ ପୁଲିସ ଯେଉଁ ମାର୍ଗଦର୍ଶିକା ଆଣିବ, ତାକୁ ପାଳନ କରିବାକୁ ବାର ମାଲିକମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯିବ। ଡ୍ରଙ୍କେନ୍ ଡ୍ରାଇଭିଂ ଯାଞ୍ଚ କଲାବେଳେ ମଦ୍ୟପ ଗାଡ଼ିଚାଳକ କେଉଁଠୁ ମଦ ପିଇ ଆସିଛି, ପୁଲିସ ତାକୁ ଯାଞ୍ଚ କରିବ ଏବଂ ସେହି ବାଟରେ ନିୟମ ଉଲ୍ଲଂଘନ କରି ମଦ ବିକ୍ରି କରିଥିବା ବାର ମାଲିକଙ୍କ ପାଖରେ ପହଞ୍ଚିବ।

ଏହି ନୂଆ ନିୟମ ପୁଲିସର ସେଫ୍ ସିଟି ଡ୍ରାଇଭ୍ ଅଭିଯାନକୁ ଅଧିକ ଫାଇଦା ଦେବ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ ଯେ ଡ୍ରଙ୍କେନ୍ ଡ୍ରାଇଭିଂକୁ ରୋକିବାକୁ କମିସନରେଟ୍ ପୁଲିସ ଚଳାଇଥିବା ଅଭିଯାନରେ ବହୁ ମଦୁଆ ଚାଳକଙ୍କୁ ଜରିମାନା କରାଯାଉଛି। ବହୁ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଉଛି। ଗାଡ଼ିକୁ ଜବତ ମଧ୍ୟ କରାଯାଉଛି। ଏହାସତ୍ତ୍ୱେ ଡ୍ରଙ୍କେନ୍ ଡ୍ରାଇଭିଂ କମୁନାହିଁ କି ସେଥିଯୋଗୁଁ ଘଟୁଥିବା ଦୁର୍ଘଟଣା କମିବାର ନାଁ ନେଉନାହିଁ। ତେବେ ପୁଲିସର ଏହି ଅଭିଯାନରେ ବାର ମାଲିକମାନେ ଯୋଡ଼ି ହେବାପରେ କିଛିଟା ଭଲଫଳ ମିଳିବ ବୋଲି ଆଶା କରାଯାଉଛି।

## ପ୍ରକାଶ ପାଇଲା ଚଳିତ ବର୍ଷର ଅସଲି ଖଡୀରନ୍ ପଞ୍ଜିକା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୨୦୨୪-୨୫ ବର୍ଷ ଲାଗି ଉମାକାନ୍ତ ଖଡୀରନ୍‌ଙ୍କ ଅସଲି ଖଡୀରନ୍ ପଞ୍ଜିକା ପ୍ରକାଶ ପାଇଛି। ୧୮୬୫ ମସିହାରେ ପ୍ରତିଷ୍ଠିତ ହୋଇଥିବା ଏହି ପାଞ୍ଜି ଓଡ଼ିଶାର ଅନ୍ୟତମ ପୁରାତନ ପାଞ୍ଜି ଭାବରେ ବେଶ୍ ଜଣାଶୁଣା। ସଂପ୍ରତି ଉମାକାନ୍ତ ଖଡ଼ୀରନ୍‌ଙ୍କ ଦୁଇ ସୁପୁତ୍ର ଇଂ.ପ୍ରିୟଦର୍ଶୀ ଖଡ଼ୀରନ୍ ଓ ଇଂ. ଦେବଦର୍ଶୀ ଖଡ଼ୀରନ୍ ଏହାର ସଂପାଦନା କରୁଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରଚଳିତ ଏବଂ ପୁରୀ ଗଜପତିଙ୍କଠାରୁ ଏକମାତ୍ର 'ଖଡ଼ୀରନ୍' ଉପାଧି ପ୍ରାପ୍ତ ଏହି ପାଞ୍ଜିର ରହିଛି ଅନେକ ବିଶେଷତ୍ୱ। ଚଳିତ ବର୍ଷ ତିଥି ନକ୍ଷତ୍ର ଯୋଗ କରଣ ତଥା ବାର ଇତ୍ୟାଦି ପଞ୍ଚାଙ୍ଗ ଏବଂ ଜ୍ୟୋତିଷ ସମ୍ବନ୍ଧୀତ ତଥ୍ୟ ସହ ଦୈନିକ ସୂର୍ଯ୍ୟୋଦୟ ସୂର୍ଯ୍ୟାସ୍ତ ସହ ଚନ୍ଦ୍ରଦୃଶ୍ୟ ସମୟ ପ୍ରଦତ୍ତ ରହିଛି। ଚଳିତ ବର୍ଷ ବୃହସ୍ପତିଙ୍କର ମଇ ୧ ତାରିଖରେ ବୃଷ ରାଶିକୁ ସଂଚାର ସହ ଶୁଭାଶୁଭ ଏବଂ ଶନିଙ୍କର ୨୦୨୫ ମସିହା ମାର୍ଚ୍ଚ ୨୯ ତାରିଖରେ ମୀନ ରାଶିକୁ ସଂଚାର ସହ ଶୁଭାଶୁଭ ଓ ଅଶୁଭ ନିରାକରଣ ପ୍ରଦତ୍ତ ରହିଛି।

# ଅଗ୍ନିଶମ ବିଭାଗରେ ସାମଗ୍ରୀ କିଣା ଦୁର୍ନୀତି: ବର୍ଷକରେ ଯନ୍ତ୍ରାଂଶ ମୂଲ୍ୟ ଦୁଇଗୁଣ ବୃଦ୍ଧି

**କଟକ, ନ୍ୟୁଜ ବ୍ୟୁରୋ**

ଯେଉଁ ଉପକରଣର ଦାମ ୨୦୨୨-୨୩ରେ ୮ ଲକ୍ଷ ଟଙ୍କା ଥିଲା, ତାହାକୁ ୨୦୨୩-୨୪ ଆର୍ଥିକ ବର୍ଷରେ ଦୁଇ ଗୁଣ ଅଧିକ ଦର ଅର୍ଥାତ ୧୬ ଲକ୍ଷ ଟଙ୍କାରେ କିଣିଛି ଅଗ୍ନିଶମ ବିଭାଗ। ଏହି ଉପକରଣ କିଣା ଟେଣ୍ଡରରେ ବଡ଼ ଧରଣର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏହାର ଛାନଭିନ୍ ହେଲେ ଏହା ପଛରେ ହୋଇଥିବା କାରବାର ଧରା ପଡିବ ବୋଲି କୁହାଯାଉଛି। ତଥ୍ୟ ଅନୁଯାୟୀ, ଅଗ୍ନିଶମ ବିଭାଗ ୨୦୨୨-୨୩ ଆର୍ଥିକ ବର୍ଷରେ ହାଇଡ୍ରୋଲିକ୍ କଟର, ସ୍ପ୍ରେଡର ସହିତ ପାୱାର ପ୍ୟାକ୍ ୨୬ଟି ସେଟ୍ କିଣିଥିଲା। ପ୍ରତି ସେଟ୍‌କୁ ୭ ଲକ୍ଷ ୯୫ ହଜାର ୫୮୩ ଟଙ୍କାରେ କିଣା ଯାଇଥିଲା। ୨୦୨୩-୨୪ ଆର୍ଥିକ ବର୍ଷରେ ସେହି ସମାନ ଧରଣର ୫୦ଟି ସେଟ୍ ଉପକରଣ ଅଗ୍ନିଶମ ବିଭାଗ କିଣିଥିଲା। କିନ୍ତୁ ପ୍ରତି ସେଟ୍ ପିଛା ୧୬ ଲକ୍ଷ ୫୯ ହଜାର ୯୦୬ ଟଙ୍କା ଖର୍ଚ୍ଚ କରାଯାଇଥିଲା। ମାତ୍ର ଗୋଟିଏ ବର୍ଷରେ ସେଟ୍ ପିଛା ମୂଲ୍ୟ ହଠାତ ଦୁଇ ଗୁଣ ବଢିଯିବା ଏବେ ସନ୍ଦେହର କାରଣ ହୋଇଛି। ୨୦୨୨ ସେପ୍ଟେମ୍ବର ୨୮ ତାରିଖରେ ଅଗ୍ନିଶମ ବିଭାଗ ପକ୍ଷରୁ ହାଇଡ୍ରୋଲିକ୍ କଟର, ସ୍ପ୍ରେଡର ସହିତ ପ୍ୱାର ପ୍ୟାକ୍ ୨୬ ସେଟ୍ କିଣିବା ପାଇଁ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତ ପ୍ରକାଶ ପାଇବା ପରେ ୯ଟି କମ୍ପାନି ଏଥିରେ ସାମିଲ ହୋଇଥିଲେ। ଏଥିରୁ ବୈଷୟିକ କମିଟି ଦୁଇଟି ସଂସ୍ଥାକୁ ଚୟନ କରିଥିଲା। ଏହି ଦୁଇଟି ସଂସ୍ଥା ଭିନ୍ନ ଭିନ୍ନ ଉପକରଣ ପ୍ରସ୍ତୁତକାରୀ କମ୍ପାନିର ସାମଗ୍ରୀ ନମୁନା ଉପସ୍ଥାପନ କରିଥିଲା। ସବୁଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥିବା ଆରୟ ଆସୋସିଏଟ୍ ଆର୍ଥିକ କମିଟିରେ ଚୂଡ଼ାନ୍ତ ହୋଇଥିଲା। ସେ ୨ କୋଟି ୬ ଲକ୍ଷ ୮୫ ହଜାର ୧୫୮ ଟଙ୍କାରେ ୨୬ଟି ସେଟ୍ ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଥିଲା। ଅର୍ଥାତ ଗୋଟିଏ ସେଟ୍ ପିଛା ମୂଲ୍ୟ ରହିଥିଲା ୭ ଲକ୍ଷ ୯୫ ହଜାର ୫୮୩ ଟଙ୍କା।

ଏଲ-୨ରେ ଥିବା କମ୍ପାନି ରେସକ୍ୟୁ ଟେକ୍ନୋଲଜି ୨୬ଟି ସେଟ୍ ଦେବାକୁ ୨ କୋଟି ୭ ଲକ୍ଷ ୯ ହଜାର ଟଙ୍କା ଉଲ୍ଲେଖ କରିଥିଲା। ଅର୍ଥାତ ସେଟ୍ ପିଛା ମୂଲ୍ୟ ଥିଲା ୭ ଲକ୍ଷ ୯୬ ହଜାର ୫୦୦ ଟଙ୍କା। ମୂଲ୍ୟ ଅଧିକ ଥିବା ଦର୍ଶାଇ ଏହି କମ୍ପାନିକୁ ଆର୍ଥିକ କମିଟିରେ ବାଦ୍ ଦିଆଯାଇଥିଲା। ଅଗ୍ନିଶମ ବିଭାଗ ଆରୟ ଆସୋସିଏଟ୍ ନିକଟରୁ ୨୬ ସେଟ୍ ଉପକରଣ କିଣିଥିଲା। ପୁଣି ଥରେ ୨୦୨୩ ଡିସେମ୍ବର ୧୨ ତାରିଖରେ ଅଗ୍ନିଶମ ବିଭାଗ ପକ୍ଷରୁ ସମାନ ହାଇଡ୍ରୋଲିକ୍ କଟର, ସ୍ପ୍ରେଡର ସହିତ ପ୍ୱାର ପ୍ୟାକ୍ ଖରିଦ ପାଇଁ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ୫ଟି କମ୍ପାନି ସାମିଲ ହୋଇଥିଲେ। ସେଥିରୁ ତିନୋଟି ସଂସ୍ଥାଙ୍କୁ ବୈଷୟିକ କମିଟି ଚୟନ କରିଥିଲା। ଏହି ତିନୋଟି ସଂସ୍ଥା ଗୋଟିଏ ପ୍ରସ୍ତୁତକାରୀ କମ୍ପାନି ହୋଲମେଟ୍ରୋରର ସାମଗ୍ରୀ ଯୋଗାଇବା ପାଇଁ ନମୁନା ବୈଷୟିକ କମିଟିରେ ଦାଖଲ କରିଥିଲେ। ଏହି ତିନୋଟି ମଧ୍ୟରୁ ଆର୍ଥିକ କମିଟିର ରେସକ୍ୟୁ ଟେକ୍ନୋଲଜି ସର୍ବନିମ୍ନ ମୂଲ୍ୟ ରଖିଥିବାରୁ ଚୟନ ହୋଇଥିଲା। ୨୦୨୩ ବର୍ଷରେ ଏହି କମ୍ପାନି ୮ କୋଟି ୩୦ ଲକ୍ଷ ୩୬ ହଜାର ୬୦୦ ଟଙ୍କାରେ ହାଇଡ୍ରୋଲିକ୍ କଟର, ସ୍ପ୍ରେଡର ସହିତ ପ୍ୱାର ପ୍ୟାକର ୫୦ଟି ସେଟ୍ ଦେବାକୁ ଚୁକ୍ତି ହୋଇଥିଲା। ବୁଝାମଣା ପରେ ଏହାର ମୂଲ୍ୟ ୮ କୋଟି ୨୯ ଲକ୍ଷ ୯୫ ହଜାର ୩୦୦ ଟଙ୍କାରେ ଚୂଡ଼ାନ୍ତ ହୋଇ କାର୍ଯ୍ୟାଦେଶ ହସ୍ତାନ୍ତର କରାଯାଇଥିଲା। ଏଥିରେ ଗୋଟିଏ ସେଟ୍‌ର ମୂଲ୍ୟ ପହଞ୍ଚିଯାଇଥିଲା ୧୬ ଲକ୍ଷ ୫୯ ହଜାର ୯୦୬ ଟଙ୍କା। ଏହି କମ୍ପାନି ୨୦୨୨-୨୩ ଆର୍ଥିକ ବର୍ଷରେ ଏଲ୍ ୨ ଭାବେ ବାଦ୍ ପଡ଼ିଥିଲା। ଗୋଟିଏ ସେଟ୍ ପିଛା ୭ ଲକ୍ଷ ୯୬ ହଜାର ୫୦୦ ଟଙ୍କା ଦର୍ଶାଇ ବାଦ ପଡିଥିବା କଂପାନି କିନ୍ତୁ ୨୦୨୩-୨୪ ଆର୍ଥିକ ବର୍ଷରେ ଗୋଟିଏ ସେଟ୍ ପିଛା ୧୬ ଲକ୍ଷ ୫୯ ହଜାର ୯୦୬ ଟଙ୍କା ଦର୍ଶାଇ ଟେଣ୍ଡର ହାତେଇ ନେଇଛି। ଏଭଳି ସ୍ଥିତିରେ ଗୋଟିଏ ବର୍ଷ ଭିତରେ ଅଗ୍ନିଶମ ବିଭାଗ ୫୦ଟି ସେଟ୍ ବାବଦରେ ଅତିରିକ୍ତ ୪ କୋଟି ୩୧ ଲକ୍ଷ ୭୦ ହଜାର ୩ ଶହ ଟଙ୍କା ଅଧିକ ଖର୍ଚ୍ଚ କରିଛି। ହାଇଡ୍ରୋଲିକ୍ କଟର ଓ ପାୱାର ପ୍ୟାକ୍ ସମାନ ମଡେଲ୍ ଉଭୟ ଆର୍ଥିକ ବର୍ଷରେ କିଣାଯାଇଥିବା ବେଳେ ଭିନ୍ନ ସ୍ପେଡର ମଡେଲ ପାଇଁ ଦୁଇ ଗୁଣ ଅଧିକ ମୂଲ୍ୟ ଦେବାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।




## ମଡେଲ୍ ବଦଳାଇ ୪ କୋଟି ଟଙ୍କା ଅଧିକ ଗଣିଛି ବିଭାଗ

## ଆନ୍ଧ୍ରରେ ନଜରବନ୍ଦୀ ଥିବା ୨୦ ନିର୍ଯାତିତ ଦାଦନ ଶ୍ରମିକ ଉଦ୍ଧାର, ମଜୁରୀ ମାଗିଲେ ଖାଉଥିଲେ ମାଡ଼

**ନବରଙ୍ଗପୁର, ନ୍ୟୁଜ ବ୍ୟୁରୋ**

ନଜରବନ୍ଦୀରେ ଥିବା ୨୦ ଜଣ ନିର୍ଯାତିତ ଦାଦନ ଶ୍ରମିକଙ୍କୁ ଆନ୍ଧ୍ରର ପେଦାପଡିରୁ ଉଦ୍ଧାର କରିଛି ପ୍ରଶାସନ। ଏହି ଶ୍ରମିକମାନଙ୍କୁ ମଜୁରୀ ମାଗିଲେ ମିଳୁଥିଲା ମାଡ଼। ଏବେ ବି ଫସିରହିଛନ୍ତି କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ୧୪ ଜଣ ଶ୍ରମିକ। ଉଦ୍ଧାର ହୋଇଥିବା ଶ୍ରମିକମାନେ ହେଲେ ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି, ଝରିଗାଁ ଓ ଚନ୍ଦାହାଣ୍ଡି ବ୍ଲକର ୨୦ ଜଣ। ସେମାନେ କହିବା ଅନୁଯାୟୀ ରାୟଗଡା ଜିଲ୍ଲାର ଗୁଣପୁର ଅଞ୍ଚଳର ଜିତୁ ନାମକ ଜଣେ ଦଲାଲ ସେମାନଙ୍କୁ ଖାଇବା ଓ ରହିବା ମାଗଣା ଦେଇ ଦୈନିକ ୫ଶହ ଟଙ୍କା ମଜୁରୀ ମିଳିବ କହି ଆନ୍ଧ୍ରର ପୂର୍ବ ଗୋଦାବରୀ ଜିଲ୍ଲା ପେଦାପଡି ଅଞ୍ଚଳରେ ହେଉଥିବା ଚିଙ୍ଗୁଡି ଚାଷ ମାଲିକ ନିକଟରେ ନେଇ ଛାଡିଥିଲେ। ସେମାନେ ସେଠାକୁ ଗଲା ପରେ ଶ୍ରମିକ ପିଛା ୨ରୁ ୩ହଜାର ଟଙ୍କା କେବଳ ଖାଇବା ପାଇଁ ଦେଉଥିଲେ। ସେମାନେ ସେଠାରେ କାମ କରି ପ୍ରାୟ ୧ଶହ ଦିନରୁ ଊର୍ଦ୍ଧ୍ୱ ହେଲେ ମଧ୍ୟ ସେମାନଙ୍କୁ ମଜୁରୀ ମିଳୁନଥିଲା। ଦୈନିକ ୮ ଘଣ୍ଟା ବଦଳରେ ୧୨ ଘଣ୍ଟା ଖଟାଉଥିଲେ। ମଜୁରୀ ମାଗିଲେ ମାଡ ମିଳୁଥିଲା। ସେମାନଙ୍କୁ ନଜରବନ୍ଦୀ କରି ରଖୁଥିଲେ। ରାତିରେ କୋଠରୀ ମଧ୍ୟରେ ତାଲା ପକାଇ ରଖୁଥିଲେ। ଏପରିକି ରାତିରେ ପରିଶ୍ରା କରିବା ପାଇଁ ବି କବାଟକୁ ବାଡେଇବାକୁ ପଡୁଥିଲା। ରାତିରେ ଜଣେ ସୁରକ୍ଷା କର୍ମୀ ଜଗି ରହୁଥିଲେ। ମୋବାଇଲରେ କଥା ହେବା ପାଇଁ ସୁଯୋଗ ମିଳୁନଥିଲା। ସନ୍ଦେହ ହେଲେ ମୋବାଇଲ ଛଡାଇ ନେଉଥିଲେ। କୌଣସି ଶ୍ରମିକଙ୍କ ସ୍ୱାସ୍ଥ୍ୟ ଖରାପ ହେଲେ କାମ କରିବା ପାଇଁ ବିଶ୍ରାମ ନେଲେ ମାଡ ମାରି କାମ କରିବା ପାଇଁ କୁହାଯାଉଥିଲା। ଏପରି ଅତ୍ୟାଚାର ସହିବା ପରେ ସେମାନେ ଏ ସଂକ୍ରାନ୍ତରେ ନିଜ ନିଜ ପରିବାରକୁ ଜଣାଇଥିଲେ।



# ବାଲେଶ୍ୱର ପୋଲିସକୁ ସଫଳତା : ୨୫ ମନ୍ଦିରରୁ ଚୋରି ସାମଗ୍ରୀ ଉଦ୍ଧାର ସହ ୭ ଗିରଫ



**ବାଲେଶ୍ୱର, ନ୍ୟୁଜ**

ଜିଲ୍ଲା ପୋଲିସକୁ ସଫଳତା । କିଛି ଦିନ ହେବ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ମନ୍ଦିରରୁ କ୍ରମାଗତ ଭାବେ ଚୋରି ହେଉଥିବା ଘଟଣା ସାମ୍ନାକୁ ଆସିଥିଲା । ଏହାକୁ ଗୁରୁତର ସହ ନେଇ ବାଲେଶ୍ୱର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ସଦର ଏସଡିପିଓଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ଚୋରି ଘଟଣାର ତଦନ୍ତ କରିଥିଲେ । ୨୫ଟି ମନ୍ଦିରରୁ ଚୋରି ହୋଇଥିବା ସାମଗ୍ରୀ ଉଦ୍ଧାର ସହ ଏହି ମାମଲାରେ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ବାଲେଶ୍ୱର ପୋଲିସ । ଏସପିଙ୍କ ସୂଚନା ଅନୁସାରେ, ଜିଲ୍ଲାର ବିଭିନ୍ନ ଫାଣ୍ଡିରେ କେସ ରେଜିଷ୍ଟର ପରେ ବାଲେଶ୍ୱର ଏସପିଙ୍କ ନିର୍ଦ୍ଦେଶରେ ସଦର ଏସ.ଡି.ପିଓଙ୍କ ନେତୃତ୍ୱରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରୁ ବିଭିନ୍ନ ମନ୍ଦିରରୁ ଚୋରି କରୁଥିବା ଏକ ୭ ଜଣିଆ ଗ୍ୟାଙ୍ଗକୁ ବାଲେଶ୍ୱର ପୋଲିସ ଧରିବାରେ ସଫଳ ହୋଇଛି । ଗ୍ୟାଙ୍ଗର ସମସ୍ତ ଲୋକ ମୟୂରଭଞ୍ଜ ଅଞ୍ଚଳର ବୋଲି ଜଣାପଡ଼ିଛି । ଗତ ୫ ତାରିଖରେ ଚାନ୍ଦିପୁର ଅଞ୍ଚଳରେ ୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କୁ ରିମାଣ୍ଡ ନେବା ପରେ ପୁଣି ଆଉ ୩ ଜଣଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ଜବତ ସାମଗ୍ରୀର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଏହି ଗ୍ୟାଙ୍ଗ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ଥିବା ବହୁ ମନ୍ଦିରରୁ ପିତଳ ମୂର୍ତ୍ତି ସମେତ ରୂପାର ଅଳଙ୍କାର ଚୋରି କରି ଫେରାର ହୋଇ ଯାଉଥିଲେ । ସେମାନଙ୍କ ମଧ୍ୟରୁ ୩ ଜଣ ଚୋର ମନ୍ଦିର ଆସବାବପତ୍ର ସହ ଅଳଙ୍କାର ଚୋରି କରୁଥିବା ବେଳେ ଆଉ ୩ ଜଣ ବିକ୍ରି ପାଇଁ ଯୋଜନା ପ୍ରସ୍ତୁତ କରୁଥିଲେ। ସାଇବର ଟିମ ଓ ଜିଲ୍ଲା ଗୁଇନ୍ଦା ବିଭାଗ ଏମାନଙ୍କ ଉପରେ ଦୀର୍ଘ ଦିନଧରି ନଜର ରଖିଥିଲା । ଶେଷରେ ସେମାନଙ୍କୁ ଧରିବାରେ ପୋଲିସ ସଫଳ ହୋଇଥିଲା । ଜିଲ୍ଲାର ସମୁଦାୟ ୧୯ ମନ୍ଦିର ଚୋରି କେସରେ ୮୦ ପ୍ରତିଶତ ଜିନିଷ ଉଦ୍ଧାର ହୋଇଛି । ବାକି ୬ଟି ମନ୍ଦିର ଚୋରି କେସର ତଦନ୍ତ ଚାଲିଛି। ଜିଲ୍ଲାର ବିଭିନ୍ନ ମନ୍ଦିରରୁ ଚୋରି ହୋଇଥିବା ମନ୍ଦିର ଭିତରେ, ଖନ୍ତାପଡ଼ା ଥାନା ଅଧିନ ନୂଆଗଡ଼ିଆର ହନୁମାନ ମନ୍ଦିର, ଶିକ୍ସାଞ୍ଚଳ ଥାନା ଅଧିନ ଶ୍ରୀକୃଷ୍ଣପୁର ଏବଂ ନରହରିପୁରର ଦୁଇଟି ମନ୍ଦିର, ସଦର ଥାନା ଅଧିନ ତଳବରାଇ ଶିବ ମନ୍ଦିର ଏବଂ ଅନନ୍ତ ନାରାୟଣ ମନ୍ଦିର, ଚାନ୍ଦିପୁର ଥାନା ଅଧିନ ଶିବ ମନ୍ଦିର ଏବଂ ହନୁମାନ ମନ୍ଦିର, ସୋର ଥାନା ଅଧିନ ନୀଳକଣ୍ଠ ମନ୍ଦିର, ଦାଣ୍ଡକାଳୀ ମନ୍ଦିର, ଲକ୍ଷ୍ମୀ ନାରାୟଣ ମନ୍ଦିର ଏବଂ ମା' ମଙ୍ଗଳା ମନ୍ଦିର, ନୀଳଗିରି ଥାନା ଅଧିନ ତାରିଣୀ ମନ୍ଦିର, ବରହମପୁର ଥାନା ଅଧିନରେ ଥିବା ସର୍ବେଶ୍ୱର ମନ୍ଦିର ଏବଂ ସିଦ୍ଧେଶ୍ୱର ମନ୍ଦିର, ରେମୁଣା ଥାନା ଅଧିନ ଶିବ ମନ୍ଦିର, ଅନ୍ଧାରୀ ମଙ୍ଗଳା ମନ୍ଦିର, ସର୍ବମଙ୍ଗଳା ମନ୍ଦିର, ବାଲିଆପାଳର ହନୁମାନ ମନ୍ଦିର, ଯୋଗେଶ୍ୱର ମନ୍ଦିର, କମର୍ଦ୍ଦାର ତାରିଣୀ ମନ୍ଦିର, ନାମ୍ପୋର ଶିବ ମନ୍ଦିର, ସିଂଲା ଅଞ୍ଚଳର ନିତାଇ ଗୌର ମଠ, କଷାଫଳ ଶିବ ମନ୍ଦିର, ରୁପ୍ସାର ନିଳକଣ୍ଠେଶ୍ୱର ମନ୍ଦିର ଚୋରି ସାମଗ୍ରୀ ଉଦ୍ଧାର କରାଯାଇଛି ।

ଏହାସହ ଚୋରି କାର୍ଯ୍ୟରେ ବ୍ୟବହାର କରାଯାଇଥିବା ବାଇକ ଏବଂ କାର୍ ମଧ୍ୟ ପୋଲିସ ଜବତ କରିଛି । ଚୋରି ହୋଇଥିବା ମନ୍ଦିରର ପୂଜକ ତଥା ମନ୍ଦିର ପରିଚାଳନା କମିଟିର ସଦସ୍ୟମାନଙ୍କୁ ଡକାଯାଇ ସେମାନଙ୍କ ମନ୍ଦିରର ସାମଗ୍ରୀ ଚିହ୍ନଟ କରାଯାଇ ସେମାନଙ୍କୁ ପ୍ରଦାନ କରାଯିବ ବୋଲି ଏସ୍‌ପି କହିଛନ୍ତି ।

# ଭୁବନେଶ୍ୱର ବିମାନବନ୍ଦରରେ ଲାଗିବ ଆଇଏଲବିଏସ୍ ସିଷ୍ଟମ

**ନୂଆଦିଲ୍ଲୀ,**

ଖୁବ୍‌ଶୀଘ୍ର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଯାତ୍ରୀଙ୍କର ଲଗେଜ ଯାଞ୍ଚ ପାଇଁ 'ଇନ୍ ଲାଇନ୍ ବ୍ୟାଗେଜ ସ୍କ୍ରିନିଂ' (ଆଇଏଲ୍‌ବିଏସ୍) ସିଷ୍ଟମ ଲାଗିବ। ବ୍ୟୁରୋ ଅଫ ସିଭିଲ ଆଭିଏସନ ସିକ୍ୟୁରିଟି (ବିସିଏଏସ୍)ର ଜଣେ ଉଚ୍ଚପଦସ୍ଥ ଅଧିକାରୀ କହିଛନ୍ତି ଯେ ବର୍ତ୍ତମାନ ଦେଶରେ ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଭଳି ବଡ଼ବଡ଼ ବିମାନ ବନ୍ଦରରେ ଆଇଏଲ୍‌ବିଏସ୍ ସିଷ୍ଟମ ଲାଗିଥିବାବେଳେ ଭୁବନେଶ୍ୱର ସମେତ ଅନ୍ୟ କିଛି ବ୍ୟସ୍ତବହୁଳ ବିମାନବନ୍ଦରରେ ଏହା ଖୁବ୍ ଶୀଘ୍ର ଲାଗିବ। ଉଲ୍ଲେଖଯୋଗ୍ୟ, ବିସିଏଏସ୍ ପକ୍ଷରୁ ବିମାନବନ୍ଦରଗୁଡ଼ିକର ସୁରକ୍ଷା ନିୟମ ଓ ଷ୍ଟାଣ୍ଡାର୍ଡର ନିୟମିତ ବ୍ୟବଧାନରେ ତଦାରଖ କରାଯାଇଥାଏ। ଭୁବନେଶ୍ୱର ବିମାନବନ୍ଦର ସମେତ ଦେଶର ଅନ୍ୟ କିଛି ବିମାନବନ୍ଦରରେ ଅନ୍ୟ ସ୍ଥାନକୁ ଯାଉଥିବା ଯାତ୍ରୀଙ୍କର ଲଗେଜଗୁଡ଼ିକୁ ଏୟାରଲାଇନ୍ସ କାଉଣ୍ଟର ବଦଳରେ ଅଲଗା ରଖାଯାଇଥିବା ଏକ୍ସ-ରେ ମେସିନ୍‌ରେ ଯାଞ୍ଚ କରାଯାଇଥାଏ। ଯାଞ୍ଚ ପରେ ଲଗେଜ୍‌ଗୁଡ଼ିକୁ ବିମାନବନ୍ଦରରେ ନିୟୋଜିତ କର୍ମଚାରୀମାନେ ଟ୍ୟାଗ ସହ ସିଲ ଲଗାଇବା ପରେ ଯାତ୍ରୀମାନେ ନିଜେ ଏୟାରଲାଇନ୍ସ କାଉଣ୍ଟରକୁ ଲଗେଜ ଆଣିଥାନ୍ତି। ତା'ପରେ ଲଗେଜଗୁଡ଼ିକୁ ପଞ୍ଜୀକୃତ ଲଗେଜ ବିମାନରେ ଲୋଡ୍ କରି ଯାତ୍ରୀଙ୍କୁ ବୋର୍ଡିଂ ପାସ ଦିଆଯାଇଥାଏ। ଏକ୍ସ-ରେ ମେସିନରୁ କାଉଣ୍ଟର ପର୍ଯ୍ୟନ୍ତ ଦୂରତାରେ ଯେତେବେଳେ ଯାତ୍ରୀଙ୍କ ଦ୍ୱାରା ଲଗେଜ ଅଣାଯାଉଛି ସେତେବେଳେ ଲଗେଜରେ ଯାତ୍ରୀଙ୍କ ଦ୍ୱାରା କିଛି ପ୍ରତିବନ୍ଧକ ସାମଗ୍ରୀ ରଖାଯିବା ଭଳି ସୁରକ୍ଷା ଉଲ୍ଲଂଘନର ଆଶଙ୍କା ରହିଥାଏ। ଏଭଳି ଆଶଙ୍କାକୁ ଦୂର କରିବାପାଇଁ ଆଇଏଲ୍‌ବିଏସ୍ ସିଷ୍ଟମ ଲଗାଯିବାର ବିକଳ୍ପ ରହିଛି। ଆଇଏଲ୍‌ବିଏସ୍ ସିଷ୍ଟମ ଲାଗିବା ପରେ ଏକ୍ସରେ ସ୍କାନରର ଆବଶ୍ୟକତା ପଡ଼ିବ ନାହିଁ।




## ବିଜେଡି ଛାଡିଲେ ପୂର୍ବତନ ମହିଳା କମିଶନ ଅଧକ୍ଷା ଜ୍ୟୋତି ପାଣିଗ୍ରାହୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଜେଡି ଛାଡ଼ିଛନ୍ତି ପୂର୍ବତନ ମହିଳା କମିଶନ ଅଧକ୍ଷା ଜ୍ୟୋତି ପାଣିଗ୍ରାହୀ। ସେ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଜ୍ୟୋତି ପାଣିଗ୍ରାହୀ ବିଜୁ ମହିଳା ଜନତା ଦଳର ବରିଷ୍ଠ ଉପସଭାପତି ଓ ସୁନ୍ଦରଗଡ଼ ଜିଲ୍ଲା ବିଜେଡିର ପର୍ଯ୍ୟବେକ୍ଷକ ଥିଲେ। ଜ୍ୟୋତିଙ୍କ ସହ ତାଙ୍କ ସ୍ୱାମୀ ସରୋଜ ପାଣିଗ୍ରାହୀ ମଧ୍ୟ ବିଜେଡି ଛାଡ଼ିଛନ୍ତି। ନିଜ ଇସ୍ତଫା ପତ୍ରରେ ଜ୍ୟୋତି ଲେଖିଛନ୍ତି, ବିଜେଡି ଆଉ ଆଗର ବିଜେଡି ହୋଇ ରହିନାହିଁ। ଲୋକଙ୍କ ସେବା ପାଇଁ ଆଗ ପରି ବିଜେଡିର ଏକତା କି ଗଣତାନ୍ତ୍ରିକ ମୂଲ୍ୟବୋଧ ନାହିଁ। ଏବର ହୋହାଲ୍ଲା ଭିତରେ ଏକୁଟିଆ ଲାଗୁଛି। ଦଳର ନେତାଙ୍କୁ ଭେଟି ବି ହେଉନାହିଁ। ତେଣୁ ଦଳ ଛାଡ଼ିବାକୁ ବାଧ ହେଉଛି। ୧୯୯୫ ମସିହାରେ ବିଜୁ ପଟ୍ଟନାୟକଙ୍କ ଡାକରାରେ ମୁଁ ଅଧ୍ୟାପିକା ଚାକିରି ଛାଡ଼ି ରାଜନୀତିକୁ ଆସିଥିଲି ବୋଲି ଜ୍ୟୋତି ପାଣିଗ୍ରାହୀ କହିଛନ୍ତି।

# ଇସ୍ରାଏଲ୍-ଇରାନ୍ ମୁହାଁମୁହିଁ

ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଇସ୍ରାଏଲ ଉପରେ ସିଧାସଳଖ କ୍ଷେପଣାସ୍ତ୍ର ଆକ୍ରମଣ କରିପାରେ ଇରାନ୍। ଏଥିପାଇଁ ଇରାନ୍ ଶତାଧିକ କ୍ଷେପଣାସ୍ତ୍ର ଓ ୧ ହଜାର ଡ୍ରୋନ୍ ପ୍ରସ୍ତୁତ ରଖିଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ ଇସ୍ରାଏଲ ହାଇଆଲର୍ଟରେ ରହିଛି। ଅନ୍ୟପକ୍ଷରେ ଇରାନ୍ ଆକ୍ରମଣର ମୁକାବିଲା ପାଇଁ ଇସ୍ରାଏଲର ତୁହାକୁ ତୁହା ରଣନୀତିକ ବୈଠକ ଚାଲିଛି ଏବଂ ଆମେରିକା ଲଗାତାର ଇସ୍ରାଏଲ ସହ ସଂପର୍କରେ ରହିଛି। 'ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ'ରେ ପ୍ରକାଶିତ ରିପୋର୍ଟ ମୁତାବକ ଇସ୍ରାଏଲ ଉପରେ ଆକ୍ରମଣ ପାଇଁ ଇରାନ୍ ସବୁ ପ୍ରସ୍ତୁତି ଶେଷ କରିଛି ଏବଂ ଦୁଇ ଦିନ ମଧ୍ୟରେ ଯେ କୌଣସି ମୁହୂର୍ତ୍ତରେ ଏହି ଆକ୍ରମଣ ଆରମ୍ଭ ହୋଇଯାଇପାରେ। ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖେମେନିଙ୍କ ଜଣେ ପରାମର୍ଶଦାତା କହିଛନ୍ତି, ଇସ୍ରାଏଲକୁ ଏକ ଚରମ ଶିକ୍ଷା ଦେବାଲାଗି ଆକ୍ରମଣ ସଂକ୍ରାନ୍ତ ପ୍ରସ୍ତାବକୁ ମଂଜୁରି ମିଳିସାରିଛି। ଏହି ଆକ୍ରମଣର ସମସ୍ତ ସମ୍ଭାବ୍ୟ ବିପଦକୁ ଆକଳନ କରାଯାଇଛି ଏବଂ ସେହି ଅନୁସାରେ ମଧ୍ୟପ୍ରାଚ୍ୟର ଅନ୍ୟ ରାଷ୍ଟ୍ରଗୁଡ଼ିକ ସହିତ ମଧ୍ୟ ଇରାନ୍ ଯୋଗାଯୋଗରେ ଥିବା ସେ କହିଛନ୍ତି। ଇସ୍ରାଏଲ ନିକଟରେ ସିରିଆରେ କରିଥିବା ଆକ୍ରମଣରେ ଇରାନର ଜଣେ ଶୀର୍ଷ ଜେନେରାଲ ଏବଂ ଅନ୍ୟ ୬ ଜଣ ସାମରିକ ଅଧିକାରୀଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆଶଙ୍କା ବଢ଼ିଯାଇଛି। ଏହି ଆକ୍ରମଣର ପ୍ରତିଶୋଧ ନେବାକୁ ଇରାନ୍ ଘୋଷଣା କରିବା ପରେ ଇସ୍ରାଏଲକୁ ସୁରକ୍ଷା ଦେବାପାଇଁ ଆମେରିକା ଓ ଏହାର ମିତ୍ର ରାଷ୍ଟ୍ରମାନେ ତତ୍ପରତା ଦେଖାଇଛନ୍ତି। ଇରାନ୍ ଯଦି କୌଣସି ଗଣବିଧ୍ୱଂସୀ ଅସ୍ତ୍ର ପ୍ରୟୋଗ କରିବ, ତା'ହେଲେ ଇସ୍ରାଏଲ ମଧ୍ୟ ସମାନ ଅସ୍ତ୍ରରେ ଏହାର ଜବାବ ଦେଇପାରେ ବୋଲି ସାମରିକ ବିଶେଷଜ୍ଞମାନେ ଅନୁମାନ କରିଛନ୍ତି।

ଇରାନ୍ ଓ ଇସ୍ରାଏଲ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିବା ବେଳେ ଉଭୟ ରାଷ୍ଟ୍ର ଯେକୌଣସି ମୁହୂର୍ତ୍ତରେ ପରସ୍ପର ଉପରେ ଆକ୍ରମଣ କରିପାରନ୍ତି। ଏହାକୁ ଦୃଷ୍ଟିରେ ରଖି ବିଦେଶ ମନ୍ତ୍ରଣାଳୟ ଭାରତୀୟଙ୍କ ପାଇଁ ସୁରକ୍ଷା ସଂକ୍ରାନ୍ତ ନିର୍ଦ୍ଦେଶାବଳୀ ଜାରି କରିଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଭାରତୀୟମାନେ ଇରାନ୍ ଓ ଇସ୍ରାଏଲ ଗସ୍ତରେ ନଯିବା ପାଇଁ ପରାମର୍ଶ ଦିଆଯାଇଛି । ଯେଉଁ ଭାରତୀୟମାନେ ଏବେ ଇରାନ୍ ଓ ଇସ୍ରାଏଲରେ ଅଛନ୍ତି ସେମାନେ ନିଜ ସୁରକ୍ଷା ପ୍ରତି ମଧ୍ୟ ସତର୍କ ରହିବା ସହ ଭାରତୀୟ ଦୂତାବାସ ସହ ଯୋଗାଯୋଗରେ ରହିବାକୁ କୁହାଯାଇଛି। ଫ୍ରାନ୍ସ ଏବଂ ଆମେରିକା ମଧ୍ୟ ସେମାନଙ୍କ ନାଗରିକଙ୍କୁ ଇରାନ୍, ଇସ୍ରାଏଲ, ଲେବାନନ ଏବଂ ପାଲେଷ୍ଟାଇନ ଅଞ୍ଚଳକୁ ନଯିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛି।

# ଓଡ଼ିଆ ସଂସ୍କୃତିର ଆଦ୍ୟ ପର୍ବ 'ମହାବିଷୁବ ସଂକ୍ରାନ୍ତି'



ଡକ୍ଟର ଅଜୟ କୁମାର ନନ୍ଦ
(ସହକାରୀ ପ୍ରାଧ୍ୟାପକ ଓ ଉପ ବିତ୍ତ ଅଧିକାରୀ)
କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ajayakumarnanda@gmail.com

(ପରିତାପର ବିଷୟ ଏହିକି ଯେ ଆଧୁନିକ ମଣିଷ ପାଶ୍ଚାତ୍ୟଭିମୁଖୀ ମାନସିକତାରେ ବୁଡି ରହି ଓଡ଼ିଆ ନବ ବର୍ଷ ପାଳନ କରିବାରେ ଆଗ୍ରହ ପ୍ରକାଶ କରୁନାହାନ୍ତି କେବଳ ଏ ଦିନକୁ ଏକ ପର୍ବ ଆକାରରେ ପାଳନ କରୁଛନ୍ତି। ଆମେ ଓଡ଼ିଆ ହୋଇ ଓଡ଼ିଆ ନବବର୍ଷକୁ ସୌହାର୍ଦ୍ଦ୍ୟ ପୂର୍ଣ୍ଣଭାବରେ ପାଳନ ନ କଲେ ଆମ ସଂସ୍କୃତିର ଯେ ଅବକ୍ଷୟ ହେବ ତା ନୁହେଁ ଆଗାମୀ ପିଢି ଅପସଂସ୍କାରକୁ ଆଦରେଇବା ପାଇଁ ଅନେକ ଖୋରାକ ଯୋଗାଇବ। ଆସନ୍ତୁ ଓଡ଼ିଆ ନବବର୍ଷ ପାଳନ କରି ଓଡ଼ିଶା ସଂସ୍କୃତି ଓ ଐତିହ୍ୟକୁ ଆଗକୁ ନେବା ସହିତ ମୁକ୍ତ କଣ୍ଠରେ କହିବା "ଆମେ ଓଡ଼ିଆ ଭାରି ବଢ଼ିଆ"।)

ଉତ୍କଳୀୟ ସଂସ୍କୃତି ଓ ପରମ୍ପରାରେ ପାଳିତ ହେଉଥିବା ଆଦ୍ୟ ପର୍ବ ହେଉଛି ମହାବିଷୁବ ସଂକ୍ରାନ୍ତି। ମଣିଷର ଜୀବନଚର୍ଯ୍ୟାକୁ ପରିମାର୍ଜିତ କରିବା ସହିତ ମନରେ ଆଧ୍ୟାତ୍ମିକ ଜାଗରଣ ପାଇଁ ପାଳିତ ହୁଏ ବାର ମାସରେ ତେର ପର୍ବ। ସେଥିପାଇଁ ଓଡ଼ିଆ କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ଆଧ୍ୟାତ୍ମିକ ସରଞ୍ଜନା ପାଇଁ ଆମେ ସର୍ବଦା ବିଶ୍ୱଦରବାରରେ ଅଭିନନ୍ଦନୀୟ। ସମୟ ଚକ୍ରର ଗତାନୁଗତିକ ଅବଧିରେ ଆରମ୍ଭ ଓ ଶେଷ ହେଉଛି ଏକ ନିରନ୍ତର ପ୍ରକ୍ରିୟା ଯେଉଁଥିରେ ଥାଏ ବର୍ଷ, ମାସ, ଦିନ, ବାର ଓ ତିଥି। ମଣିଷ ତା'ର ପ୍ରତ୍ୟେକ କାର୍ଯ୍ୟ ଏକ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଆରମ୍ଭ ଓ ଶେଷ କରି ନିଜର ଲକ୍ଷ୍ୟ ହାସଲ କରିବା ସହିତ ସମୟାନୁବର୍ତ୍ତିତା ହେବା ପରିଚୟ ଦେଇଥାଏ। କର୍ମମୟ ଜୀବନର ଦୁଇଟି ଶୃଙ୍ଖଳ ହେଉଛି "ଆଦ୍ୟ ଓ ପ୍ରାନ୍ତ" ଅର୍ଥାତ୍ ଯେ କୌଣସି କାର୍ଯ୍ୟର ଆରମ୍ଭ ଓ ଶେଷ ଥାଏ, ଏଥିରେ ବ୍ୟତିକ୍ରମ ହେଲେ ଏହା ମଣିଷକୁ ଆତ୍ମତୃପ୍ତି ଆଦୌ ଦେଇନଥାଏ। ଆଜିର ଦିନଟିର ଏକ ବିଶେଷତ୍ୱ ହେଉଛି ଏକ 'ଆରମ୍ଭର ଦିନ' ଯଥା ସୌର ବର୍ଷ ଆରମ୍ଭ, ବୈଶାଖ ମାସ ଆରମ୍ଭ, ଗ୍ରୀଷ୍ମ ଋତୁ ଆରମ୍ଭ ଇତ୍ୟାଦି। ବର୍ଷକ ବାରମାସ, ଏ ଦୃଷ୍ଟିରୁ ବିଚାର କଲେ ବୈଶାଖ ମାସ ହେଉଛି ଆରମ୍ଭ ମାସ। ବର୍ଷରେ ପାଳନ ହେଉଥିବା ବିଭିନ୍ନ ପର୍ବପର୍ବାଣି ସହିତ ସମୟକୁ ସଠିକ ମାର୍ଗରେ ପରିଚାଳନା କରିବା ପାଇଁ ଜ୍ୟୋତିର୍ବିଦ୍‌ମାନେ ଗ୍ରହ, ନକ୍ଷତ୍ରର ଗତିବିଧିକୁ ଅନୁସରଣ କରି ବାର୍ଷିକ ପଞ୍ଜିକା ପ୍ରଚଳନ କରନ୍ତି ଯେଉଁଥିରେ ଶୁଭାଶୁଭ ସମୟ ନିର୍ଘଣ୍ଟ କରିଥାନ୍ତି। ଉତ୍କଳର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ସମସ୍ତ ନୀତିକାନ୍ତି ଏହି ପଞ୍ଜିକା ଅନୁସାରେ ହୋଇଥାଏ। ସେଥିପାଇଁ ଏହିଦିନ ଶ୍ରୀମନ୍ଦିରରେ ନୂତନ ପଞ୍ଜିକା ପ୍ରଚଳନ ବ୍ୟବସ୍ଥା କେଉଁ ଆବାହମାନ କାଳରୁ ହୋଇ ଆସୁଛି, ଯାହା ଏକ ନୂତନ ବର୍ଷ ଆଗମନର ସୂଚନା ଦେଇଥାଏ। ଏହାକୁ ଆମେ "ଓଡ଼ିଆ ନବ ବର୍ଷ" ଓ ମହାବିଷୁବ ସଂକ୍ରାନ୍ତି ବୋଲି କହିଥାଉ। ଭୌଗୋଳିକ ଦୃଷ୍ଟିକୋଣରୁ ବିଚାର କଲେ, ପୃଥିବୀର ବିଷୁବ ରେଖା ଭାରତ ମଧ୍ୟ ଦେଇ ଯାଇଛି। ବିଷୁବମେରୁ ରେଖାରେ ସୂର୍ଯ୍ୟଙ୍କ ଅବସ୍ଥିତି ବା ସଂକ୍ରମଣକୁ ଭାରତୀୟ ଜ୍ୟୋତିଷମାନେ ଏହାକୁ ମହାବିଷୁବ ସଂକ୍ରାନ୍ତି ବୋଲି ନାମକରଣ କରିଛନ୍ତି। ସୂର୍ଯ୍ୟ ପୃଥିବୀର କ୍ରାନ୍ତି ପଥରେ ଗତିକୁ ବାର ଭାଗରେ ବିଭକ୍ତ କରାଯାଇଛି ଯାହା ବାରଟି ରାଶିରେ ନାମିତ। ସୂର୍ଯ୍ୟ ଗୋଟିଏ ରାଶିରେ ତିରିଶ ଦିନ ବା ଗୋଟିଏ ମାସ ଅବସ୍ଥାନ କରି ଅନ୍ୟ ଏକ ରାଶିକୁ ସଂକ୍ରମଣ କରୁଥିବାରୁ ଏହାକୁ ସଂକ୍ରାନ୍ତି ବୋଲି କୁହାଯାଏ ଏବଂ ଏହା ରାଶିର ନାମ ଅନୁସାରେ ନାମକରଣ କରାଯାଇଛି। ରାଶିଚକ୍ରରେ ଯେଉଁ ବାର ରାଶିର ସମାହାର, ସେଇ ମଧ୍ୟରୁ ମେଷ ରାଶି ହେଉଛି ଆଦ୍ୟ ବା ପ୍ରଥମ ରାଶି ତଦନୁଯାୟୀ ଏହାକୁ ମଧ୍ୟ ମେଷ ସଂକ୍ରାନ୍ତି ବୋଲି କୁହାଯାଏ। ଅନ୍ୟ ପକ୍ଷରେ ଋତୁଚକ୍ରର ଯେଉଁ ବାରମାସର ଅବଧି ତନ୍ମଧ୍ୟରୁ ବୈଶାଖ ମାସ ହେଉଛି ଆରମ୍ଭ ମାସ। ବୈଶାଖ ମାସରେ ସୂର୍ଯ୍ୟ ମେଷ ରାଶିରେ ପ୍ରବେଶ କରିବା ଦିନକୁ ନବବର୍ଷ ବୋଲି ଗଣନା କରାଯାଏ। ଯେ କୌଣସି କାର୍ଯ୍ୟକୁ ଠିକ ସମୟ ଅବଧି ମଧ୍ୟରେ ସମ୍ପାଦନ କରିବା ଏକ ମାନବ ଶୃଙ୍ଖଳ, ଏହା ମନୁଷ୍ୟକୁ ସଠିକ ମାର୍ଗରେ ପରିଚାଳନା କରିବା ପାଇଁ ଅନେକ ଖୋରାକ ଯୋଗାଏ। ସୌର ମଣ୍ଡଳର ଯେଉଁ ଗୋଟିଏ ନକ୍ଷତ୍ର ଓ ଉପଗ୍ରହ ଦ୍ୱାରା ଦିନ ଓ ରାତି ପରିବର୍ତ୍ତନ ହୁଏ ତାହା ହେଉଛି ସୂର୍ଯ୍ୟ ଓ ଚନ୍ଦ୍ର। ଏମାନଙ୍କ ଗତି ଅନୁସାରେ ସୌର ମାସ ବା ଚନ୍ଦ୍ର ମାସ ରୂପେ ଗଣନା କରିଥାଉ। ସୌର ମାସ ଅନୁସାରେ ସଂକ୍ରାନ୍ତିକୁ ମାସର ପ୍ରଥମ ଦିନ କହୁଥିବାବେଳେ, ଚନ୍ଦ୍ର ମାସ ଅନୁସାରେ ପୂର୍ଣ୍ଣିମାର ପରଦିନକୁ ମାସର ପ୍ରଥମ ଦିନ ବୋଲି ଗଣନା କରାଯାଏ। ସର୍ବ ଶକ୍ତିମାନ ଓ ସକଳ ଶକ୍ତିର ଆଧାର ସୂର୍ଯ୍ୟ ଦେବଙ୍କ ଚଳନକୁ ସବୁ କିଛିର ସୃଷ୍ଟି ବା ଆରମ୍ଭ ବୋଲି ଧରି ନିଆଯାଇଛି। ଏହିଦିନ ମଠ, ମନ୍ଦିର, ଦେବାଦେବୀ ପୀଠ ସମେତ ହିନ୍ଦୁ ଗୃହ ଗୁଡିକ ଖୁବ ଚଳଚଞ୍ଚଳ ଅନୁଭୂତ ହୁଏ। ଭାରତୀୟ ସଂସ୍କୃତିରେ ଶାଳଗ୍ରାମ ଓ ନାରାୟଣଙ୍କୁ ଜଳସାୟୀ କରିଯିବା ବ୍ୟବସ୍ଥା ମଧ୍ୟ ପ୍ରଚଳିତ। ବ୍ରତ, ଉପବାସ ସହିତ ଦାନ, ଧର୍ମ କଲେ ପୁଣ୍ୟ ଫଳ ମିଳେ ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି। ଏହିଦିନ ସୂର୍ଯ୍ୟ ଦେବଙ୍କୁ ପୂଜନ କରିବା ଏକ ମାହେନ୍ଦ୍ର ମୁହୂର୍ତ୍ତ ବୋଲି ଅନେକ ମଧ୍ୟ ବିଶ୍ୱାସ କରନ୍ତି। ଉତ୍କଳୀୟ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ବିଭିନ୍ନ ଦେବୀ ପୀଠ ସମେତ ଅନେକ ଶୈବ ପୀଠରେ ଏହିଦିନ ମେରୁଯାତ୍ରା, ଦଣ୍ଡଯାତ୍ରା, ଝାମୁଯାତ୍ରା ଆଦି ଭିନ୍ନ ନାମରେ ପାଳନ କରାଯାଏ। ଗ୍ରୀଷ୍ମର ପ୍ରଖରତାକୁ ନଜର ରଖି ଶରୀରରେ ଉତ୍ତାପ ପ୍ରଶମନ ପାଇଁ ପଣା ପିଇବା ବିଧି ପ୍ରଚଳନ କରାଯାଇଛି। ଏଥିପାଇଁ ଆମେ ସୁସ୍ୱାଦୁ ପଣା ପ୍ରସ୍ତୁତ କରି ପ୍ରଥମେ ଇଷ୍ଟ ଦେବାଦେବୀଙ୍କୁ ଅର୍ପଣ କରି, ପରିବାର ସଦସ୍ୟମାନେ ପରସ୍ପରଙ୍କୁ ଆପ୍ୟାୟିତ କରି ଖୁସି ମନାଉଥିବାରୁ ଏହାକୁ ପଣାସଂକ୍ରାନ୍ତି ବୋଲି ମଧ୍ୟ କୁହାଯାଏ। ପଣାରେ ବିଶେଷ କରି ପାଚିଲା ବେଲ, ଛେନା, କଦଳୀ, କ୍ଷୀର, ଦହି, ଆଖୁରସ, ଗୋଲମରିଚ, କାଜୁ, କିସମିସ, ଆମ୍ବ ଓ ନଡ଼ିଆ ପ୍ରଭୃତି ମିଶାଇ ସୁସ୍ୱାଦୁ ପଣା ପ୍ରସ୍ତୁତ କରନ୍ତି। ଦିନ ତମାମ ବିଭିନ୍ନ ଜାଗାରେ ନାଚ, ଗୀତ ସମେତ ଦେବାଦେବୀ ପୀଠରେ ବିଭିନ୍ନ ରକମର ପୂଜାର୍ଚ୍ଚନା କରାଯିବା ସହିତ ସନ୍ଧ୍ୟାରେ ଅନେକ ଜାଗାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରି ଖୁସି ମନାନ୍ତି। ଏହି ଅବସରରେ ଓଡ଼ିଆମାନେ ଘରେ ଥିବା ତୁଳସୀ ଚଉରା ଉପରେ ପଣା ଠେକି ବା ବସନ୍ତରା ଘଡି ବାନ୍ଧି ସେଥିରେ ଥିବା କଣାରେ ଏକ କୁଶ ରଖି ଏକ ମାସ ପର୍ଯ୍ୟନ୍ତ ଜଳ ପ୍ରଦାନ କରନ୍ତି। ଓଡିଶା ସହ ଆସାମ, କେରଳ, ପଞ୍ଜାବ, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟରେ ମଧ୍ୟ ଏହାକୁ ନବ ବର୍ଷ ବୋଲି ପାଳନ କରାଯାଏ। ଏତଦ୍ ବ୍ୟତୀତ ବିଭିନ୍ନ ଦେଶ ବିଦେଶରେ ଯଥା ଶ୍ରୀଲଙ୍କା, ନେପାଳ, ଥାଇଲାଣ୍ଡ ଇତ୍ୟାଦି ଦେଶରେ ମଧ୍ୟ ଏହାକୁ ନବ ବର୍ଷ ବୋଲି ପାଳନ କରାଯାଏ, ସ୍ଥାନ ଅନୁସାରେ ଏହାର ନାମ ଭିନ୍ନ ଭିନ୍ନ। ପଶ୍ଚିମବଙ୍ଗ ଓ ପଡ଼ୋଶୀ ବାଂଲାଦେଶରେ ଏହାକୁ ପହେଲା ବୈଶାଖ, କେରଳରେ ବିଶୁ ନାମରେ ପାଳନ କରାଯାଏ। ପୁରାଣ ତଥ୍ୟ ଅନୁଯାୟୀ ସମୁଦ୍ର ମନ୍ଥନ ସମୟରେ ବିଷ୍ଣୁଙ୍କ ବରଦାନ ଫଳରେ ଏହି ଦିନ ମହାବୀର ହନୁମାନ ଜନ୍ମ ଗ୍ରହଣ କରିଥିଲେ। ହନୁମାନଙ୍କ ଜୟନ୍ତୀ ପାଇଁ ହନୁମାନଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ, ବିଭିନ୍ନ ଜାଗା, ଆଖଡାଶାଳରେ ଯୁବକମାନେ ପଣା ବିତରଣ କରି ପରସ୍ପର ମଧ୍ୟରେ ଖୁସି ମନାନ୍ତି। ପରିତାପର ବିଷୟ ଏହିକି ଯେ ଆଧୁନିକ ମଣିଷ ପାଶ୍ଚାତ୍ୟଭିମୁଖୀ ମାନସିକତାରେ ବୁଡି ରହି ଓଡ଼ିଆ ନବ ବର୍ଷ ପାଳନ କରିବାରେ ଆଗ୍ରହ ପ୍ରକାଶ କରୁନାହାନ୍ତି କେବଳ ଏ ଦିନକୁ ଏକ ପର୍ବ ଆକାରରେ ପାଳନ କରୁଛନ୍ତି। ଆମେ ଓଡ଼ିଆ ହୋଇ ଓଡ଼ିଆ ନବବର୍ଷକୁ ସୌହାର୍ଦ୍ଦ୍ୟ ପୂର୍ଣ୍ଣଭାବରେ ପାଳନ ନ କଲେ ଆମ ସଂସ୍କୃତିର ଯେ ଅବକ୍ଷୟ ହେବ ତା ନୁହେଁ ଆଗାମୀ ପିଢି ଅପସଂସ୍କାରକୁ ଆଦରେଇବା ପାଇଁ ଅନେକ ଖୋରାକ ଯୋଗାଇବ। ଆସନ୍ତୁ ଓଡ଼ିଆ ନବ ବର୍ଷ ପାଳନ କରି ଓଡ଼ିଶା ସଂସ୍କୃତି ଓ ଐତିହ୍ୟକୁ ଆଗକୁ ନେବା ସହିତ ମୁକ୍ତ କଣ୍ଠରେ କହିବା 'ଆମେ ଓଡ଼ିଆ ଭାରି ବଢ଼ିଆ'।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**
**ଓଁ ନାମ ମହାତ୍ମ୍ୟ**



ଶ୍ରୀ ଅଭିରାମ ସରସ୍ୱତୀ

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସର୍ବ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସର୍ବଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

(କ୍ରମଶଃ)

# ସ୍ୱାଭିମାନୀ ଭୋଟ ଦାତା ଏବଂ ଭୋଟ ବର୍ଜନ



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

ଭାରତ ବର୍ଷରେ ସାଧାରଣ ନିର୍ବାଚନ ୨୦୨୪ ମସିହା ଏପ୍ରିଲ ମାସ ୧୮ ତାରିଖରୁ ଆରମ୍ଭ ହୋଇ ୦୧ ଜୁନ ପର୍ଯ୍ୟନ୍ତ ସାତୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ନିର୍ବାଚନର ଫଳାଫଳ ୦୪ ଜୁନ୍ ୨୦୨୪ ତାରିଖରେ ଘୋଷଣା କରାଯିବ । ୨୦୧୯ ମସିହାର ନିର୍ବାଚନ ପରେ ଏହା ଦେଶର ସର୍ବ ବୃହତ ନିର୍ବାଚନ ରୂପେ ଇତିହାସ ସୃଷ୍ଟି କରିବ । ଭାରତ ବର୍ଷର ପ୍ରାୟ ୧୪୨ କୋଟି ଜନସଂଖ୍ୟା ମଧ୍ୟରୁ ପ୍ରାୟ ୯୨ କୋଟି ଜନତା ଭୋଟ ଦେବାପାଇଁ ଉପଯୁକ୍ତ ବିବେଚିତ ହୋଇଛନ୍ତି । ବିଗତ ନିର୍ବାଚନ ସମୀକ୍ଷାରୁ ଜଣାପଡେ ଯେ, ସମୁଦାୟ ଭୋଟରଙ୍କ ମଧ୍ୟରୁ ପ୍ରାୟ ୬୦ ରୁ ୭୦ ପ୍ରତିଶତ ଭୋଟ ଦେଇଥାନ୍ତି । ସେ ଯାହାବି ହେଉ ବହୁ ମତରେ ଜିତିଥିବା ଦଳ ଦେଶର ତଥା ରଜ୍ୟର ଶାସନ ଭାର ଗ୍ରହଣ କରି ଜନତାଙ୍କୁ ସୁଶାସନ ଦେବାକୁ ଚେଷ୍ଟିତ ଥାନ୍ତି । ଭଲ ପ୍ରାର୍ଥୀ ଜିତି ବହୁ ମତରେ ଭଲ ସରକାରଟିଏ ଗଠନ ହେଲେ ଦେଶ ତଥା ରାଜ୍ୟ ପାଇଁ ମଙ୍ଗଳ କାରକ ସାବ୍ୟସ୍ତ ହୁଅନ୍ତି କିନ୍ତୁ ଲୋଭ, ସ୍ୱାର୍ଥ ତଥା ଅହମିକା ଗୁଣ ସମ୍ପର୍ଣ୍ଣ ନେତା ମାନେ ଦେଶ ପାଇଁ ଏକ ପ୍ରକାର କଳଙ୍କ କହିଲେ ଅତ୍ୟୁକ୍ତି ହେବ ନାହିଁ । ଗଣତନ୍ତ୍ରର ପ୍ରକୃତ ଅର୍ଥ ହେଉଛି 'ଜନତାଙ୍କ ଦ୍ୱାରା , ଜନତାଙ୍କ ପାଇଁ, ଏବଂ ଜନତାଙ୍କର ସରକାର' କିନ୍ତୁ ଏହି ମର୍ମଟିକୁ କେତେଜଣ ବୁଝୁଛନ୍ତି ବା କାର୍ଯ୍ୟକାରୀ କରୁଛନ୍ତି ? କିଛି ସ୍ଥାନରେ ଗଣତନ୍ତ୍ର ବର୍ତ୍ତମାନ ରଣତନ୍ତ୍ରରେ ପରିଣତ ହେବା ସହିତ ବାହୁବଳ, ଅର୍ଥ ବଳ, ଭୟ ଦେଖାଇ ଭୋଟ ନେବା ସହିତ ଅନେକ ସ୍ଥାନରେ ପାରିବାରିକ ରାଜନୀତି ସବୁଠାରୁ ଭୟଙ୍କର ସମସ୍ୟା ସୃଷ୍ଟି କରି ରାଜତନ୍ତ୍ର ପରି ମନେ ହେଉଛି ତାହାଛଡା ଆଉ ଏକ ଭୟଙ୍କର ସମସ୍ୟା ହେଲା ଦଳ ବଦଳ , ଯାହାର ସ୍ୱାର୍ଥରେ ଆଞ୍ଚ ଆସିଲା ସେ ନିଜର ସ୍ୱାଭିମାନକୁ ଜଳାଞ୍ଜଳି ଦେଇ ଦଳ ବଦଳାଇ ଅନ୍ୟ ଦଳକୁ ଡେଇଁ ପଡିଲା ସେମାନଙ୍କର ଆଶା ଗୋଟିଏ ଟିକେଟ ପାଇବା ଛଡା ଆଉ କିଛି ନୁହେଁ । ସେବାର ପରିଭାଷା ବଦଳି ଯାଇ ବର୍ତ୍ତମାନ ନେବା ହୋଇ ଯାଇଛି ଏପରିକି ଲକ୍ଷାଧିକ ଟଙ୍କା ସରକାରୀ ପେନ୍ସନ୍ ପ୍ରାପ୍ତ ଅଧିକାରୀ ମାନେ ମଧ୍ୟ ନିର୍ବାଚନ ମଇଦାନକୁ ଓହ୍ଲାଇ ପଡିଛନ୍ତି ସେମାନେ ସତେ ଯେମିତି ଉତ୍କଳମଣି ଗୋପବନ୍ଧୁ ଦାସ ମହାଶୟଙ୍କ ପଟ୍ଟ ଶିଷ୍ୟ , ଦେଶ ପାଇଁ ତାଙ୍କ ପ୍ରାଣ ଖାଲି କଇଁ କଇଁ ହୋଇ କାନ୍ଦି ଉଠୁଛି । ଅନେକ ବହୁରୂପୀ ଏଣ୍ଡୁଅ ବର୍ତ୍ତମାନ ନିର୍ବାଚନ ମୈଦାନରେ ଫମ୍ପା ଭାଷଣ ଦେଇ ଦେଶ ତଥା ଜନତାଙ୍କୁ ଲୁଟିବାର ଉପକ୍ରମ କରିବାରେ ଆପ୍ରାଣ ଉଦ୍ୟମ କରି ଚାଲିଛନ୍ତି ତେଣୁ ସାଧୁଜନେ ଏମାନଙ୍କ ଠାରୁ ଦୂରରେ ରୁହନ୍ତୁ ।

ଭାରତ ବର୍ଷରେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ସମ୍ପାଦନ ହୋଇଥାଏ , ମଇ ୨୦୨୩ ବିଜ୍ଞପ୍ତି ପ୍ରକାଶନ ଆଧାରରେ ଭାରତ ବର୍ଷରେ ଜାତୀୟ ଦଳ ୬ ଟି, ରାଜ୍ୟ ବା ପ୍ରାଦେଶିକ ଦଳ ୫୪ ଟି ଏବଂ ପଂଜିକୃତ ଅଣସ୍ୱୀକୃତି ପ୍ରାପ୍ତ ଦଳ ୨୫୯୭ ଟି ରହିଛନ୍ତି । ସ୍ୱୀକୃତି ପ୍ରାପ୍ତ ରାଜନୈତିକ ଦଳମାନେ ଭୋଟର ମାନଙ୍କୁ ନାନା ପ୍ରକାର ପ୍ରଲୋଭନ ଦେଖାଇ ନିଜ ସପକ୍ଷରେ ଭୋଟ ହାତେଇ ଥା'ନ୍ତି , ନିର୍ବାଚନ ପୂର୍ବର ପ୍ରତିଶୃତି ବହି ଆକାରରେ ଲିପିବଦ୍ଧ ହୋଇ ପ୍ରଚାର କରାଯାଇ ଥାଏ । ଭୋଟ ଦାତା ମାନେ ଦଳର ପ୍ରତିଶୃତିକୁ ବିଶ୍ୱାସ କରି ଭୋଟ ଦେଇ ଶେଷରେ ଦଳୀୟ ପ୍ରତିଶୃତି ପାଳନ ନ' ହେବାର କ୍ଷୋଭରେ ନିଜ କପାଳରେ ହାତ ବାଡେଇବା ଛଡା ଆଉ କୌଣସି ବିକଳ୍ପ ନ'ଥାଏ । ରାଜନୀତି କରୁଥିବା ନେତା /ଦଳ ଗୁଡିକ ମିଥ୍ୟା ଏବଂ ପ୍ରବଞ୍ଚନାର ଆଶ୍ରୟ ନେଇ କଳେ ବଳେ କୌଶଳେ ଶାସନ କରିବାର ଚେଷ୍ଟାରେ ଥା'ନ୍ତି ଆଉ ଥରେ ଯଦି ଚୌକି ମଜା ପାଇଗଲେ ତେବେ ପ୍ରାୟ ନବେ ପ୍ରତିଶତ ନେତା ମନ୍ତ୍ରୀଙ୍କର ଆଗାମୀ ପାଞ୍ଚ ପିଢ଼ି ପାଇଁ ଚିନ୍ତା ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ, ତାହାଛଡା ବିଭିନ୍ନ ପ୍ରକାର ସରକାରୀ ସୁବିଧା ପେନ୍ସନ୍ ମଧ୍ୟ ପାଇଥାନ୍ତି । ତେଣୁ ଭାରତ ବର୍ଷରେ ରାଜନୀତି ସବୁଠାରୁ ଭଲ ବୃତ୍ତି /ସେବା , ଏଥି ପାଇଁ କୌଣସି ଶିକ୍ଷାଗତ ଯୋଗ୍ୟତାର ପ୍ରତିବନ୍ଧକ ନାହିଁ , ଅନ୍ୟ କର୍ମଚାରୀ ମାନଙ୍କ ପରି ଅବସର କାଳୀନ ବୟସ ସୀମା ନାହିଁ ମୃତ୍ୟୁ ପର୍ଯ୍ୟନ୍ତ ରାଜନୀତିରେ ଜଣେ ସକ୍ରିୟ ରହିପାରିବେ । ସେମାନଙ୍କର ବୟସ ଯେତେ ବଢୁ ଥିବ ମସ୍ତିଷ୍କ ସେତେ ଉର୍ବର / ସକ୍ରିୟ ହେଉଥିବ ଏମାନେ ସୃଷ୍ଟି କର୍ତ୍ତାଙ୍କ ବିରଳ ସୃଷ୍ଟି କୁହାଯାଇ ପାରେ । ସମ୍ବିଧାନକୁ ସଂଶୋଧନ କରି ନେତା ମନ୍ତ୍ରୀ ମାନଙ୍କ ସର୍ବୋଚ୍ଚ ବୟସ ସୀମା କ'ଣ ନିର୍ଦ୍ଧାରଣ କରାଯାଇ ପାରିବ ନାହିଁ ? ଏକାଧିକ ପେନ୍ସନ୍ ପ୍ରକ୍ରିୟାକୁ କ'ଣ ବଦଳାଯାଇ ପାରିବ ନାହିଁ ? ସବୁ ସମ୍ଭବ କିନ୍ତୁ ଏହା ନିଜ ସ୍ୱାର୍ଥ ପାଇଁ କରାଯାଉ ନାହିଁ ।

ସମ୍ପ୍ରତି ନିର୍ବାଚନ ସମୟ ଆସିଗଲେ ବିଭିନ୍ନ ଗୋଷ୍ଠୀଙ୍କ ଦ୍ୱାରା ଭୋଟ ବର୍ଜନର ଧମକ ଦିଆ ଯାଇ ଥାଏ, ଏହାର ପ୍ରଭାବ ନିର୍ବାଚନ ଆୟୋଗଙ୍କ ସହିତ ସରକାର ଏବଂ ଆଶାୟୀ ପ୍ରାର୍ଥୀଙ୍କ ଉପରେ କେତେ ପଡେ ତାହତ ସମସ୍ତେ ଜାଣନ୍ତି । ଭାରତ ପରି ଅନେକ ଗଣତନ୍ତ୍ର ରାଷ୍ଟ୍ରରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସର ନାଗରିକ ମାନେ ଭୋଟ ଦେଇ ନିଜର ମନ ପସନ୍ଦର ପ୍ରାର୍ଥୀଙ୍କୁ ନିର୍ବାଚିତ କରିଥାନ୍ତି । ଭୋଟ ଦେବା ନାଗରିକର କର୍ତ୍ତବ୍ୟ , ଭାରତ ବର୍ଷରେ ଚଳିତ ବର୍ଷ ପ୍ରାୟ ୯୨ କୋଟି ଭୋଟର ଅଛନ୍ତି ସେମାନଙ୍କ ମଧ୍ୟରୁ କେତେ ପ୍ରତିଶତ ଭୋଟ ଦେବାକୁ ଆସୁଛନ୍ତି ତାହା ଖାଲି ଦେଖିବା କଥା । ତେବେ ଭୋଟ ବର୍ଜନ କଣ ଆମର ସବୁ ଅସୁବିଧାକୁ ସମାଧାନ କରିବାର ପ୍ରକୃତ ମାର୍ଗ ? ଯେଉଁମାନେ ଗତ ନିର୍ବାଚନ ସମୟରେ ତାଙ୍କର ମନ ପସନ୍ଦ ପ୍ରାର୍ଥୀ ଚୟନ କରିଥିଲେ ସେମାନେ ପ୍ରାର୍ଥୀଙ୍କ ଠାରୁ କ'ଣ ପାଇବାର ଆଶାରେ ଭୋଟ ଦେଇଥିଲେ ? ପ୍ରାର୍ଥୀ ଯଦି ତାଙ୍କର ପ୍ରତିଜ୍ଞା ପୁରଣ କରି ନ ପାରୁଛନ୍ତି ତେବେ ଜନତା ଚାହିଁଲେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଦର୍ଶା ଯାଇଥିବା ନୋଟା (ନୋଟା) ଚିହ୍ନରେ ଭୋଟ ଦେଇ ପାରିବେ । ତେବେ ଏଥିରେ କୌଣସି ସୁଫଳ ମିଳିବ ନାହିଁ, କ୍ଷମତାସୀନ ଦଳରୁ ଟିକେଟ ପାଇଥିବା ପ୍ରାର୍ଥୀ କଳେ ବଳେ କୌଶଳେ ଅର୍ଥ ବଳ, ବାହୁ ବଳ ତଥା ଅନ୍ୟାନ୍ୟ ପ୍ରଲୋଭନ ଦେଖାଇ ନିଶ୍ଚିତ ରୂପେ ଭୋଟ ପାଇ ଜୟଯୁକ୍ତ ହେବେ । କେହି ନୀତିରେ ଚାଲୁ ନାହାନ୍ତି , ଭୋଟର ମାନଙ୍କୁ ଆକୃଷ୍ଟ କରିବାକୁ ପ୍ରାର୍ଥୀ ମାନେ ମଦ, ମାଂସ , ଟଙ୍କା , ଲୁଗାପଟା , କ୍ଲବ ଘରକୁ ସାହାଯ୍ୟ , ମନ୍ଦିର ପାଇଁ ଆବଶ୍ୟକ ଅର୍ଥ , ଗୋଡାଣିଆଙ୍କୁ ଠିକାଦାରୀ କାର୍ଯ୍ୟ, ପୋଖରୀ ଖନନ କାର୍ଯ୍ୟ ଇତ୍ୟାଦିର ଲୋଭ ଦେଖାଇ ଭୋଟ ହାତେଇବାର କୌଶଳ ପ୍ରୟୋଗ କରି ଥା'ନ୍ତି । ରାଜନୈତିକ ଦଳ ପାଇଁ ବର୍ତ୍ତମାନ ଗ୍ରାମ୍ୟ ଭାଇଚାରା ଶତ୍ରୁତାର ରୂପ ନେଇଛି , କିଏ କେଉଁ ଦଳ କୁ ଭୋଟ ଦେବ ସେଇଥି ପାଇଁ ଆଜି ଭାଇ ଭାଇ ମଧ୍ୟରେ ହଣା କଟା ଚାଲିଛି । ଭୋଟ ପାଇବା ଲୋକ ଭୋଟ ପାଇ ପାଞ୍ଚବର୍ଷ ଅୟସ କରିବ ଆଉ ତୁମେ ମାନେ ନିଜ ନିଜ ଭିତରେ ହଣା କଟା ହୋଇ କୋର୍ଟ କଚେରୀ ଥାନା ଦୌଡ଼ି ଦୌଡ଼ି ନିଜର କଷ୍ଟ ଅର୍ଜିତ ସଂଚିତ ଅର୍ଥ ଖର୍ଚ୍ଚ ସହିତ ସଜା ମଧ୍ୟ ଭୋଗିବ , କହିଲ ଭାଇ ଭଉଣୀ ମାନେ ଏଥିରେ ଚାଲାକ କିଏ? ତୁମେମାନେ ନା ଦଳୀୟ ପ୍ରାର୍ଥୀ ? ସମସ୍ତେ ଆଜି ଦୁର୍ନୀତି ଗ୍ରସ୍ତ ତେଣୁ ଭୋଟର ମାନେ ଭୋଟ ବର୍ଜନ ନକରି ନିଜର ଅଧିକାର ସାବ୍ୟସ୍ତ କରନ୍ତୁ ତଥା ନିଜ କ୍ଷେତ୍ରର ର ପ୍ରାର୍ଥୀଙ୍କ ଠାରୁ ନିଜ ଅଂଚଳର ସାର୍ବଜନୀନ ଉନ୍ନତି କାର୍ଯ୍ୟ ପାଇଁ ( ଯେଉଁଥିରେ କି ସମସ୍ତଙ୍କର ଲାଭ ହୋଇ ପାରିବ ) ଲିଖିତ ପ୍ରତିଶୃତି ରଖନ୍ତୁ ତାହାହିଁ ହେବ ଉଚିତ ପଦକ୍ଷେପ । ସରକାର ଆସିବ, ସରକାର ଯିବ, ନିର୍ବାଚନ ମଧ୍ୟ ଆସୁଥିବ କିନ୍ତୁ ଜନତା ଯଦି ନିଜେ ଜାଗ୍ରତ ନହେବେ ତେବେ ଏହିପରି ଦୁଃଖକୁ ଅତି ବେଶୀରେ ପାଞ୍ଚବର୍ଷ ପାଇଁ ମୁଣ୍ଡପାତି ସହି ନେବାର କ୍ଷମତା ରଖିବାକୁ ବାଧ୍ୟ ହେବେ । ସୁଯୋଗ୍ୟ ପ୍ରାର୍ଥୀ ଚୟନ ଏକ ସୁସ୍ଥ ସରକାର ଗଢିବାରେ ସହାୟକ ହେବା ସହିତ ସୁଶାସନ ମଧ୍ୟ ମିଳିବ । ଉତ୍କଳମଣି ଗୋପବନ୍ଧୁ ଦାସ ମହାଶୟଙ୍କ ଦ୍ୱାରା ଲିଖିତ କାବ୍ୟରୁ କିଛି ଅଂଶ ' ମିଶୁ ମୋର ଦେହ ଏ ଦେଶ ମାଟିରେ , ଦେଶବାସୀ ଚାଲି ଯାଆନ୍ତୁ ପିଠିରେ , ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼, ପୁରୁ ତହିଁ ପଡି ମୋର ମାଂସ ହାଡ଼ ' ସେ ସମୟ ହୁଏତ ଆଉ ଆମେ ଦେଖିବା ନାହିଁ କି ସେହିପରି ନିସ୍ୱାର୍ଥପର ଦେଶ ସେବକ ପାଇବା ନାହିଁ। ତେଣୁ 'ଆଲୋ ସଖି ଆପଣା ମହତ ଆପେ ରଖି' ହିସାବରେ ଆମକୁ ଏହି ଜଟିଳ ସ୍ୱାର୍ଥପର ଦୁନିଆରେ ବଞ୍ଚିବାକୁ ହେବ ।

ବନ୍ଦେ ଉତ୍କଳ ଜନନୀ

# ମୃତ୍ୟୁର ସୌଦାଗର – ଅହଂକାର

ରାଧାଚରଣ ନାୟକ
ବରିଷ୍ଠ ଆଇନଜୀବୀ ଓ ସମାଜସେବୀ,
ରାମ ନଗର-୨ (କମାପଲ୍ଲୀ)
ବ୍ରହ୍ମପୁର, ଗଞ୍ଜାମ
ମୋ: ୯୮୬୧୧୪୪୬୯୧

ବାରଣାସୀ ନିକଟସ୍ଥ ଏକ ଗ୍ରାମରେ ଜଣେ ନୈଷ୍ଠିକ ବ୍ରାହ୍ମଣ ଥିଲେ। ତାଙ୍କର ଏକମାତ୍ର ପୁତ୍ର ଥିଲା। ସେ ଥିଲା ଏକାଧାରରେ ଜ୍ଞାନୀ, ଗୁଣୀ ଓ ବୁଦ୍ଧିମାନ। କିଶୋର ଅବସ୍ଥାରୁ ହିଁ ତାଙ୍କର ସଂସାର ପ୍ରତି ବୈରାଗ୍ୟ ଭାବ ଜାତ ହୋଇଥିଲା। ତେଣୁ ସେ ଦିନେ ପିତାଙ୍କୁ କହିଲେ- ଜଙ୍ଗଲକୁ ଯାଇ ତପସ୍ୟା କରି, ପ୍ରଭୁଙ୍କ ସାନିଧ ଲାଭ ପାଇଁ ଧ୍ୟାନମଗ୍ନ ହେବେ। ସେ ପିତାଙ୍କର ଏକମାତ୍ର ପୁତ୍ର ହୋଇଥିବାରୁ ଏହି ପ୍ରସ୍ତାବକୁ ପିତା ସହଜରେ ଗ୍ରହଣ କରିପାରିଲେ ନାହିଁ। ତଥାପି ପୁତ୍ର ବାପାଙ୍କ ଉପଦେଶକୁ ଖାତିର ନକରି, ଗୃହତ୍ୟାଗ କରି ଜଙ୍ଗଲକୁ ଯାଇ କଠୋର ତପସ୍ୟାରେ ମଗ୍ନ ହେଲେ। ଦୀର୍ଘ ୧୨ ବର୍ଷ କାଳ ତପସ୍ୟା କଲା ପରେ, ସେଥିରେ ସିଦ୍ଧିଲାଭ କରିବାର ଚିନ୍ତାଧାରାକୁ ମନ ଭିତରେ ପୋଷଣ କରି, ଜଙ୍ଗଲ ମଧ୍ୟରେ ଭ୍ରମଣ କରୁଥିବା ବେଳେ, ଦେଖିଲେ ଗଛ ଉପରେ ଗୋଟିଏ ବଗ ବସି ମଳ ତ୍ୟାଗ କଲା, ଯାହା ତାଙ୍କ (ତପସ୍ୱୀଙ୍କ) ଉପରେ ପଡ଼ିଲା। ସେଥିରେ ତପସ୍ୱୀ ଭୀଷଣଭାବେ କ୍ରୋଧାନ୍ୱିତ ହୋଇ ବଗଟିକୁ ଭସ୍ମ ହୋଇଯିବା ପାଇଁ ଅଭିଶାପ ଦେବାରୁ, ବଗଟି ତତ୍‌କ୍ଷଣାତ୍ ଭସ୍ମ ହୋଇଗଲା। ସେଠାରୁ ସେ ତାଙ୍କ ତପସ୍ୟାର ପୂର୍ଣ୍ଣ ସିଦ୍ଧିଲାଭ କରିଛନ୍ତି ବୋଲି ମନେ ମନେ ସ୍ଥିର କଲେ। ଏହାପରେ ସେହି ଦିନ ସେ ନିକଟସ୍ଥ ଗ୍ରାମରେ, କ୍ଷୁଧା ନିବାରଣ ପାଇଁ ଗୋଟିଏ ପରିବାର ନିକଟରେ ପହଞ୍ଚି ଭୋଜନ ପାଇଁ ଅନୁରୋଧ କଲେ। ଡାକ ଶୁଣି ଘର ଭିତରୁ ଜଣେ ଗୃହବଧୂ ଆସି ଦେଖିଲେ ଯେ, ଜଣେ ତପସ୍ୱୀ କିଛି ଖାଦ୍ୟ ପାଇଁ ଅନୁରୋଧ କରୁଛନ୍ତି। ତପସ୍ୱୀଙ୍କ ପାଇଁ ଖାଦ୍ୟ ନେଇ ଆସିବେ କହି, ଘର ଭିତରକୁ ଯିବାବେଳେ ଗୃହସ୍ୱାମୀ ଆସି ଘରେ ପହଞ୍ଚିଲେ। ତେଣୁ ବୋହୁଟି ସ୍ୱାମୀଙ୍କର ସେବା କଲାପରେ, ତପସ୍ୱୀଙ୍କ ପାଇଁ ଖାଦ୍ୟ ନେଇ ପହଞ୍ଚାଇ ଦେବେ ଭାବି, ସ୍ୱାମୀଙ୍କ ସମସ୍ତ ସେବା କଲା ପରେ, ଅନୁମତି ନେଇ ତପସ୍ୱୀଙ୍କ ନିକଟରେ ଖାଦ୍ୟ ପଦାର୍ଥ ସହିତ କିଛିଟା ବିଳମ୍ବରେ ପହଞ୍ଚିଲେ। ସାମାନ୍ୟ ବିଳମ୍ବ ହେବାରୁ ତପସ୍ୱୀ କ୍ରୋଧାନ୍ୱିତ ହୋଇ ବିଳମ୍ବର କାରଣ ପଚାରିବାରୁ, ବୋହୁଟି ନମ୍ରତାର ସହିତ ବିଳମ୍ବର କାରଣ ଜଣାଇଲେ ଏବଂ ସେଥିପାଇଁ କ୍ଷମା ପ୍ରାର୍ଥନା ମଧ୍ୟ କଲେ। କିନ୍ତୁ ଅହଂକାରୀ ତପସ୍ୱୀ ତାଙ୍କୁ କ୍ଷମା ଦେବା ପରିବର୍ତ୍ତେ ଅତ୍ୟଧିକ କ୍ରୋଧ ପ୍ରକାଶ କରି, ତାଙ୍କୁ ଅଭିଶାପ ଦେବା ସହିତ ବହୁ କଟୂବଚନ କହିଲେ। ଏହାଶୁଣି ବୋହୁଟି କହିଲା, ମୁଁ ସେହି ଜଙ୍ଗଲର ବଗ ନୁହେଁ ଯେ, ଆପଣଙ୍କ କଥାରେ ଭସ୍ମ ହୋଇଯିବି। ବୋହୁ ଠାରୁ ଏହି ଉତ୍ତର ଶୁଣି ତପସ୍ୱୀ ଆଶ୍ଚର୍ଯ୍ୟ ହୋଇ ସେ ଏପରି ଜ୍ଞାନ କିପରି ପ୍ରାପ୍ତ ହେଲେ ବୋଲି ଉତ୍କଣ୍ଠାର ସହ ପଚାରିଥିଲେ। ଏହାର ଉତ୍ତରରେ ବୋହୁଟି ତାଙ୍କ ସଦ୍‌ଗୁରୁ ବ୍ୟାଧଙ୍କ ଠାରୁ ଶିକ୍ଷା କରିଥିଲେ ବୋଲି କହି ତପସ୍ୱୀଙ୍କୁ ସେହି ବ୍ୟାଧଗୁରୁଙ୍କ ନିକଟକୁ ଯିବା ପାଇଁ କହିଲେ। ତପସ୍ୱୀ ବ୍ୟାଧଗୁରୁଙ୍କ ନିକଟକୁ ଯାଇ ସାକ୍ଷାତ କଲେ। ବ୍ୟାଧଗୁରୁ ତପସ୍ୱୀଙ୍କ ସହିତ ବାର୍ତ୍ତାଳାପ ପରେ ଜାଣିପାରିଲେ ଯେ, ତପସ୍ୱୀଙ୍କର ଅଦ୍ୟାବଧି ସିଦ୍ଧିରେ ପୂର୍ଣ୍ଣତା ପ୍ରାପ୍ତ ହୋଇନାହିଁ। ତେଣୁ, ସେ ତପସ୍ୱୀଙ୍କୁ ପୁଣି ଜଙ୍ଗଲକୁ ଯାଇ ୧୨ ବର୍ଷ ତପସ୍ୟା କରିବା ପାଇଁ ଉପଦେଶ ଦେଲେ। ତପସ୍ୱୀ ସେହି ପ୍ରକାରେ ପୁଣି ଜଙ୍ଗଲକୁ ଯାଇ ୧୨ ବର୍ଷ ତପସ୍ୟା କଲା ପରେ ପୂର୍ଣ୍ଣ ସିଦ୍ଧି ଲାଭ କଲେ ଏବଂ ପରଂବ୍ରହ୍ମଙ୍କ ଦର୍ଶନ ଲାଭ କରି ବର ପ୍ରାପ୍ତ ପରେ, ଅଶେଷ ଜ୍ଞାନର ଅଧିକାରୀ ହୋଇ ଜଗତର ମଙ୍ଗଳ କାମରେ ନିଜକୁ ନିୟୋଜିତ କରି ନିଜର ଗତିପଥକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇ ପାରିଥିଲେ।

ବର୍ତ୍ତମାନ ଦ୍ୱାପର ଯୁଗକୁ ଯାଇ ମହାଭାରତ ପୃଷ୍ଠାକୁ ଲେଉଟାଇଲେ ଜାଣିପାରିବା, ଜନ୍ମାନ୍ଧ ଧୃତରାଷ୍ଟ୍ରଙ୍କ ଜ୍ୟେଷ୍ଠପୁତ୍ର ଦୁର୍ଯ୍ୟୋଧନର ଅହଂକାର ଯୋଗୁଁ କିପରି ଭାବରେ ନିଜେ ମୃତ୍ୟୁବରଣ କରିଥିଲେ ଏବଂ କୁରୁବଂଶର ନିପାତ ଘଟିଥିଲା। ତେଣୁ, ପୁରାଣ ପ୍ରକାରେ ମହାଭାରତ ଯୁଦ୍ଧ ସମାପ୍ତ ହେଲା । ପାଣ୍ଡବ ଓ କୌରବ ପକ୍ଷର ବହୁତ ସୈନ୍ୟ ନିହତ ହେଲେ କିନ୍ତୁ, ଜୀବିତ ଥିଲେ ଯୁଦ୍ଧର ସୂତ୍ରଧର ଦୁର୍ଯ୍ୟୋଧନ ଓ ତାଙ୍କର ପୁତ୍ର ଲକ୍ଷ୍ମଣ କୁମାର। ଭୀମ, ଲକ୍ଷ୍ମଣ କୁମାରକୁ ଧରି ଗଦାରେ ପ୍ରହାର ଉପରେ ପ୍ରହାର ଦେଇ ଗୋଡ଼ ଦୁଇଟିକୁ ଧରି ଫୋପାଡ଼ି ଦେବାରୁ ତା'ର ପ୍ରାଣବାୟୁ ଉଡ଼ିଯାଇଥିଲା। ଶେଷରେ ରହିଲେ କେବଳ ଜଣେ ମାତ୍ର ସେ ହେଲେ ଖଳନାୟକ ଦୁର୍ଯ୍ୟୋଧନ। ଜୀବନକୁ ବଞ୍ଚାଇବା ପାଇଁ ତଥା ବିପକ୍ଷ ପଟର ଆକ୍ରୁଆଳରୁ ନିଜକୁ ରକ୍ଷା କରିବା ପାଇଁ ହ୍ରାଦର ଘଣ୍ଟି ଭିତରେ ଲୁଚି ଯାଇଥିଲେ। ପରେ ଜୀବନ ବିଳକରେ ଦୌଡ଼ି ଦୌଡ଼ି ଯାଇ ପହଞ୍ଚିଥିଲେ ପିତାମହ ଭୀଷ୍ମଙ୍କ ନିକଟରେ ଏବଂ ପଚାରିଥିଲେ ରକ୍ଷା ପାଇବାର ବାଟ। ପିତାମହ ଭୀଷ୍ମ କହିଲେ- ତୁମର ବଞ୍ଚିବା ପାଇଁ ଗୋଟିଏ ସ୍ଥାନ ହେଲା 'ମାନସରୋବର', ତୁମେ ସେଠାକୁ ଯାଇ ଲୁଚିଯାଅ। ତୁମକୁ ଆଉ ଭୀମ ବଧ କରିପାରିବ ନାହିଁ । କାରଣ ମାନସରୋବର ନିକଟକୁ ଯିଏ ଶତ୍ରୁ ମନୋଭାବ ନେଇ ଯିବ, ତାହାର ମୂର୍ଦ୍ଧନା ପାତ ହେବ। ଏହାଶୁଣି ଦୁର୍ଯ୍ୟୋଧନ ଚାଲିଲେ ମାନସରୋବରକୁ। କୁରୁକ୍ଷେତ୍ର ପରେ ରାସ୍ତାରେ ଗୋଟିଏ ନଦୀ ପ୍ରବାହିତ ହେଉଥିଲା, ନଦୀର ଜଳ ଉଭୟ ପକ୍ଷର ମୃତ ସୈନ୍ୟମାନଙ୍କ ରକ୍ତରେ ଲାଲ ହୋଇଯାଇଥିଲା। ନଦୀ ପାର ହେବାବେଳେ ଦୁର୍ଯ୍ୟୋଧନ ପ୍ରଥମେ ଦେଖିଲେ ଗୋଟିଏ ଶବ, ଯାହାଥିଲା ମାମୁଁ ଶକୁନୀଙ୍କର । ଶବଟି ବୁଡ଼ିଗଲା ପରେ ପୁଣି ଗୋଟିଏ ଶବ ଦେଖିଲେ, ସେ ଥିଲା କର୍ଣ୍ଣର। ସେ ମଧ୍ୟ ବୁଡ଼ିଗଲା ପରେ ପୁଣି ଆଉ ଗୋଟିଏ ଶବର ଡ଼ାହାଣ ହସ୍ତ ଭାସୁଥିଲା, ତାହାଥିଲା ଦୁଃଶାସନର। ତାହା ନଦୀର ଜଳରେ ବୁଡ଼ିଗଲା ପରେ, ଶେଷରେ ଗୋଟିଏ ଶବ ଦେଖିଲେ ତାହା ଥିଲା ତାଙ୍କର ପୁତ୍ର 'ଲକ୍ଷ୍ମଣ କୁମାର'ର, ଯାହା ସାହାଯ୍ୟରେ ସେ ନଦୀ ପାର ହୋଇ ପହଂଚିଥିଲେ ମାନସରୋବରରେ।

ମାନସରୋବରରେ ପହଞ୍ଚି ଦେଖିଲେ ଗୋଟିଏ ଅପରୂପା ସୁନ୍ଦରୀ ସ୍ତ୍ରୀ। ଦୁର୍ଯ୍ୟୋଧନ ତାଙ୍କୁ ଦେଖି ପଚାରିଲେ, ତୁମେ କିଏ? ସେ କହିଲେ ମୁଁ ଲକ୍ଷ୍ମୀ। ତୁମେ ଯେତେବେଳେ ମୁର୍ଦ୍ଦାର ଉପରେ ବସି ନଦୀ ପାର ହେଲ, ମୁଁ ସେତେବେଳେ ତୁମ କାନ୍ଧରୁ ଓହ୍ଲାଇ ଆସିଲି। ଆସ ମୋ କୋଳରେ ବିଶ୍ରାମ ନିଅ। ମୁଁ ନ କହିବା ଯାଏଁ ବାହାରକୁ ଯିବ ନାହିଁ । କାରଣ, ଭୀମ ଶପଥ କରିଛି ତୁମକୁ ସୂର୍ଯ୍ୟ ଉଦୟ ପୂର୍ବରୁ ମାରିବ ନଚେତ୍ ସେ ଅଗ୍ନି କୁଣ୍ଡରେ ଝାସ ଦେବ। ତେଣୁ ଅହଂକାରୀ, ଅଭିମାନୀ, ସ୍ୱାଭିମାନୀ ତଥା ମାନଗୋବିନ୍ଦ ଦୁର୍ଯ୍ୟୋଧନ ଶୋଇଗଲେ ମା' ଲକ୍ଷ୍ମୀଙ୍କ କୋଳରେ । କୁରୁକ୍ଷେତ୍ରରେ ଆଉ କୌଣସି ପକ୍ଷର ଲୋକଙ୍କୁ ନ ଦେଖିବାରୁ, ପାଣ୍ଡବ ୫ ଭାଇ ଗଲେ ହସ୍ତିନାପୁରକୁ। ଦ୍ରୌପଦୀ ବନ୍ଦାପନା କରି ପାଞ୍ଚ ଜଣ ସ୍ୱାମୀଙ୍କୁ ପାଛୋଟି ନେଲେ ଏବଂ ପ୍ରତ୍ୟେକଙ୍କୁ ଶତ୍ରୁମାନଙ୍କ ନିଧନ ସମ୍ବନ୍ଧେ ପଚାରି ବୁଝିଲେ। ପାଞ୍ଚ ଭାଇ ସମସ୍ତଙ୍କ ମୃତ୍ୟୁ ଖବର କହିଲେ ଏପରିକି ଲକ୍ଷ୍ମଣ କୁମାରର ମଧ୍ୟ ନିଧନ ବିଷୟ ଜଣାଇଲେ, କିନ୍ତୁ କହିପାରିଲେନି ଦୁର୍ଯ୍ୟୋଧନର ମୃତ୍ୟୁ ସମ୍ବାଦ।

ଏହା ଶୁଣି ଭୀମ ଶପଥ କଲେ ଦୁର୍ଯ୍ୟୋଧନକୁ ସୂର୍ଯ୍ୟୋଦୟ ପୂର୍ବରୁ ବଧ କରିବେ ନଚେତ୍ ଅଗ୍ନିକୁଣ୍ଡରେ ଝାସ ଦେବେ। ଭାଇ ସହଦେବ ନଖ ଦେଖି କହିଲେ, ଦୁର୍ଯ୍ୟୋଧନ ମାନସରୋବରରେ ଲୁଚିଅଛି। ଭାଇ ସହଦେବ ଠାରୁ ଦୁର୍ଯ୍ୟୋଧନର ଖବର ପାଇ ଭୀମ 'ମାନସରୋବର'ରେ ପହଞ୍ଚି ଶତ ସିଂହର ବଳରେ ଗର୍ଜନ କରି ଦୁର୍ଯ୍ୟୋଧନକୁ ଡାକିଲେ ବାହାରକୁ ଆସିବା ପାଇଁ । ଭୀମର ଡାକ ଶୁଣି ଦୁର୍ଯ୍ୟୋଧନ ମା' ଲକ୍ଷ୍ମୀକୁ କହିଲେ, ବାହରକୁ ଯିବା ପାଇଁ। ମା'ଲକ୍ଷ୍ମୀ ଜାଣିପାରିଲେ, ସେ ଭୀମ ବ୍ୟତୀତ ଆଉ କେହି ନୁହଁନ୍ତି। ତେଣୁ ଦୁର୍ଯ୍ୟୋଧନକୁ ବାହାରକୁ ଯିବା ପାଇଁ ମା'ଲକ୍ଷ୍ମୀ ବାରଣ କଲେ। ଦୁର୍ଯ୍ୟୋଧନ ବାହାରକୁ ନ ଆସିବାରୁ ଭୀମ ପୁଣି ଗର୍ଜନ କରି ବାହାରକୁ ଆସିବା ପାଇଁ ଡାକିଲେ। ତଥାପି ମା'ଲକ୍ଷ୍ମୀ ଦୁର୍ଯ୍ୟୋଧନକୁ ବାହାରକୁ ଛାଡ଼ିଲେ ନାହିଁ। କିନ୍ତୁ ତୃତୀୟ ଥର ଡାକିବାରୁ ଦୁର୍ଯ୍ୟୋଧନ ଆଉ ସମ୍ଭାଳି ନ ପାରି, ମା' ଲକ୍ଷ୍ମୀଙ୍କ କୋଳ ଛାଡ଼ି ବାହାରକୁ ଚାଲିଗଲେ ଏବଂ ଭୀମର ଗଦା ପ୍ରହାରରେ ପ୍ରାଣତ୍ୟାଗ କଲେ।

ଅତଏବ, ଦୁର୍ଯ୍ୟୋଧନ ନିଜର ଅହଂକାର ଯୋଗୁଁ ହିଁ ମହାଭାରତ ଯୁଦ୍ଧର ସମ୍ମୁଖୀନ ହୋଇ ନିଜର ସମସ୍ତ ଭାଇ, ଆତ୍ମୀୟ ସ୍ୱଜନ ତଥା ବହୁତ ସୈନ୍ୟମାନଙ୍କୁ ହରାଇଲା ପରେ ନିଜେ ଭୀମ ହାତରେ ମୃତ୍ୟୁବରଣ କରିଥିଲେ। ତେଣୁ ଅହଂକାର ବିନା ଜୀବନ ଯାପନ କଲେ, ସାରା ଜୀବନ ସୁଖ ଶାନ୍ତିରେ ବିତିଥାଏ, ଏହା ଧ୍ରୁବ ସତ୍ୟ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୪ ଅପ୍ରେଲ ୨୦୨୪ ରବିବାର





# ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ହେବ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଆଗାମୀ ସାଧାରଣ ନିର୍ବାଚନ ପାଇଁ ବୌଦ୍ଧ ବିଧାନସଭା କ୍ଷେତ୍ର ପାଇଁ ପୁଣିଥରେ ବିଜେଡି ପ୍ରଦୀପ ଅମାତଙ୍କ ଠାରେ ଆସ୍ଥା ରଖି ଟିକେଟ ଦେଇଛି । ବିଧାୟକ ପ୍ରାର୍ଥୀ ଭାବେ ୫ ଥର ଲଗାତାର ବିଧାୟକ ହୋଇଥିବା ଶ୍ରୀ ଅମାତ ମଇଦାନକୁ ଓହ୍ଲାଇଥିବା ବେଳେ ଉଭୟ ବିଜେପି ଏବଂ କଂଗ୍ରେସ ତରଫରୁ ବୌଦ୍ଧ ବିଧାନସଭା କ୍ଷେତ୍ର ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି । ବୌଦ୍ଧ ବିଜେପିରୁ ସରୋଜ ପ୍ରଧାନ ଏବଂ କଂଗ୍ରେସରୁ ନବ କୁମାର ମିଶ୍ରଙ୍କୁ ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି । ତେବେ ଗତ ୨୦୧୯ ମସିହା ସାଧାରଣ ନିର୍ବାଚନ କଥା ବିଚାରକୁ ନେଲେ ବିଜେଡିର ପ୍ରଦୀପ କୁମାର ଅମାତ ଏବଂ ବିଜେପିର ସୁଶାନ୍ତ ପ୍ରଧାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଜୋର୍‌ଦାର୍ ହୋଇଥିଲା । ପ୍ରଦୀପ ଅମାତ ୬୧୫୩୬ ଖଣ୍ଡ ଭୋଟ୍ ପାଇଥିବା ବେଳେ ସୁଶାନ୍ତ ପ୍ରଧାନ ୫୧୦୮୮ ଖଣ୍ଡ ଭୋଟ ପାଇଥିଲେ । ଫଳରେ ପ୍ରଦୀପ ଅମାତ ୧୦୪୪୮ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଥିଲେ । ୨୦୧୯ ନିର୍ବାଚନରେ କଂଗ୍ରେସ ଏବଂ କମ୍ୟୁନିଷ୍ଟ ପାର୍ଟି ମଧ୍ୟରେ ମେଣ୍ଟ ହୋଇଥିବା ଯୋଗୁଁ ଏଠାରେ କଂଗ୍ରେସ ତରଫରୁ ପ୍ରାର୍ଥୀ ଦିଆଯାଇନଥିଲା । ଫଳରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ବୌଦ୍ଧ ନିର୍ବାଚନ ମଣ୍ଡଳୀ ସମଗ୍ର ହରଭଙ୍ଗା ବ୍ଲକ, ବୌଦ୍ଧ ଏନଏସି ଏବଂ ବୌଦ୍ଧ ବ୍ଲକର ୧୧ଟି ପଞ୍ଚାୟତକୁ ନେଇ ଗଠିତ ହୋଇଥିବା ବେଳେ ନିର୍ବାଚନ ମଣ୍ଡଳୀର ପ୍ରାୟ ୭୦ ପ୍ରତିଶତ ଭୋଟର ହରଭଙ୍ଗା ବ୍ଲକରେ ଅଛନ୍ତି । ତେବେ ବିଜେପି ପ୍ରାର୍ଥୀ ସରୋଜ ପ୍ରଧାନ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ଅଛନ୍ତି ଏବଂ ତାଙ୍କ ଧର୍ମପତ୍ନୀ ସ୍ନେହଲତା ପ୍ରଧାନ ବ୍ଲକ ଅଧ୍ୟକ୍ଷା ଅଛନ୍ତି । ଏହାଛଡ଼ା ଗତ ୨୦୧୯ ନିର୍ବାଚନରେ ବିଜେପି ପ୍ରାର୍ଥୀ ରହିଥିବା ସୁଶାନ୍ତ ପ୍ରଧାନଙ୍କ ନିଜ ସାନଭାଇ ହେଉଛନ୍ତି ସରୋଜ ପ୍ରଧାନ । ଦୁଇ ଭାଇଙ୍କ ମଧ୍ୟରେ ସହମତିରେ ଚଳିତ ନିର୍ବାଚନରେ ସରୋଜ ପ୍ରଧାନ ପ୍ରାର୍ଥୀ ହୋଇଥିବା କୁହାଯାଉଛି । ସେହିପରି ବୌଦ୍ଧ ଜିଲ୍ଲା କଂଗ୍ରେସ କମିଟି ସଭାପତି ଥିବା ନବ କୁମାର ମିଶ୍ର କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ବେଳେ ଗତ ୧୯୯୫ ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜନତା ଦଳ ପ୍ରାର୍ଥୀ ସଚ୍ଚିଦାନନ୍ଦ ଦଲାଲଙ୍କ ଠାରୁ ମାତ୍ର ୨୪୯୧ ଖଣ୍ଡ ଭୋଟ୍ ବ୍ୟବଧାନରେ ପରାଜିତ ହୋଇଥିଲେ । ଶ୍ରୀ ମିଶ୍ର ଜଣେ କୁଶଳୀ ସଙ୍ଗଠକ ଭାବେ ଜଣାଶୁଣା ଥିବା ସ୍ଥଳେ, ବର୍ତ୍ତମାନ ମଧ୍ୟ ତାଙ୍କର ଜିଲ୍ଲାରେ ଭଲ ସାଙ୍ଗଠନିକ ଢାଞ୍ଚା ରହିଛି । ଏସବୁ ଦୃଷ୍ଟିରୁ ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାର ଯଥେଷ୍ଟ ସମ୍ଭାବନା ଦେଖାଦେଇଛି । ତେବେ ଲଗାତାର ୫ ଥର ବିଧାୟକ ହୋଇଥିବା ପ୍ରଦୀପ ଅମାତ ଗତ ପଞ୍ଚାୟତ ନିର୍ବାଚନରେ ବୌଦ୍ଧ ବିଧାନସଭା କ୍ଷେତ୍ରର ପ୍ରାୟ ୭୦ ପ୍ରତିଶତ ଭୋଟର ଥିବା ହରଭଙ୍ଗା ବ୍ଲକରେ ବିଜେଡିର ବ୍ଲକ ଅଧ୍ୟକ୍ଷ ବନେଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ । ସେହିପରି ଏହି ନିର୍ବାଚନ ମଣ୍ଡଳୀରେ ବୌଦ୍ଧ ବ୍ଲକର ପ୍ରାୟ ଅର୍ଦ୍ଧେକ ପଞ୍ଚାୟତ ସାମିଲ ଥିବାବେଳେ, ବୌଦ୍ଧ ବ୍ଲକରେ ମଧ୍ୟ ବିଜେଡି ଏକାକୀ ବ୍ଲକ ଅଧ୍ୟକ୍ଷ ବନେଇବାରେ ଅସମର୍ଥ ହୋଇଥିଲା । ସଲାସୁତୁରା କରି ବିଜେପିର ସମର୍ଥନରେ ବିଜେଡି ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପଦବୀ ହାତେଇବାରେ ସମର୍ଥ ହୋଇଥିଲା । ଏହା ବ୍ୟତୀତ ବୌଦ୍ଧ ବିଧାନସଭା କ୍ଷେତ୍ରରେ ରହିଥିବା ଏକମାତ୍ର ସହରାଞ୍ଚଳ ବୌଦ୍ଧଗଡ଼ ଏନଏସିର ଗତ ନିର୍ବାଚନରେ ଯଦିଓ ବିଜେଡି ଅଧ୍ୟକ୍ଷ ପଦ ହାତେଇବାରେ ସମର୍ଥ ହୋଇଥିଲା, ତେବେ ଉଭୟ ବିଜେପି ଏବଂ କଂଗ୍ରେସ ମିଶି ବିଜେଡି ଠାରୁ ଢେର ଅଧିକ ଭୋଟ୍ ପାଇଥିଲେ । ଏହାଛଡା କିଛି ଦ୍ୱିତୀୟ ଧାଡ଼ିର ଯୁବ ନେତା ଚଳିତ ନିର୍ବାଚନରେ ବୌଦ୍ଧ ବିଧାନସଭା ପାଇଁ ବିଜେଡି ଟିକେଟ ପାଇଁ ଜୋର୍‌ସୋର୍ ଲବି ଚଳାଇଥିଲେ । ଟିକେଟ ନପାଇ ଅସନ୍ତୁଷ୍ଟ ଥିବା ଏହି ଯୁବନେତା ମାନେ କେତେଦୂର ପ୍ରଦୀପ ଅମାତଙ୍କୁ ସମର୍ଥନ କରିବେ ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏସବୁ ସ୍ଥିତିରେ ପ୍ରଦୀପ ଅମାତଙ୍କ ପାଇଁ ଗଡ଼ରକ୍ଷା କରିବା କଷ୍ଟସାଧ ହେବ ବୋଲି ରାଜନୀତି ସମୀକ୍ଷକମାନେ ମତ ଦେଉଛନ୍ତି ।

# ଆରମ୍ଭ ହେଲା ଚୈତ୍ରପର୍ବ-୨୦୨୪ ଓ ବିଶ୍ୱପ୍ରସିଦ୍ଧ ଛଉନୃତ୍ୟ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**




ମୟୂରଭଞ୍ଜରେ ଆରମ୍ଭ ହୋଇଛି ଚୈତ୍ରପର୍ବ-୨୦୨୪ । ଏହି ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଉଡ଼ା ପର୍ବ ପାଳନ ହେବା ସହ ବାରିପଦା ଛଉପଡ଼ିଆ ଠାରେ ଉଦ୍‌ଘାଟନ ହୋଇଛି । ବିଶ୍ୱପ୍ରସିଦ୍ଧ ଛଉ ନୃତ୍ୟ ମୁକ୍ତାକାଶ ଛଉମଞ୍ଚରେ ଆରମ୍ଭ ହୋଇ ୨ ଦିନ ଧରି ବିଶ୍ୱ ପ୍ରସିଦ୍ଧ ଛଉ ନୃତ୍ୟ ଅନୁଷ୍ଠିତ ହେବ । ଚୈତ୍ରପର୍ବ -୨୦୨୪ ଆସିଛି ନୂଆ ରଙ୍ଗରେ ଯେଉଁଠାରେ ଛଉପ୍ରେମୀ ମାନେ ବିଶ୍ୱ ପ୍ରସିଦ୍ଧ ଛଉ ନୃତ୍ୟର ଭରପୁର ମଜାନେବେ ଦର୍ଶକ । ଏହି ଦୁଇ ଦିନରେ ଉତ୍ତର ସାହି ଛଉ ନୃତ୍ୟ ଏବଂ ଦକ୍ଷିଣ ସାହି ଛଉ ନୃତ୍ୟ ଦେଖିବା ପାଇଁ ମିଳିଛି । ଏହି ପର୍ବ ମୟୁରଭଞ୍ଜର ଐତିହକୁ ବଜାୟ ରଖିବା ସହ ଗ୍ରାମାଞ୍ଚଳରେ ଥିବା କଳାକୁ ମଧ୍ୟ ପ୍ରୋତ୍ସାହନ ଦେବ ବୋଲି କହିଛନ୍ତି । କେବଳ ସେତିକି ନୁହେଁ ଚୈତ୍ରପର୍ବକୁ ସବୁ ମୟୁରଭଞ୍ଜିଆ ଏକ ହୋଇ ଏକ ମନରେ ମନାଇବା ସହିତ ଏହାର ଐତିହ ଛଉନୃତ୍ୟକୁ ବିଶ୍ୱବ୍ୟାପୀ କରିବା ପାଇଁ ସମସ୍ତଙ୍କ ମିଳିତ ପ୍ରଚେଷ୍ଟା ରହିବା ଉଚିତ୍ ବୋଲି କହିଛନ୍ତି ମୁଖ୍ୟ ଅତିଥୀ । ତେବେ ରଜା ରଜୁଡ଼ା ଅମଳରୁ ଏହି ପରମ୍ପରା ମୟୂରଭଞ୍ଜ ଜିଲ୍ଲାରେ ପାଳନ ହୋଇଆସୁଅଛି । ହେଲେ ଚଳିତ ବର୍ଷ ନିର୍ବାଚନ କଟକଣା ପାଇଁ ବିଶେଷ ଧୁମ୍‌ଧାମ୍‌ରେ ଚୈତ୍ର ପର୍ବରେ ଛଉ ପାଳନ କରାଯାଇ ପାରିନାହିଁ କିନ୍ତୁ ସବୁ ମୟୂରଭଞ୍ଜିଆଙ୍କ ଏହି ନୃତ୍ୟ ମନ ମୋହିଥାଏ । ଏହି ଛଉ ନୃତ୍ୟ ପ୍ରତ୍ୟେକ ବର୍ଷ ଚୈତ୍ର ପର୍ବରେ ସନ୍ଧ୍ୟା ସମୟରେ ଆରମ୍ଭ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥାଏ ଆଉ ଚଳିତ ବର୍ଷ ମଧ ବିଶ୍ୱ ପ୍ରସିଦ୍ଧ ଛଉ ନୃତ୍ୟରେ ଝୁମିଛନ୍ତି ଦର୍ଶକ ଓ କଳାକାର ।

# ହୋଡିଂ ଉଚ୍ଛେଦ କରିବାରେ ପ୍ରଶାସନ ବିଫଳ:ସରକାରୀ କାର୍ଯ୍ୟାଳୟରେ ଲାଗିଛି ପ୍ରଚାରପତ୍ର

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ଭାରତର ନିର୍ବାଚନ କମିଶନର ଲୋକସଭା ଓ ବିଧାନସଭା ନିମନ୍ତେ ନିର୍ବାଚନ ଘୋଷଣା କରିଛନ୍ତି । ନିର୍ବାଚନ ଘୋଷଣା ପର ଠାରୁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି । ବିଭିନ୍ନ ରାଜନୈତିକ ଦଳ ଏପରିକି ସରକାରଙ୍କ ତରଫରୁ ବିଭିନ୍ନ ସ୍ଥାନରେ ଲଗାଯାଇଥିବା ହୋଡିଂ ଓ ପ୍ରଚାର ପତ୍ର ଗୁଡିକୁ ଉଚ୍ଛେଦ କରିବା ନିମନ୍ତେ କଡାକଡି ଭାବେ ନିର୍ଦ୍ଦେଶ ଦିଆଯାଇଛି । କିନ୍ତୁ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ନିର୍ବାଚନ କମିଶନରଙ୍କ ଏହି ନିର୍ଦ୍ଦେଶକୁ ଫୁଙ୍କରି ଉଡାଇ ଦିଆଯାଇଥିବାର ଅଭିଯୋଗ ହୋଇଛି । ଏହି ବ୍ଲକର ବହୁ ପଞ୍ଚାୟତ ଓ ସରକାରୀ କାର୍ଯ୍ୟାଳୟ ମାନଙ୍କରେ ଖୋଲା ମେଲାରେ ସରକାରଙ୍କ ବିଭିନ୍ନ ହୋଡିଂ, ପ୍ରଚାରପତ୍ର ଏପରକି ବିଭିନ୍ନ ରାଜନୈତିକ ଦଳର ହୋଡିଂ, ବ୍ୟାନର ଖୁଲମ ଖୁଲା ଭାବେ ଲାଗିଥିବାର ଦେଖିବାକୁ ମିଳିଛି । ଏପରିକି ବିଭାଗୀୟ ଅଧିକାରୀମାନେ ନାମକୁ ମାତ୍ର ସରକାରୀ ଗାଡିରେ ଯାଇ ଅୟସରେ ସମୟ ଅତିବାହିତ କରୁଥିବାର ଅଭିଯୋଗ ହୋଇଛି । ଏହି କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ଏପରିକି ସରକାରୀ କାର୍ଯ୍ୟାଳୟରେ ଲଗାଯାଇଥିବା ହୋଡିଂ ବ୍ୟାନର ଓ ପ୍ରଚାରପତ୍ରକୁ ଦେଖିମଧ୍ୟ ନଦେଖିଲା ଭଳି ଅଭିନୟ କରି ଫେରିଆସୁଥିବାର ଦେଖିବାକୁ ମିଳିଛି । ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଏପରି ଦାୟିତ୍ୱହୀନତା ଯୋଗୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ଫଳରେ ଆଗାମୀ ଦିନରେ ଏହି ବ୍ଲକରେ ଅବାଧ ଓ ନିରପେକ୍ଷ ନିର୍ବାଚନକୁ ନେଇ ଆଶଙ୍କା ପ୍ରକାଶ ପାଇଛି ।

# ଭୋଟ୍ ହାର ବୃଦ୍ଧି ପାଇଁ ବାଲେଶ୍ୱର ଜିଲ୍ଲାରେ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ

**ବାଲେଶ୍ୱର, ନ୍ୟୁଜ୍**



ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଏଥର ବହୁସଂଖ୍ୟାରେ ଭୋଟରମାନେ ଯେପରି ନିଜ ମତଦାନ ସାବ୍ୟସ୍ତ କରିପାରିବେ ସେଥିଲାଗି ବାଲେଶ୍ୱର ଜିଲ୍ଲା ପ୍ରଶାସନ ବ୍ୟାପକ ରଣନୀତି ପ୍ରସ୍ତୁତ କରିଛି । ପ୍ରଭାବଶାଳୀ ବ୍ୟବସ୍ଥିତ ଭୋଟର ଶିକ୍ଷା ଏବଂ ନିର୍ବାଚନ ଅଂଶଗ୍ରହଣ (ଏସଭିଇଇପି) ମାଧ୍ୟମରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶୀଷ ଠାକରେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାରେ ଭୋଟ୍ ହାର ବୃଦ୍ଧି ପାଇଁ ବିଶେଷ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯାଉଛି । ଭୋଟର ମାନଙ୍କୁ ନିଜ ମତଦାନ ସାବ୍ୟସ୍ତ କରିବା ପାଇଁ ଅନୁପ୍ରାଣୀତ କରିବା ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରରେ ଗୋଟେ ଭୋଟର ମହତ୍ତ୍ୱ ବାବଦରେ ବ୍ୟାପକ ଜନ ସଚେତନତା କରାଯାଉଛି । ଏହି ପରିପ୍ରେକ୍ଷୀରେ ରୁପ୍ସା ସ୍ଥିତ ନୀଳମଣି ଉଚ୍ଚ ବିଦ୍ୟାଳୟ ଠାରେ ଯୁବବର୍ଗଙ୍କୁ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ମତାଧିକାର ସାବ୍ୟସ୍ତ କରିବା ସମ୍ବନ୍ଧୀୟ ସଚେତନତା ପାଇଁ ଦସ୍ତଖତ ଅଭିଯାନ ଏବଂ ପାରମ୍ପରିକ ପାଲାର ଆୟୋଜନ କରାଯାଇଥିଲା । ଏଥିସହିତ ପିଲାମାନଙ୍କ ମଧ୍ୟରେ ଗଣତନ୍ତ୍ରକୁ ସୁଦୃଢ଼ କରିବା ନିମନ୍ତେ ସାମୁହିକ ଶପଥ ପଠନ କରାଯାଇଥିଲା । ଏହି ଅବସରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ବାଲେଶ୍ୱର ସଦର ବିଡ଼ିଓ ସମରଜିତ କର, ଓରମାସର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କୌଶିକ ପାତ୍ର, ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ତଥା ଅନ୍ୟାନ୍ୟ ପଦାଧିକାରୀ ମାନେ ଯୋଗଦାନ କରିଥିଲେ । ସୂଚନା ଥାଉକି ଜିଲ୍ଲାପାଳ ଶ୍ରୀ ଠାକରେ ସମସ୍ତ ଭୋଟରଙ୍କୁ ଭୋଟ ଦେଇ ଗଣତନ୍ତ୍ରର ମହାପର୍ବରେ ସାମିଲ ହେବାକୁ ନିଜର ପ୍ରତ୍ୟେକ କାର୍ଯ୍ୟକ୍ରମରେ ନିବେଦନ କରିଆସୁଛନ୍ତି ।

# ତ୍ରିଶମ୍ଭୁ ଦଣ୍ଡର ମହାମିଳନ ସମାରୋହ ଉଦ୍‌ଯାପିତ:ସହସ୍ରାଧିକ ଭକ୍ତ ସମାଗମ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**



କନ୍ଧମାଳ ଜିଲ୍ଲା ବାଲିଗୁଡା ଟାଉନ୍ ସ୍ଥିତ ଗୁଳିମରାପଦା ସାହି ବାସିନ୍ଦାଙ୍କ ସହଯୋଗରେ ପ୍ରଥମ ବାର୍ଷିକ ତ୍ରିଶମ୍ଭୁ ଦଣ୍ଡର ମହାମିଳନ ସମାରୋହ ବିପୁଳ ଉତ୍ସାହ ଉଦ୍ଦୀପନାର ସହ ଆୟୋଜିତ ହୋଇଯାଇଛି । ତ୍ରିଶମ୍ଭୁ ଦଣ୍ଡଯାତ୍ରାର ଏହି ମହାମିଳନକୁ ଦେଖିବା ଲାଗି ବାଲିଗୁଡା ସମେତ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସକାଳେ ସାହିର ମହାମାୟୀ ମନ୍ଦିର ନିକଟରେ ତିନି ଦଣ୍ଡ ଥଳଙ୍କୁ ବରଣ କରାଯାଇଥିଲା । ମଧ୍ୟାହ୍ନ ସମୟରେ ସାହିର ମୁଖ୍ୟ ରାସ୍ତାରେ ଧୂଳିଦଣ୍ଡରେ ତିନି ଦଣ୍ଡନାଚ ରୁଷିପୁତ୍ର ତଥା ଦଣ୍ଡୁଆମାନେ ନିଜ ନିଜ ସ୍ଥାନରେ ପହଞ୍ଚି ବୀଣାକାର ଢୋଲ ଓ ମହୁରୀର ତାଳେ ତାଳେ ଦଣ୍ଡନାଚର ସମସ୍ତ ବିଧିବିଧାନକୁ ସୁଲଳିତ ସ୍ୱରରେ ଗାନ କରିଥିଲେ । ମଧ୍ୟାହ୍ନରେ ଅନୁଷ୍ଠିତ ଧୂଳିଦଣ୍ଡରେ ଦଣ୍ଡୁଆଙ୍କ ବିଭିନ୍ନ କାଠୁରିଆ ନୃତ୍ୟ ଜଙ୍ଗଲ ସୁରକ୍ଷା ଏବଂ ଜନ୍ତୁ ସୁରକ୍ଷା ନେଇ ବାଘନାଟ, ବୀଣାକାର, ବିଲରେ ଧାନରୁଆ ଇତ୍ୟାଦି ନାଟକ ବେଶ ଆକର୍ଷିତ କରିଥିଲା । ଅପରାହ୍ନରେ ନିକଟସ୍ଥ ପୁଷ୍କରିଣୀରେ ପାଣିଦଣ୍ଡ ପରେ ସନ୍ଧ୍ୟାରେ ସବୁଠାରୁ ବିଶେଷ ଆକର୍ଷଣ ମହାମାୟୀ ମନ୍ଦିର ନିକଟସ୍ଥ ପଡିଆରେ ତିନି ଦଣ୍ଡର ଏକ ମହା ମିଳନରେ ଢୋଲିଆ, ପାଟଭୁକ୍ତା, ମହୁରିଆଙ୍କ ମିଳନ ହୋଇଥିବା ବେଳେ ଯାହାକୁ ଶହ ଶହ ଭକ୍ତ ଓ ଦର୍ଶକ ଉପଭୋଗ କରିଥିଲେ । ଏଥିରେ ମେଳସିକିଆ, ବାରଖମା ଓ ପୋଖରୀବନ୍ଧ ଗ୍ରାମର ଦଣ୍ଡ ନାଚ ଦଳ ଯୋଗ ଦେଇ ନୃତ୍ୟ ପରିବେଷଣ କରିଥିଲେ । ରାତ୍ରରେ ଝୁଣାଦଣ୍ଡ ପଟୁଆର ସହ ବୁଧବାର ଦିନ ସକାଳେ ଯାତ୍ରା ସମାପନ ହୋଇଥିଲା । ଏହି ମିଳନ ଉତ୍ସବରେ ଅତିଥି ଭାବେ ଟୁନା ଦାସ, ଚକ୍ରମଣି କହଁର, ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ପ୍ରମୋଦ କୁମାର ସାହୁ, ଜଗନ୍ନାଥ ସାହୁ, ଡ. ମଧୁସୂଦନ ମହାପାତ୍ର, ପଞ୍ଚୁଦଣ୍ଡ ପରିଚାଳନା ସମିତିର ସଭାପତି କିଶୋର ଚନ୍ଦ୍ର ପାଲ, ସମ୍ପାଦକ ମାନସ ରଞ୍ଜନ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ବଂଶୀଧର ପଣ୍ଡା, ଅଧିକାରୀ ଶିବରାମ ପ୍ରଧାନୀଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ରହି ମିଳନ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପରେ ସାହି କମିଟି ତରଫରୁ ପୁଷ୍ପ ଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ସାହି କମିଟି ତରଫରୁ ସମୀର କୁମାର ପଟ୍ଟନାୟକ, ପିଣ୍ଟୁ ଦୋରା, ଗଣେଷ ସାହୁ, ଲିଟୁ ଦୋରା ପ୍ରମୁଖଙ୍କ ସମେତ ସାହି କମିଟିର ସମସ୍ତ ସଦସ୍ୟ, ମହିଳା ସଂଘ ଯୁବକ ସଂଘ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ସାହିର ବିଭିନ୍ନ ସ୍ଥାନରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ତରଫରୁ ଷ୍ଟଲ୍ କରି ଦିନ ତମାମ ପଣା ସହ ପାନୀୟ ଜଳ ବଣ୍ଟନ କରିଥିଲେ । ଏହି ତିନି ଶମ୍ଭୁ ଦଣ୍ଡ ନାଚକୁ ଆଖି ଆଗରେ ରଖି ବାଲିଗୁଡା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ସାହିର ବିଭିନ୍ନ ସ୍ଥାନରେ ପୋଲିସ ମୁତୟନ କରାଯାଇ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଆୟତ୍ତାଧିନ କରିଥିଲେ ।

# ହଷ୍ଟେଲ୍‌ରେ ଜଳ ସଙ୍କଟ:ଧାରଣାରେ ବସିଲେ ଛାତ୍ରୀ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇବାପରେ ବ୍ୟବସ୍ଥାରେ ସୁଧାର ଆସିବ ବୋଲି ଭାବିଥିଲେ ଛାତ୍ରଛାତ୍ରୀ  କିନ୍ତୁ ଅବସ୍ଥାରେ ସୁଧାର ଆସିବା ତ ଦୂରର କଥା ପାଣି ଟିକେ ପାଇଁ ବାଧ ହୋଇ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସାମ୍ନାରେ ବାଲ୍ଟି ରଖି ଧାରଣାରେ ବସିଥିଲେ । ଅନନ୍ୟା ଛାତ୍ରୀନିବାସ ଛାତ୍ରୀ ସେମାନଙ୍କ ଅଭିଯୋଗ ଅନୁସାରେ ଛାତ୍ରୀ ନିବାସରେ ଦୀର୍ଘଦିନ ହେଲା ପାଣିର ଘୋର ଅଭାବ ଥିବା ନେଇ ହଷ୍ଟେଲ ସୁପରିଟେଣ୍ଡେଣ୍ଟ ଓ ରେଜିଷ୍ଟରଙ୍କୁ ଜଣାଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ଏହି ଚରମ ପଦକ୍ଷେପ ନେବାକୁ ବାଧ୍ୟ ହେଇଥିବା ଅନନ୍ୟା ଛାତ୍ରୀ ନିବାସରେ ରହୁଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି । ଧରଣୀଧର ବିଶ୍ୱବିଦ୍ୟାଳୟର ଓଏସଡି ତଥା ଭାରପ୍ରାପ୍ତ କୁଳପତି ଆସି ବୁଝାଇଥିଲେ ମଧ ଛାତ୍ରୀମାନେ ନବୁଝି ପିଇବା ପାଣି ତ ଦୂରର କଥା ନିତ୍ୟକର୍ମ ପାଇଁ ତାଙ୍କ ପାଖରେ ପାଣି ପହଞ୍ଚି ପାରୁନଥିବା କଥା କହିଥିଲେ । ପାଣିର ସମାଧାନ ନହେବା ଯାଏ ଧାରଣା ଜାରି ରଖିବେ ବୋଲି ଅନ୍ତେବାସିନୀ ମାନେ କହିଥିଲେ ।  ପରେ ବିଶ୍ୱବିଦ୍ୟାଳୟର ଓଏସଡି ତଥା ଭାରପ୍ରାପ୍ତ କୁଳପତି ଓ୍ୱାଟକୋକୁ ଫୋନ୍‌ଯୋଗେ ଯୋଗାଯୋଗ କରିବା ପରେ ତୁରନ୍ତ ଟ୍ୟାଙ୍କର ଯୋଗେ ପାଣି ଯୋଗାଇଦେବା ସହ ଯଥାଶୀଘ୍ର ଏହାର ସ୍ଥାୟୀ ସମାଧାନର ବାଟ ବାହାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ପ୍ରତିଶ୍ରୁତି ପାଇବା ପରେ ଛାତ୍ରୀମାନେ ଧାରଣାରୁ ଓହରି ଯାଇଥିଲେ ।



# ଜଳହରୀବାସୀଙ୍କ ଉଦ୍ଦେଶ୍ୟରେ ଆମ୍ବୁଲାନ୍ସ ଉତ୍ସର୍ଗୀକୃତ



**ଯୋଡ଼ା, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଲୋକମାନଙ୍କୁ ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇ ଦେବା ଲକ୍ଷ୍ୟରେ ଜଳହରୀ ପରିବହନ ସଂସ୍ଥା ପକ୍ଷରୁ ବୁଧବାର ଦିନ ଜଳହରୀ ଗଣେଶ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମରେ ଜଳହରୀବାସୀଙ୍କ ଉଦ୍ଦେଶ୍ୟରେ ଏକ ଆଧୁନିକ ଆମ୍ବୁଲାନ୍ସ ଉତ୍ସର୍ଗୀକୃତ କରାଯାଇଛି । ଆଦିବାସୀ ଅଧ୍ୟୁଷିତ ଜଳହରୀ ପଞ୍ଚାୟତ ଦୁର୍ଗମ ଇଲାକାରେ ବସବାସ କରୁଥିବା ନିରୀହ ଆଦିବାସୀ ଯେଉଁଠି ସ୍ୱାସ୍ୟ ସେବା ଅପହଞ୍ଚ ସେଠାକାର ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଏହା ଉଦ୍ଦିଷ୍ଟ । ଏହା ଭ୍ରାମ୍ୟମାଣ ହୋଇଥିବାରୁ ତୁରନ୍ତ ଅସୁବିଧା ଥିବା ଲୋକଙ୍କ ପାଖରେ ପହଞ୍ଚି ସେବା ଯୋଗାଇବ । ଗୁରୁତର ଅବସ୍ଥାରେ ରୋଗୀଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ପହଞ୍ଚାଇବାରେ ମଧ ଏହା ସହାୟକ ହେବ ବୋଲି ଜଳହରୀ ଟ୍ରାନ୍ସପୋର୍ଟର ମୁଖ୍ୟ ଲାଦୁ ମୁଣ୍ଡା କହିଛନ୍ତି । ଖଣି ପ୍ରବଣ ଓ ଶିଳ୍ପ ଉନ୍ମୁଖ ଅଞ୍ଚଳରେ ଦୁର୍ଘଟଣା ଏକ ନିତିଦିନିଆ ଘଟଣା ହୋଇଥିବାରୁ ଏହାକୁ ଦୃଷ୍ଟିରେ ରଖି ପରିବହନ ସଂସ୍ଥା ଏଭଳି ସୁଦୂରପ୍ରସାରୀ ଜନକଲ୍ୟାଣକାରୀ ପଦକ୍ଷେପକୁ ସ୍ଥାନୀୟ ଲୋକ ଭୂୟଶୀ ପ୍ରଶଂସା କରିଥିବା ଜଣାପଡିଛି । ଏହି ଜୀବନ ରକ୍ଷା ଆମ୍ବୁଲାନ୍ସରେ ଅତ୍ୟାବଶ୍ୟକ ଉପକରଣ ଯଥା ଅକ୍ସିଜେନ୍ ସିଷ୍ଟମ୍, ଷ୍ଟ୍ରେଚର, ଜରୁରୀକାଳୀନ କିଟ୍ ବ୍ୟାଗ ଉପଲବ୍ଧ ରହିଛି । ଏହି କାର୍ଯ୍ୟକ୍ରମରେ ସତ କୁମାର ଗିରି, ସୁଶାନ୍ତ ସାହୁ, ଗଣେଶ ଗାଗରାଇ, ଗିରିଧାରୀ ପାତ୍ରଙ୍କ ସମେତ ଜଳହରୀ ଗ୍ରାମବାସୀ ଉପସ୍ଥିତ ରହିଥିଲେ ।



# ଧର୍ମଶାଳାରେ ବିଭିନ୍ନ ସ୍ଥାନରେ ଇଦ୍ ପାଳିତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ବ୍ଲକ୍‌ର ବିଭିନ୍ନ ମୁସଲିମ ବହୁଳ ଅଞ୍ଚଳରେ ସମ୍ପ୍ରଦାୟ ପକ୍ଷରୁ ଇଦ୍‌ପର୍ବ ପାଳିତ ହୋଇଯାଇଛି । ରମ୍‌ଜାନ୍‌ରେ ଏକ ମାସ ଧରି ରୋଜା ରଖିବାପରେ ବୁଧବାର ସନ୍ଧ୍ୟାରେ ଜହ୍ନ ଦେଖିଥିଲେ ଓ ପରେ ରୋଜା ସମାପ୍ତ କରି ଇଦ୍‌ପର୍ବ ପାଳନ କରିଥିଲେ । ସକାଳୁ ଇଦ୍‌ଗାହା ଓ ମସ୍‌ଜିଦ୍‌ରେ ସମୂହ ନମାଜ ପାଠ କରିବା ପରେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ୍ ଜଣାଇଥିଲେ । ନେଉଳପୁର, ଚୋର ମୁହାଁ, ଚହଟା, ବଦମଙ୍ଗଳପୁର, କାଏମା, ତରାପୁର ଠାରେ ସମୂହ ନମାଜ ପାଠ କରାଯାଇଥିଲା । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜିଲ୍ଲାପରିଷଦ ସଭ୍ୟ ଜଳଧର ମହାନ୍ତି, କଂଗ୍ରେସ କମିଟି ସଭାପତି କିଶାନ ପଣ୍ଡା ପ୍ରମୁଖ ବହୁନେତୃ ସ୍ଥାନୀୟ ବ୍ୟକ୍ତି ବିଭିନ୍ନ ଅଞ୍ଚଳ ବୁଲି ଇଦ୍ ପାଳନରେ ଭାଗ ନେଇଥିଲେ ।

# ସମ୍‌ରେ ପାର୍କିନ୍‌ସନ୍ ରୋଗ ବିଷୟରେ ସଚେତନତା କାର୍ଯ୍ୟକ୍ରମ




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପାର୍କିନ୍‌ସନ୍ ସମସ୍ୟା ଏକ ବୟସ ଜନିତ ବ୍ୟାଧି । ଏହା ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଯୋଗୁଁ ଜଟିଳ ସମସ୍ୟାରେ ପରିଣତ ହୋଇଛି । ତେବେ ଉତ୍ତମ ଜୀବନଶୈଳୀ ଆପଣାଇବା ଦ୍ୱାରା ଏହି ସମସ୍ୟାକୁ ଦୂର କରିହେବ ବୋଲି ବିଶିଷ୍ଟ ସ୍ନାୟୁଶଲ୍ୟ ବିଶେଷଜ୍ଞ ପ୍ରଫେସର ଅଶୋକ କୁମାର ମହାପାତ୍ର କହିଛନ୍ତି । ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ନ୍ୟୁରୋଲୋଜି ବିଭାଗ ପକ୍ଷରୁ ବିଶ୍ୱ ପାର୍କିନ୍‌ସନ୍ ଦିବସ ପରିପ୍ରେକ୍ଷୀରେ ମଙ୍ଗଳବାର ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ଭାବେ କାର୍ଯ୍ୟରତ ପ୍ରଫେସର ମହାପାତ୍ର କହିଛନ୍ତି ଯେ ମସ୍ତିଷ୍କରେ ଡୋପାମାଇନ୍ ହର୍ମୋନ୍‌ର ଅଭାବ ଦେଖାଦେଲେ ଏହି ସମସ୍ୟା ଉପୁଜିଥାଏ । ଡୋପାମାଇନ୍ ଦ୍ୱାରା ମଣିଷର ସ୍ମରଣ ଶକ୍ତି, ନିଦ, ଏକାଗ୍ରତା ଓ ମାନସିକ ଆବେଗ ସମେତ ଶରୀରର ଅନ୍ୟାନ୍ୟ କାର୍ଯ୍ୟ ନିୟନ୍ତ୍ରଣ ହୋଇଥାଏ । ତେବେ ବୟସ ବଢ଼ିବା ପରେ ପାର୍କିନ୍‌ସନ୍ ସମସ୍ୟା ଦେଖାଦେଇଥାଏ । ତେବେ ଉତ୍ତମ ଜୀବନ ଶୈଳୀ, ଶାରୀରିକ ବ୍ୟାୟାମ ଏବଂ ସୁଷମ ଖାଦ୍ୟ ଗ୍ରହଣ ଦ୍ୱାରା ଏହି ସମସ୍ୟାର ସମାଧାନ କରିହେବ ବୋଲି ସେ କହିଛନ୍ତି । ଏହି ଅବସରରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର ପୁଷ୍ପରାଜ ସାମନ୍ତସିଂହାର ଯୋଗଦେଇ ପାର୍କିନ୍‌ସନ୍ ସମସ୍ୟାର ଚିକିତ୍ସା ନିମନ୍ତେ ଉଭୟ ନ୍ୟୁରୋଲୋଜି ବିଭାଗ ଓ ମାନସିକ ରୋଗ ବିଭାଗର ସହଯୋଗ ଦରକାର ବୋଲି କହିଥିଲେ । ପାର୍କିନ୍‌ସନ୍ ସମସ୍ୟାକୁ ଦୂର କରିବା ନିମନ୍ତେ ସଚେତନତାର ଅଧିକ ଆବଶ୍ୟକତା ରହିଛି ବୋଲି ପ୍ରଫେସର ସାମନ୍ତସିଂହାର କହିଥିଲେ । କାର୍ଯ୍ୟକ୍ରମରେ ହାଇଦ୍ରାବାଦ ସ୍ଥିତ ଏମ୍ସର ନ୍ୟୁରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ନୀରଜ କୁମାର ଯୋଗଦେଇ ପାର୍କିନ୍‌ସନ୍ ସମସ୍ୟାର ଉପଯୁକ୍ତ ଚିକିତ୍ସା ପଦ୍ଧତି ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ସମ୍ ହସ୍ପିଟାଲର ନ୍ୟୁରୋଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର (ଡାକ୍ତର) ଶ୍ରୀମନ୍ତ ପଟ୍ଟନାୟକ ପାର୍କିନ୍‌ସନ୍‌ର ଚିକିତ୍ସା ନିମନ୍ତେ ଉତ୍ତମ ଜୀବନଶୈଳୀ ଉପରେ ଗୁରୁତ୍ୱ ଦେଇଥିଲେ । କାର୍ଯ୍ୟକ୍ରମକୁ ନ୍ୟୁରୋଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର ଡାକ୍ତର ଲୁଲୁପ୍ କୁମାର ସାହୁ ପରିଚାଳନା କରି କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ହସ୍ପିଟାଲ ପକ୍ଷରୁ ଏକ ସଚେତନତା ଓ୍ୱାକାଥନ୍‌ର ଆୟୋଜନ କରାଯାଇଥିଲା ।

# ପଦ୍ମ ଘୁଞ୍ଚୁ ଘୁଞ୍ଚୁ ଯାଉଛି:ଅଧୁରା ରହିଛି ନୂଆ ଗଞ୍ଜାମ ହାଟ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ବହୁ ପ୍ରତିକ୍ଷୀତ ଗଞ୍ଜାମ ହାଟର ସ୍ଥିତିକୁ ନେଇ ସନ୍ଦେହ ବଢ଼ିବାରେ ଲାଗିଛି । ସ୍ଥାନୀୟ କର୍ପୋରେସନ୍ ରୋଡ୍ ନିକଟରେ ପ୍ରାୟ ୫ ଏକର ଜମିରେ ୩୨ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ଗଞ୍ଜାମ ହାଟର ଅବଧି ବଢ଼ି ବଢ଼ି ଚାଲିଥିବା ବେଳେ କେବେ ଏହା ପୂର୍ଣ୍ଣାଙ୍ଗ ରୂପ ଧାରଣ କରିବ ତାହା ସ୍ପଷ୍ଟ ହେଉନାହିଁ । ୨୦୨୦ ଜୁନ୍ ମାସରେ ଆରମ୍ଭ ହୋଇଥିବା ଉକ୍ତ ପ୍ରକଳ୍ପ ୧୮ ମାସ ଅବଧି ଅର୍ଥାତ୍ ୨୦୨୧ ଡ଼ିସେମ୍ବରରେ ଶେଷ କରିବାକୁ ନିର୍ଦ୍ଦେଶ ରହିଥିଲା । ମହାମାରୀ କରୋନା ଯୋଗୁଁ କାର୍ଯ୍ୟରେ ବିଳମ୍ବ ହେବାରୁ ଏହାର ଅବଧିକୁ ରାଜ୍ୟ ସରକାର ବୃଦ୍ଧି କରିଥିଲେ । ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଡ଼ିଏ ପକ୍ଷରୁ ଠିକା ସଂସ୍ଥା ଉପରେ ଚାପ ପ୍ରୟୋଗ କରାଯାଉଥିବା ବେଳେ ୨୦୨୨ ଜୁଲାଇରେ ଏନ୍‌ଜିଟି ପକ୍ଷରୁ ନିର୍ମାଣାଧୀନ ପ୍ରକଳ୍ପକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏନ୍‌ଜିଟି ପକ୍ଷରୁ ମଗାଯାଇଥିବା ତଥ୍ୟ ପ୍ରଦାନ ପରେ ପ୍ରକଳ୍ପ କାର୍ଯ୍ୟକୁ ଆଗେଇ ନେବାକୁ ସବୁଜ ସଙ୍କେତ ମିଳିଥିଲା । ୯ ମାସ କାମ ବନ୍ଦ ହେବା ପରେ ୨୦୨୩ ମାର୍ଚ୍ଚରେ ପୁଣି କାମ ଆରମ୍ଭ ହୋଇଥିଲା । ୨୦୨୨ ଜୁଲାଇ ବେଳକୁ ପ୍ରକଳ୍ପ କାର୍ଯ୍ୟ ପ୍ରାୟ ୭୦ ପ୍ରତିଶତ ଶେଷ ହୋଇଥିବା ନେଇ ବିଡ଼ିଏ ପକ୍ଷରୁ ସୂଚନା ଦିଆଯାଇଥିଲା । ବଳକା ୩୦ ପ୍ରତିଶତ କାମକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ଉଦ୍ୟମ କରି ୨୦୨୩ ଶେଷ ସୁଦ୍ଧା ସହରବାସୀଙ୍କୁ ଭେଟି ଦେବାକୁ ବିଡ଼ିଏ ଯୋଜନା କରିଥିଲା । ବର୍ତ୍ତମାନ ୨୦୨୪ ମାର୍ଚ୍ଚ ସୁଦ୍ଧା ଅଧା ହେଲାଣି କିନ୍ତୁ ଏହାର ସ୍ଥିତି କଣ ତାହା ଜଣାପଡୁନାହିଁ । ଏହାରି ମଧ୍ୟରେ ଉକ୍ତ ପ୍ରକଳ୍ପର ତଦାରଖ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବଦଳି ହୋଇଯାଇଛି । ଗଞ୍ଜାମ ହାଟ ପରିସରରେ ୭୦ ହଜାର ବର୍ଗଫୁଟରେ ତିନି ମହଲା ବିଶିଷ୍ଟ ମଲ୍ଟିପୁଲ୍ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇଥିବା ନେଇ ବିଡ଼ିଏ ପକ୍ଷରୁ କୁହାଯାଇଥିବା ବେଳେ ଏଥିରେ ୧୧୭ଟି ବ୍ୟବସାୟିକ ପ୍ରତିଷ୍ଠାନ କୋଠା ନିର୍ମାଣ କରାଯାଇ ବିକ୍ରୟ କରିବାକୁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା । ସେଥିରୁ ୧୧୫ଟି ବିକ୍ରୟ ମଧ୍ୟ ହୋଇସାରିଛି । ବ୍ୟବସାୟିକ ପ୍ରତିଷ୍ଠାନ ହାତେଇଥିବା ୧୧୫ ଜଣ ହିତାଧିକାରୀଙ୍କ ଠାରୁ ବିଡ଼ିଏ ପ୍ରାୟ ୭ କୋଟି ଟଙ୍କା ଆଦାୟ କରିସାରିଛି । ୨୦୨୧ ରୁ ସମସ୍ତ ହିତାଧିକାରୀ ଅର୍ଥ ପୈଠ କରିଥିଲେ ସୁଦ୍ଧା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ ହେଉନଥିବା ଯୋଗୁଁ ସେମାନେ ଚିନ୍ତାରେ ରହିଛନ୍ତି । ଏଠାରେ ମଲ୍ଟିପୁଲ୍ ମାର୍କେଟ କମ୍ପ୍ଲେକ୍ସ ସାଙ୍ଗକୁ ଆର୍ଟ ଗ୍ୟାଲେରି, ଖୋଲାମଞ୍ଚ, ଛୋଟ ପିଲାଙ୍କ ପାଇଁ ପାର୍କ, ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ପାର୍କ ସାଙ୍ଗକୁ କମର୍ସିଆଲ୍ ହବ, ପ୍ରଦର୍ଶନୀ ପଡ଼ିଆ କରାଯିବା ନେଇ ଡ଼ିପିଆର୍ ପ୍ରସ୍ତୁତ କରାଯାଇଛି । ଏହାଛଡ଼ା ମହିଳା ଓ ବରିଷ୍ଠ ନାଗରିକଙ୍କ ପାଇଁ ଓପନ୍ ଜିମ୍ ସହ ୨ ହଜାର ଲୋକଙ୍କ ପାଇଁ ଖୋଲା ସାଂସ୍କୃତିକ ମଣ୍ଡପ ନିର୍ମାଣ କରାଯାଉଛି । ସହରବାସୀଙ୍କୁ ଏକ ନୂତନ ପ୍ରକଳ୍ପ ଭେଟି ଦେବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ବେଳେ ସ୍ଥାନୀୟ ପ୍ରଶାସନ ଓ ଜନପ୍ରତିନିଧିଙ୍କ ଆନ୍ତରିକତା ଅଭାବ ଯୋଗୁଁ ବର୍ଷ ବର୍ଷ ଧରି ପ୍ରକଳ୍ପ କାର୍ଯ୍ୟ ଶେଷ ହେଉନାହିଁ । ବିଡ଼ିଏର କିଛି ଅଧିକାରୀଙ୍କ ମର୍ଜିରେ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଥିବା ବେଳେ ପ୍ରାୟ ଦୁଇ ବର୍ଷ ହେବ ବିଡ଼ିଏର ସାଧାରଣ ପରିଷଦ ବୈଠକ ହୋଇନାହିଁ । ଗଞ୍ଜାମ ଜିଲ୍ଲାପାଳ ବିଡ଼ିଏର ଅଧ୍ୟକ୍ଷ ଭାବେ କାର୍ଯ୍ୟଭାର ତୁଲାଇ ଆସୁଛନ୍ତି । ଅବଧି ବଢ଼ିବାରେ ଲାଗିଥିବା ବେଳେ ସହରବାସୀଙ୍କ ପାଇଁ ଗଞ୍ଜାମ ହାଟ କେବେ ଲୋକାର୍ପିତ ହେବ ତାହା ଏକ ବିରାଟ ପ୍ରଶ୍ନବାଚୀ ହୋଇଛି ।

# ମାଆଙ୍କ ଶ୍ରାଦ୍ଧ ବାର୍ଷିକରେ ଚାରା ରୋପଣ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଜଣାଶୁଣା ନାଟ୍ୟକାର ତଥା ମଞ୍ଚ ଅଭିନେତା ଅଭୟ କୁମାର ଦାସ ଏକ ନିଆରା ଢଙ୍ଗରେ ତାଙ୍କ ମାଆ ବାଜଲତା ଦେଇଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକ ପାଳନ କରିଛନ୍ତି । ଏହି ଅବସରରେ ସ୍ଥାନୀୟ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଗୋତରା ଗ୍ରାମରେ ଚାରା ରୋପଣ କରାଯାଇଥିଲା । ବିରିବାଟୀର କଂସଦଳ ଭଜନ ମଣ୍ଡଳୀ ଦ୍ୱାରା ଭାଗବତ ପାଠ ଓ ଭଜନ ପରିବେଷଣ କରାଯାଇଥିଲା । ମାଆଙ୍କର ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜଟାଧାରୀ ଆଶ୍ରମର ମୁଖ୍ୟ ପରିଚାଳକ ଅଶୋକ କୁମାର ସାମଲ, ଗୀତିକବି ବିଶେଶ୍ୱର ମହାନ୍ତି, କେନ୍ଦ୍ରାପଡା ଦାସିଆ ସଂଘର ସଭାପତି ସୁଦର୍ଶନ ପରିଡ଼ା, ସମ୍ପାଦକ ଜଗନ୍ନାଥ ଦାସ, ପ୍ରଫୁଲ୍ଲ କୁମାର ଦାସ, ସୌରୀ ଦାସ, ହରିହର ଦାସ, ଅନାଦି ରାଉତ, ସନ୍ତୋଷ ଦାସ ପ୍ରମୁଖ ଅତିଥି ରୂପେ ଯୋଗଦାନ କରି ସ୍ୱର୍ଗୀୟା ବାଜଲତା ଦେଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ । ସ୍ୱର୍ଗୀୟା ଦାସଙ୍କ ଜ୍ୟେଷ୍ଠପୁତ୍ର ନାଟ୍ୟକାର ଅଭୟ କୁମାର ଦାସ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶେଷରେ ତାଙ୍କର କନିଷ୍ଠପୁତ୍ର ଶିକ୍ଷକ ଉମେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# କୁସ୍ତି ସଂଘ ବିରୋଧରେ ଅଭିଯୋଗ ଆଣିଲେ ଭିନେଶ

## ମୋତେ ଅଲିମ୍ପିକ୍ସକୁ ନପଠାଇବାର ଚକ୍ରାନ୍ତ ହେଉଛି



**ନୂଆଦିଲ୍ଲୀ**

ଉଦ୍ଦେଶ୍ୟମୂଳକ ଭାବେ ଖେଳ ସମ୍ବନ୍ଧୀୟ ସହାୟତା ଯୋଗାଇଦେବାରେ ଅସହଯୋଗ କରାଯାଉଥିବାରୁ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ବିରୋଧରେ ତାଙ୍କୁ ଅଲିମ୍ପିକ୍ସ ନପଠାଇବା ପାଇଁ ଚକ୍ରାନ୍ତ କରାଯାଉଥିବା ଅଭିଯୋଗ ଆଣିଛନ୍ତି କୁସ୍ତିବିତ୍ ଭିନେଶ ଫୋଗଟ। କିନ୍ତୁ ଡବ୍ଲ୍ୟୁଏଫ୍ଆଇ ଏହାକୁ ଖଣ୍ଡନ କରିବା ସହ ପ୍ରବେଶିକା ଦେବାର ଧାର୍ଯ୍ୟ ତାରିଖ ପରେ ସେ ଆବେଦନ କରିଥିବାରୁ ଏପରି ହେଉଥିବା କୁହାଯାଇଛି। ଖେଳାଳିମାନେ ସେମାନଙ୍କ ପ୍ରଶିକ୍ଷକ, ଫିଜିଓ, ମେଡିକାଲ୍ ସହାୟକଙ୍କ ପ୍ରବେଶିକାକୁ ବିଶ୍ୱ କୁସ୍ତି ମହାସଂଘ (ୟୁଡବ୍ଲ୍ୟୁଡବ୍ଲ୍ୟୁ) କୁ ମାର୍ଚ୍ଚ ୧୧ ତାରିଖ ସୁଦ୍ଧା ପଠାଇବା ପାଇଁ କୁହାଯାଇଥିଲା। ତେବେ ବିଶ୍ୱ ମହାସଂଘ ପକ୍ଷରୁ ୧୫ ତାରିଖ ପର୍ଯ୍ୟନ୍ତ ସମୟସୀମା ବଢାଯାଇଥିଲା। ହେଲେ ଭିନେଶ ମାର୍ଚ୍ଚ ୧୮ ତାରିଖରେ ଇ-ମେଲ୍ ପଠାଇଥିଲେ ବୋଲି ଡବ୍ଲ୍ୟୁଏଫ୍ଆଇର ଜଣେ ଅଧିକାରୀ କହିଛନ୍ତି। ଫୋଗଟ ଅଲିମ୍ପିକ୍ସରେ ୫୦ କେଜି ବିଭାଗରେ ଲଢିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ଆସନ୍ତା ସପ୍ତାହରେ କିର୍ଗିଜସ୍ତାନର ବିସକେକ୍‌ଠାରେ ହେବାକୁ ଥିବା ଏସୀୟ ଯୋଗ୍ୟତା ପର୍ଯ୍ୟାୟରେ ସେ ଖେଳିବେ। ପଟିଆଲାରେ ହୋଇଥିବା ଚୟନ ପ୍ରକ୍ରିୟାରେ ସେ ୫୩ କେଜି ବିଭାଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। କିନ୍ତୁ ସେମିଫାଇନାଲ୍‌ରେ ପରାଜିତ ହୋଇଥିଲେ।

ଭିନେଶ କହିଛନ୍ତି, ପୂର୍ବତନ ସଭାପତି ବ୍ରିଜଭୂଷଣଙ୍କ ଓ ତାଙ୍କ ଛାୟା ପ୍ରତିନିଧି ସଞ୍ଜୟ ସିଂହ ତାଙ୍କୁ ଅଲିମ୍ପିକ୍ସ ଦୌଡ଼ରୁ ହଟାଇବା ପାଇଁ ସବୁପ୍ରକାରର ଚେଷ୍ଟା କରୁଛନ୍ତି। ଦଳ ସହ ରହୁଥିବା ପ୍ରତ୍ୟେକ ପ୍ରଶିକ୍ଷକ ବ୍ରିଜଭୂଷଣଙ୍କ ପସନ୍ଦର ବ୍ୟକ୍ତି। ତେଣୁ ମୋ ମ୍ୟାଚ୍ ସମୟରେ ମୋତେ କିଛି ଅପମିଶ୍ରିତ ପାନୀୟ ପିଆଇଦେବେନି ବୋଲି କହିହେବନି। ଏପରିକି ଡୋପିଂରେ ଫସାଇବା ପାଇଁ ସେମାନେ ଚକ୍ରାନ୍ତ କରିପାରନ୍ତି ବୋଲି ଭିନେଶ କହିଛନ୍ତି। ଏଥିସହିତ ପ୍ରଶିକ୍ଷକ ଓ ଫିଜିଓଙ୍କୁ ସ୍ୱୀକୃତି ପ୍ରଦାନ ପାଇଁ ଭାରତ ସରକାରଙ୍କୁ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ମୁଁ କିଛି ସ୍ପଷ୍ଟ ଉତ୍ତର ପାଇପାରୁନି ବୋଲି ଭିନେଶ ଅଭିଯୋଗ କରିଛନ୍ତି। କିନ୍ତୁ ଡବ୍ଲ୍ୟୁଏଫ୍ଆଇର ଅଧିକାରୀଙ୍କ କହିବା କଥା, ଆମେ ୧୦ ଖେଳାଳିଙ୍କ ପିଛା ୩ ପ୍ରଶିକ୍ଷକଙ୍କୁ ଯିବା ପାଇଁ ଅନୁମତି ଦେଉଛି। ୩୦ କୁସ୍ତିବିତ୍‌ଙ୍କ ପାଇଁ ୯ ପ୍ରଶିକ୍ଷକ ଏବେ କିର୍ଗିଜସ୍ତାନରେ ଅଛନ୍ତି। ମହିଳାଙ୍କ ପାଇଁ ମଧ୍ୟ ସମାନ ନିୟମ ଲାଗୁ ହେଉଛି। ଯୋଗ୍ୟତା ପର୍ଯ୍ୟାୟରେ ୫ ମହିଳା ଖେଳାଳି ଖେଳିବେ। ସେମାନଙ୍କ ପାଇଁ କଣ ୩ ଜଣ ପ୍ରଶିକ୍ଷକ ଯଥେଷ୍ଟ ନୁହଁନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଯଦି ଭିନେଶ ତାଙ୍କ ବ୍ୟକ୍ତିଗତ ପ୍ରଶିକ୍ଷକଙ୍କୁ କିର୍ଗିଜସ୍ତାନ ନେବାକୁ ଚାହୁଁଛନ୍ତି, ତାହେଲେ ତାଙ୍କୁ ୟୁଡବ୍ଲ୍ୟୁଡବ୍ଲ୍ୟୁଠାରୁ ଅନୁମତି ଆଣିବାକୁ ହେବ ବୋଲି ଅଧିକାରୀ ଜଣକ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବତନ ସଭାପତି ବ୍ରିଜଭୂଷଣଙ୍କ ବିରୋଧରେ ହୋଇଥିବା ଆନ୍ଦୋଳନରେ ଅଭିଯୋଗକାରୀ ମୁଖ୍ୟ ତିନି କୁସ୍ତିବିତ୍‌ଙ୍କ ମଧ୍ୟରୁ ଭିନେଶ ଅନ୍ୟତମ ଥିଲେ। ମହିଳା ଖେଳାଳିଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଥିଲା। କିଛି ମାସଧରି ଆନ୍ଦୋଳନ ଚାଲିବା ପରେ ଡବ୍ଲ୍ୟୁଏଫ୍ଆଇକୁ ନିଲମ୍ବନ କରାଯାଇଥିଲା।

## ହାର୍ଦ୍ଦିକ ପାଣ୍ଡ୍ୟା ଆହତ ! ସେ ଏହାକୁ ସ୍ୱୀକାର କରୁନାହାଁନ୍ତି



**ନୂଆଦିଲ୍ଲୀ**

ନ୍ୟୁଜିଲ୍ୟାଣ୍ଡର ପୂର୍ବତନ ଦ୍ରୁତ ବୋଲର ସାଇମନ ଡଲ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ ଏକ ବଡ଼ ଦାବି କରିଛନ୍ତି। ସେ ବିଶ୍ୱାସ କରନ୍ତି ଯେ ଭାରତୀୟ କ୍ରିକେଟ ଦଳର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଆହତ ହୋଇଛନ୍ତି। କିନ୍ତୁ ସେ ଏହାକୁ ସ୍ୱୀକାର କରୁନାହାଁନ୍ତି। ଆଇପିଏଲ ୨୦୨୪ ର ପ୍ରଥମ ଦୁଇଟି ମ୍ୟାଚରେ ହାର୍ଦ୍ଦିକ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ବୋଲିଂ କରିଥିଲେ। କିନ୍ତୁ ପରବର୍ତ୍ତୀ ଦୁଇଟି ମୁକାବିଲାରେ ବୋଲିଂ କରୁନାହାନ୍ତି।

ଗୁରୁବାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚ ବେଳେ ହାର୍ଦ୍ଦିକ ଗୋଟିଏ ଓଭର ବୋଲିଂ କରିଥିଲେ ମଧ୍ୟ ୧୩ ରନ ବ୍ୟୟ କରିବା ପରେ ଆଉ ବୋଲିଂ କରିନଥିଲେ। ଡଲ କହିଛନ୍ତି ଯେ ହାର୍ଦ୍ଦିକଙ୍କ କିଛି ସମସ୍ୟା ରହିଛି ଏବଂ ଏହା ତାଙ୍କର ଗୁପ୍ତ ଅନୁଭବ ଯେ ଅଲରାଉଣ୍ଡର କିଛି ଆଘାତରେ ପୀଡିତ ହୋଇପାରନ୍ତି।

ଟୁର୍ଣ୍ଣାମେଣ୍ଟ ଆରମ୍ଭରେ ଆପଣ ପ୍ରଥମ ଓଭରରୁ ବୋଲିଂ କରି ଏକ ବାର୍ତ୍ତା ଦିଅନ୍ତି ଏବଂ ହଠାତ୍ ତୁମର ଆବଶ୍ୟକତା ନାହିଁ। ସେ ଆହତ ହୋଇଛନ୍ତି ମୁଁ ଆପଣଙ୍କୁ କହୁଛି ତାଙ୍କ ସହିତ କିଛି ସମସ୍ୟା ଅଛି ସେ ଏହାକୁ ସ୍ୱୀକାର କରୁନାହାଁନ୍ତି। କିନ୍ତୁ ନିଶ୍ଚିତ ଭାବେ ତାଙ୍କ ସହିତ କିଛି ଭୁଲ ଅଛି।

ତେବେ ଦିଲ୍ଲୀ କ୍ୟାପିଟାଲ ବିପକ୍ଷ ମ୍ୟାଚ୍‌ରେ ବୋଲିଂ ନକରିବା ତାଙ୍କ ନିଷ୍ପତ୍ତି ବିଷୟରେ ହାର୍ଦ୍ଦିକଙ୍କୁ ପଚରାଯାଇଥିଲା। ସେତେବେଳେ ସେ କହିଥିଲେ ଯେ ସେ ଠିକ ସମୟରେ ବୋଲିଂ କରିବେ।

ବାଂଲାଦେଶ ବିପକ୍ଷ କ୍ରିକେଟ ବିଶ୍ୱକପ ୨୦୨୩ ମ୍ୟାଚ ସମୟରେ ଗୋଡରେ ଆଘାତ ଲାଗିବା ପରେ ହାର୍ଦ୍ଦିକ କିଛି ସମୟ ପାଇଁ କ୍ରିକେଟରୁ ଦୂରେଇ ରହିଥିଲେ ଏବଂ ଆଇପିଏଲ ୨୦୨୪ ରେ ପଡ଼ିଆକୁ ଫେରିବା ପୂର୍ବରୁ ସେ ଦୁଇଟି ମ୍ୟାଚ ଖେଳିଥିଲେ।

## ବିରଳ ରେକର୍ଡ କ୍ଲବରେ ଋଷଭ ପନ୍ତ



**ନୂଆଦିଲ୍ଲୀ**

୨୬ ବର୍ଷ ଓ ୧୯୧ ଦିନ ବୟସରେ ପନ୍ତ । ୩ ହଜାର ରନ ପୂରଣ କରିଛନ୍ତି। ତାଲିକାର ୧ନଂ ସ୍ଥାନରେ ଶୁବମନ ଗିଲ ଓ ଦ୍ୱିତୀୟ ସ୍ଥାନରେ ବିରାଟ କୋହଲି ଅଛନ୍ତି।

ଆଇପିଏଲ ଇତିହାସର ବିରଳ ରେକର୍ଡ କ୍ଲବରେ ନିଜକୁ ସାମିଲ କରିଛନ୍ତି ଦିଲ୍ଲୀ କ୍ୟାପିଟାଲ୍ସର ଅଧିନାୟକ ଋଷଭ ପନ୍ତ। କ୍ରମାଗତ ୨ଟି ପରାଜୟ ପରେ ଦିଲ୍ଲୀ ବିଜୟ ସ୍ୱାଦ ପାଇଛି । ମ୍ୟାଚ୍‌ରେ ଦଳ ଲକ୍ଷ୍ନୌ ସୁପର ଜାଏଣ୍ଟସକୁ ୬ ୱିକେଟରେ ହରାଇ ଦେଇଛି । ଉକ୍ତ ମ୍ୟାଚ୍‌ରେ ପନ୍ତ ୨୪ ବଲରେ ୪୧ ରନର ଇନିଂସ ଖେଳିଥିଲେ।

ଏହି ଇନିଂସ ପରେ ପନ୍ତଙ୍କ ନାଁ ବିରଳ ରେକର୍ଡ କ୍ଲବରେ ସାମିଲ ହୋଇ ଯାଇଛି । ସେ ତୃତୀୟ ସର୍ବକନିଷ୍ଠ ଖେଳାଳି ଭାବେ ଆଇପିଏଲରେ ୩ ହଜାର ରନ ପୂରଣ କରିଛନ୍ତି। ମ୍ୟାଚ୍‌ରେ ପନ୍ତ ୧୨ତମ ଓଭର ବୋଲିଂ କରୁଥିବା ମାର୍କସ ଷ୍ଟୋଇନିସଙ୍କ ଶେଷ ବଲରେ ଚୌକା ମାରିବା କ୍ଷଣି ଆଇପିଏଲ କ୍ୟାରିୟରରେ ୩ ହଜାର ରନ ପୂରଣ କରିଥିଲେ।

୨୬ ବର୍ଷ ଓ ୧୯୧ ଦିନ ବୟସରେ ପନ୍ତ ୩ ହଜାର ରନ ପୂରଣ କରିଛନ୍ତି। ତାଲିକାର ୧ନଂ ସ୍ଥାନରେ ଶୁବମନ ଗିଲ ଓ ଦ୍ୱିତୀୟ ସ୍ଥାନରେ ବିରାଟ କୋହଲି ଅଛନ୍ତି । ଗିଲ ୨୪ ବର୍ଷ ୨୧୫ ଦିନ ବୟସ, ବିରାଟ କୋହଲି ୨୬ ବର୍ଷ ୧୮୬ ଦିନ, ପନ୍ତ ୨୬ ବର୍ଷ ୧୯୧ ଦିନ, ସଞ୍ଜୁ ସାସମନ ୨୬ ବର୍ଷ ୩୨୦ ଦିନ ଓ ସୁରେଶ ରାଇନା ୨୭ ବର୍ଷ ୧୬୧ ଦିନ ବୟସରେ ଆଇପିଏଲରେ ୩ ହଜାର ରନ ହାସଲ କରିଥିଲେ।

## ସିଲି ପଏଣ୍ଟ : ପରିବାର ସହ ଇଦ୍ ପାଳିଲେ ସାନିଆ



**ନୂଆଦିଲ୍ଲୀ**

ବିବାହ ବିଛେଦ ପରେ ଟେନିସ କିମ୍ବଦନ୍ତି ସାନିଆ ମିର୍ଜା ଏଥର ନିଜ ପୈତୃକ ପରିବାର ସହ ଇଦ ଉତ୍ସବ ପାଳନ କରିଛନ୍ତି । ପ୍ରତିଥର ଭଳି ସୁନ୍ଦର ପୋଷାକରେ ଆକର୍ଷିତ ସାନିଆଙ୍କ ସହ ତାଙ୍କ ପୁଅ ଇଝାନ, ବାପା ମା ଇମ୍ରାନ ଓ ନସିମା, ଭଉଣୀ ଅନମ ଓ ତାଙ୍କ ପତି ମହମ୍ମଦ ଅସାଉଦ୍ଦିନ (କ୍ରିକେଟ୍ କିମ୍ବଦନ୍ତି ମହମ୍ମଦ ଆଝାରୁଦ୍ଦିନଙ୍କ ପୁଅ), ଝିଆରୀ ଦୁଆ ସାମିଲ ଥିଲେ। ଇଦ୍ ଉତ୍ସବ ପରେ ସାନିଆ ତାଙ୍କ ମିଳିତ ଫଟୋକୁ ସାମାଜିକ ଗଣମାଧ୍ୟମରେ ଛାଡ଼ିଛନ୍ତି।

ଖ୍ୟାତନାମା ବ୍ରିଟିସ ଗୀତିକାର ଏଡ୍ ସିରନ୍ ଭାରତୀୟ କ୍ରିକେଟ ଦଳ ଅଧିନାୟକ ରୋହିତ ଶର୍ମାଙ୍କ ଝିଅ ସମାଇରା ପାଇଁ ତାଙ୍କ ଅନ୍ୟତମ ହିଟ ଗୀତ ବ୍ୟାଡ୍ ହାବିଟ୍ସ ଗାଇବା ପରେ ଏହା ଚର୍ଚ୍ଚିତ ହୋଇଛି। ଲୋକପ୍ରିୟ ଭାରତୀୟ ସୋ ବ୍ରେକ୍‌ଫାଷ୍ଟ ୱିଥ ଚାମ୍ପିଅନ୍ସ କାର୍ଯ୍ୟକ୍ରମରେ ରୋହିତ ଶର୍ମା, ଏଡ ସିରନ୍ ଓ ଉପସ୍ଥାପକ ଗୌରବ କପୁର ସଂଗୀତ ଦୁନିଆର ଢେର ଆଲୋଚନା କରିବା ପରେ ରୋହିତଙ୍କ ପତ୍ନୀ ରତିକା ଓ ଝିଅ ସମାଇରା ମଧ୍ୟ ସାମିଲ ହୋଇଥିଲେ। ତେବେ ସମାଇରାଙ୍କ ପାଇଁ ସିରନ ତାଙ୍କ ଅନ୍ୟତମ ହିଟ ସଂଗୀତ ବ୍ୟାଡ ହାବିଟ୍ସ ଗାଇବା ସବୁଠାରୁ ଚର୍ଚ୍ଚିତ ମୁହୂର୍ତ୍ତ ଥିଲା। ଗାଇବା ପରେ ସମାଇରା ଏହାକୁ ଉପଭୋଗ କରିପାରିଛି କି ନା ପଚାରିଥିଲେ। ଏହି ଅବସରରେ ମଧ୍ୟ ସିରନ ରୋହିତଙ୍କୁ ତାଙ୍କ ଭବିଷ୍ୟତ ଯୋଜନା ସମ୍ପର୍କରେ ପ୍ରଶ୍ନ କରିଦେଇଥିଲେ। ମୁଁ ଏବେ ବି ଭଲ ଖେଳୁଛି, ଆଉ କିଛି ବର୍ଷ ଖେଳ ଜାରି ରଖିବି କିନ୍ତୁ ଭବିଷ୍ୟତ କଥା କହିପାରିବି ନାହିଁ ବୋଲି ରୋହିତ ପ୍ରକାଶ କରିଥିଲେ।

ରବିବାର ଇଡେନ୍ ଗାର୍ଡେନ୍ସରେ ଖେଳାଯିବାକୁ ଥିବା କେକେଆର୍-ଏଲ୍ଏସ୍‌ଜି ମ୍ୟାଚ୍ ପୂର୍ବରୁ ଘରୋଇ ଦଳର ମେଣ୍ଟର ଗୌତମ ଗମ୍ଭୀର କାଳୀଘାଟ ମନ୍ଦିରରେ ପୂଜା କରିଛନ୍ତି। ଗମ୍ଭୀରଙ୍କ ମନ୍ଦିର ପରିଦର୍ଶନ ସମୟର ଏକ ଭିଡିଓକୁ କେକେଆର୍ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲା। ବେଳେ ଜୟ ମା କାଳୀ ଲେଖିଥିଲେ। ଏହି ଭିଡିଓରେ ଗମ୍ଭୀର ବେକରେ ମାଙ୍କ ଚୁନ୍‌ରି ପକାଇବା ସହ ପୂଜାରୀଙ୍କଠୁ ଆଶୀର୍ବାଦ ନେଉଥିବା ଦେଖାଯାଇଛି । ଗୁରୁବାର କେକେଆର୍ ଖେଳାଳି ରିଙ୍କୁ ସିଂହ, ଅନୁକୂଳ ରୟ, ଭେଙ୍କଟେଶ ଆୟର ଓ ବରୁଣ ଚକ୍ରବର୍ତ୍ତୀ କାଳୀଘାଟ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଚଳିତ ଆଇପିଏଲ୍‌ରେ ଖେଳାଳିମାନେ ଭାରତ ଭ୍ରମଣ କରୁଥିବାରୁ ବିଭିନ୍ନ ଆଧ୍ୟାତ୍ମିକ ସ୍ଥାନ ବୁଲିବାକୁ ଯାଉଥିବା ଦେଖାଯାଇଛି। ପୂର୍ବରୁ ଏଲ୍ଏସ୍‌ଜି ଦଳ ରାମ ମନ୍ଦିର ବୁଲିବାକୁ ଯାଇଥିଲା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା ଓ କୃନ୍ଲାଳ ପାଣ୍ଡ୍ୟା ଗୁଜରାଟରେ ସୋମନାଥ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ।

## ମୋ ପାଇଁ ଇଏ ଆଇପିଏଲର ସୁପରଷ୍ଟାର: ହରଭଜନ



**ମୁମ୍ବାଇ**

ପୂର୍ବତନ ଭାରତୀୟ ଅଫ ସ୍ପିନର ହରଭଜନ ସିଂ କହିଛନ୍ତି ଯେ ଅବସର ନେଇଥିବା ଲସିଥ ମାଲିଙ୍ଗାଙ୍କ ବ୍ୟତୀତ କୌଣସି ବୋଲର ଜସପ୍ରୀତ ବୁମ୍ରାଙ୍କ ସାମର୍ଥ୍ୟର ନିକଟତର ହେବେନାହିଁ, ଯିଏ ତାଙ୍କ ଦଳ ପାଇଁ ମ୍ୟାଚ ଜିତିପାରିବେ। ଏହି କାରଣରୁ ଭାରତୀୟ ପେସର ସେ ଜଣେ ଆଇପିଏଲ ସୁପରଷ୍ଟାର ବୁମରା ଗୁରୁବାର ଦିନ ଆରସିବି ବିପକ୍ଷରେ ଚମତ୍କାର ପ୍ରଦର୍ଶନ କରିଥିଲେ ଏବଂ ୟୁଜଭେନ୍ଦ୍ର ଚହଲଙ୍କ ସହ ମିଳିତ ଭାବେ ବାଇଗଣୀ କ୍ୟାପ ହାସଲ କରିଥିଲେ। ହରଭଜନ ସିଂ ଷ୍ଟାର ସ୍ପୋର୍ଟସ କ୍ରିକେଟ ଲାଇଭ ସୋରେ କହିଛନ୍ତି ଯେ ବୁମ୍ରା ପ୍ରଥମ ଦିନରେ ବୋଲିଂ କରିବା ମଧ୍ୟରେ ବହୁତ ପାର୍ଥକ୍ୟ ଅଛି । ସେ ଖେଳକୁ ବହୁତ ଭଲ ଭାବରେ ଶିଖନ୍ତି ।

ସେ ପ୍ରତିଦିନ ଶିଖିବାକୁ ଚାହାଁନ୍ତି । ସେ ପାଞ୍ଚଟି ୱିକେଟ ନେଇଥିଲେ। ଆମର ଭିଡିଓ ଦେଖିବେ ଏବଂ କେଉଁଠାରେ ଉନ୍ନତି କରାଯାଇପାରିବ ତାହା ଖୋଜିବେ । ଭଜି ଆହୁରି ମଧ୍ୟ କହିଛନ୍ତି, ବୁମରା ବହୁତ ଭଦ୍ର ଏବଂ ଶାନ୍ତ । ଯେତେବେଳେ ଚାପ ଆସେ, ତାଙ୍କ ଅପେକ୍ଷା କେହି ଭଲ ପ୍ରଦର୍ଶନ କରିପାରିବେ ନାହିଁ। ଲୋକମାନେ ପ୍ରାୟତଃ ବିରାଟ କୋହଲି ଏବଂ ଏମଏସ ଧୋନିଙ୍କ ବିଷୟରେ କଥାବାର୍ତ୍ତା କରନ୍ତି। କିନ୍ତୁ ଯଦି ତୁମେ ଖେଳର ସୁପରଷ୍ଟାରମାନଙ୍କ ବିଷୟରେ କହିବ, ତେବେ ମୋ ଅନୁଯାୟୀ ବୁମ୍ରା ହେଉଛନ୍ତି ଆଇପିଏଲର ସୁପରଷ୍ଟାର । ଯଦି ବୁମରାଙ୍କ ମହାନତା ସମକକ୍ଷ କେହି ଅଛନ୍ତି, ସେ ହେଉଛନ୍ତି ଶ୍ରୀଲଙ୍କାର ପୂର୍ବତନ ଦ୍ରୁତ ବୋଲର ଲସିଥ ମାଲିଙ୍ଗା, ଯିଏ ମୁମ୍ବାଇ ଇଣ୍ଡିଆନ୍ସର ବୋଲିଂ କୋଚ ଅଛନ୍ତି । ପୂର୍ବତନ ଭାରତୀୟ ଅଫ ସ୍ପିନର କହିଛନ୍ତି, ସରଳ କଥା ହେଉଛି ବୁମ୍ରା ଶିଖିବାକୁ ଚାହାଁନ୍ତି ଏବଂ ପ୍ରତିଦିନ ଭଲ କରିବାକୁ ଚାହାଁନ୍ତି।

## ଫାଷ୍ଟ ଟ୍ୟାଗରେ ଟଙ୍କା ନଥିବାରୁ ଟୋଲ ପ୍ଲାଜାରେ ଘଣ୍ଟା ଘଣ୍ଟା ଅଟକିଲା ଲକ୍ଷ୍ମୀ ବସ୍

**କେନ୍ଦୁଝର : ନ୍ୟୁଜ୍ ବ୍ୟୁରୋ**

ଗ୍ରାମୀଣ ଲୋକଙ୍କ ସହର ମହକୁମାକୁ ଯାତାୟାତ ସୁବିଧା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଲକ୍ଷ୍ମୀ ବସ ସେବା ଆରମ୍ଭ କରିଥିଲେ। ଯାହାଦ୍ୱାରା ମଫସଲ ଅଞ୍ଚଳର ମହିଳା ୫ ଟଙ୍କାରେ ଓ ପୁରୁଷ ଲୋକ ୧୦ ଟଙ୍କା ରେ ସୁବିଧାରେ ସଦର ମହକୁମାକୁ ଯାତାୟତ ସୁବିଧା ହେଉଥିବା ହେତୁ ଲୋକମାନେ ବସକୁ ଅପେକ୍ଷା କରି ରହୁଥିବା ବେଳେ ଏକ ଅଭାବନୀୟ ଦୃଶ୍ୟ ଦେଖିବା ପାଇଁ ମିଳିଛି। ବନାଯୋଡ଼ି ଟୋଲ ପ୍ଲାଜାରେ ସକାଳୁ କେନ୍ଦୁଝରରୁ ପଦ୍ମପୁର ଦିଗରେ ଯାଉଥିବା ସମୟରେ ଫାଷ୍ଟ ଟ୍ୟାଗରେ ଟଙ୍କା ନଥିବାରୁ ସକାଳ ୬ ଟାରୁ ଘଣ୍ଟା ଘଣ୍ଟା ଧରି ଅଟକି ରହିବା ଫଳରେ ବସ ରେ ଯାଉଥିବା ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଦେଖିବା ପାଇଁ ମିଳିଛି। ତେବେ ସରକାର ଯୋଜନା ଜନହିତ ପାଇଁ ହୋଇଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଅବହେଳା ପାଇଁ ଲୋକ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

## ରାଜପୁର ଆଞ୍ଚଳିକ ବ୍ରାହ୍ମଣ ସମାଜ ବୈଠକ

**ବ୍ରଜରାଜନଗର : ନ୍ୟୁଜ୍ ବ୍ୟୁରୋ**

ରାଜପୁର ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ରାଜପୁର ଆଞ୍ଚଳିକ ବ୍ରାହ୍ମଣ ସମାଜର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି । ଝାରସୁଗୁଡ଼ା ବ୍ରାହ୍ମଣ ସମାଜ ପ୍ରସ୍ତାବ କ୍ରମେ ରାଜପୁର ଆଞ୍ଚଳିକ ବ୍ରାହ୍ମଣ ସମାଜର ପ୍ରତ୍ୟେକ ପରିବାରର ବଂଶାବଳି ପ୍ରସ୍ତୁତ କରିବା ଲାଗି ବୈଠକରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ବୈଠକରେ ହିମାଂଶୁ ମୋହନ ମିଶ୍ର ସଭାପତି, ସନ୍ତୋଷ କୁମାର ପଣ୍ଡା ଉପ ସଭାପତି, ଲକ୍ଷ୍ମୀଧର ମିଶ୍ର ସମ୍ପାଦକ, ସଂଜୀବ ମିଶ୍ର ସହ ସମ୍ପାଦକ, ଶିବ ନନ୍ଦନ ପାଟଯୋଶୀ କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଏହା ସହ ପ୍ରଦୀପ ପାଟଯୋଶୀ ଏବଂ ବାସୁଦେବ ଦାସଙ୍କୁ ବ୍ରାହ୍ମଣ ସମାଜର କର୍ମକାଣ୍ଡ ପଣ୍ଡିତ ଭାବେ ମନୋନୀତ କରାଯାଇଥିଲା। ପ୍ରତ୍ୟେକ ବର୍ଷ ସମାଜର ସମସ୍ତ ସଦସ୍ୟ ଓ ପରିବାର ଲୋକଙ୍କୁ ନେଇ ବାର୍ଷିକୋତ୍ସବ ଆୟୋଜନ କରିବା ପାଇଁ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ହିମାଂଶୁ ମୋହନ ମିଶ୍ର, ସନ୍ତୋଷ କୁମାର ପଣ୍ଡା ଉପ, ଲକ୍ଷ୍ମୀଧର ମିଶ୍ର, ସଂଜୀବ ମିଶ୍ର, ଶିବ ନନ୍ଦନ ପାଟଯୋଶୀ, ପ୍ରଦୀପ ପାଟଯୋଶୀ, ବାସୁଦେବ ଦାସ, ସୁବୋଧ ନାରାୟଣ ମିଶ୍ର, ପ୍ରୀତମ ମିଶ୍ର, ରାମ ପ୍ରସାଦ ମିଶ୍ର, ହରିହର ଦାସ, ମନୋଜ ମିଶ୍ର, ସରୋଜ ପାଟଯୋଶୀ, ମନୋଜ ନନ୍ଦ, ମନୋଜ ଦାସ, ସୁନ୍ଦର ଲାଲ ପାଟଯୋଶୀ, ଲକ୍ଷ୍ମଣ ବେହେରା, ନରେଶ ପାଟଯୋଶୀ, ଆମ୍ରୟ ପାଟଯୋଶୀ, ଗୋପାଳ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ମାହାଙ୍ଗା ବିଜେପିରେ ଗୋଷ୍ଠୀ କନ୍ଦଳ : କର୍ମୀ ପାଉନାହାନ୍ତି ଥଳକୂଳ

**ନିଶ୍ଚିନ୍ତକୋଇଲି**
**ନ୍ୟୁଜ୍ ବ୍ୟୁରୋ**

ନିର୍ବାଚନ ମାହୋଲ ଧିରେ ଧିରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ବୃଦ୍ଧି ପାଇବାରେ ଲାଗିଛି। ଏପରିସ୍ଥଳେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ବିଜେପିରେ ଗୋଷ୍ଠୀ କନ୍ଦଳ ବୃଦ୍ଧିପାଇବା ଘଟଣାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। କର୍ମୀମାନେ କେଉଁ କୂଳରେ ହେବେ ତାହା ନେଇ ଚିନ୍ତିତ ହୋଇପଡିଛନ୍ତି। ଦଳର କେତେକ ପ୍ରଭାବଶାଳୀ ତଥା ଟିକେଟରୁ ବଞ୍ଚିତ ନେତା ଦଳ ବିରୋଧି କାର୍ଯ୍ୟ କରିବା ନିମନ୍ତେ ପଛାଉ ନଥିବାର ଜଣାଯାଇଛି। ଯାହାକି ବିଜେପି ନିମନ୍ତେ ଚିନ୍ତା ଓ ମୁଣ୍ଡବ୍ୟଥାର କାରଣ ପାଲଟିଛି। ରାଜ୍ୟ ପଦାଧିକାରୀ ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣନକଲେ ଆଗାମୀଦିନରେ ମାହାଙ୍ଗା ବିଜେପି ପାଇଁ ମହଙ୍ଗା ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ମର୍ଯ୍ୟାଦା ଜନକ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ମାହାଙ୍ଗା ବ୍ଲକର ୩୭ଟି ଓ ନିଶ୍ଚିନ୍ତକୋଇଲି ବ୍ଲକର ୨୭ଟି ଗ୍ରାମପଂଚାୟତକୁ ନେଇ ଗଠିତ। ଗତ ୨୦୧୯ ବିଧାନ ସଭା ନିର୍ବାଚନରେ ବିଜେପି ପ୍ରାର୍ଥୀ ସାରଦା ପ୍ରଧାନ ବିଜେଡି ପ୍ରାର୍ଥୀ ପ୍ରତାପ ଜେନାଙ୍କ ଠାରୁ ବହୁ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ତେବେ ୨୦୨୪ ନିର୍ବାଚନରେ ଦଳୀୟ ଟିକେଟ ହାତେଇବା ନିମନ୍ତେ ବିଜେପି ନେତା ସାରଦା ପ୍ରଧାନ ,ବରିଷ୍ଠ ବିଜେପି ନେତା ଚୌଧୁରୀ ପ୍ରଭାତ କେଶରୀ ମିଶ୍ର ପୃଥକ ପୃଥକ ଭାବେ ଦଳୀୟ ସଙ୍ଗଠନ ଜାରି ରଖିଥିଲେ। ସାରଦା ପ୍ରଧାନ ଯୁବଗୋଷ୍ଠୀ ମାନଙ୍କୁ ନେଇ ସଙ୍ଗଠନ ଜାରିରଖିଥିଲା ବେଳେ ତାଙ୍କ ପଛରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଚ୍ଛନ୍ଦ ହାତ ରହିଥିଲା। ସାରଦା ପ୍ରଧାନ ବିଜେପିର ପୁରଖା କର୍ମୀମାନଙ୍କୁ ଉପେକ୍ଷା ଓ ଅଣଦେଖା କରି ଆସୁଥିଲା ବେଳେ ବରିଷ୍ଠ ବିଜେପି ନେତା ଚୌଧୁରୀ ପ୍ରଭାତ କେଶରୀ ମିଶ୍ର ଉଭୟ ପୁରୁଖା ଓ ଯୁବକ ମାନଙ୍କୁ ନେଇ ତାଙ୍କର ସଙ୍ଗଠନ ଜାରି ରଖିଥିଲେ। ଏପରିସ୍ଥଳେ ଏହି ଦୁଇ ନେତା୨୦୨୪ ନିର୍ବାଚନ ନିମନ୍ତେ ଦଳୀୟ ଟିକେଟ ହାତେଇବା ନିମନ୍ତେ ଆପ୍ରାଣ ଚେଷ୍ଟା ଜାରି ରଖିଥିଲେ। ସେହିପରିଭାବେ ଯୁବନେତା ସୁମନ୍ତ ଘଡେଇ ମାହାଙ୍ଗାରେ ମଧ୍ୟ ନିଜର ସଙ୍ଗଠନ ଜାରି ରଖିଥିଲେ। ସୁମନ୍ତ ନବାଗତ ହୋଇଥିଲେ ମଧ୍ୟ ନିକଟରେ ବିଜେପି ଟିକେଟ ହାତେଇବାକୁ ସକ୍ଷମ ହୋଇଛନ୍ତି। ସୁମନ୍ତ ଧିରେଧିରେ ନିଜର ପ୍ରଚାର ପ୍ରସାର ଜାରି ରଖିଛନ୍ତି। ଅନୁରୂପ ଭାବେ ଟିକେଟ ପାଇବାରୁ ବଂଚିତ ହୋଇଥିବା ସାରଦା ପ୍ରଧାନ ମାହାଙ୍ଗାବାସୀଙ୍କ ନିଷ୍ପତି ମୋର ନିଷ୍ପତ୍ତି କହି ବିଭିନ୍ନ ପଞ୍ଚାୟତରେ ସମାନ୍ତରାଳଭାବେ କର୍ମୀ ସମାବେଶ କରୁଥିବାର ଦେଖିବାକୁ ମିଳୁଛି। ଏପରିକି ସାରଦା ଆଗାମୀ ନିର୍ବାଚନରେ ସ୍ୱାଧିନଭାବେ ନାମାଙ୍କନ ପତ୍ର ଦାଖଲ କରିବାକୁ ନିଷ୍ପତ୍ତି କରିଥିବାର ତାଙ୍କ ନିକଟତମ ମହଲରୁ ପ୍ରକାଶ। ତେବେ ସାରଦା ବିଧିବଦ୍ଧ ଭାବେ ବିଜେପିରୁ ଏପର୍ଯ୍ୟନ୍ତ ଇସ୍ତଫା ପ୍ରଦାନ କରିନାହାନ୍ତି। ସାରଦା ସ୍ୱାଧିନଭାବେ ନାମାଙ୍କନ ପତ୍ର ଦାଖଲ କରିବେ କି ନାହିଁ ତାହା ଭବିଷ୍ୟତ ହିଁ କହିବ। ବରିଷ୍ଠ ବିଜେପି ନେତା ଚୌଧୁରୀ ପ୍ରଭାତ କେଶରୀ ମିଶ୍ର ଟିକେଟ ପାଇବାରୁ ବଞ୍ଚିତ ହେବା ପରେ ନୀରବତା ଅବଲମ୍ବନ କରୁଥିବାର ଦେଖିବାକୁ ମିଳିଛି। ତେବେ ବିଜେଡି ଟିକେଟ ପାଇବାରୁ ବଞ୍ଚିତ ହୋଇଥିବା ଜଣେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସାରଦାଙ୍କ ସହ ଗୁପ୍ତ ବୁଝାମଣା କରିଥିବାର ଶୁଣିବାକୁ ମିଳୁଛି। ସ୍ୱାଧିନଭାବେ ସାରଦା ପ୍ରାର୍ଥୀପତ୍ର ଦାଖଲ କଲେ ତାଙ୍କ ଗୋଷ୍ଠୀ ତାଙ୍କ ଗୋଷ୍ଠୀ ସମର୍ଥନ କରିବେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ତେବେ ନିର୍ବାଚନ ଯେତେ ପାଖେଇ ଆସୁଛି ମାହାଙ୍ଗାରେ ଗୋଷ୍ଠୀ କନ୍ଦଳ ସେତେ ତୀବ୍ର ହେବାରେ ଲାଗିଛି। ଯାହାକୁ ନେଇ କର୍ମୀମାନେ ଏକୂଳ ହେବେ ନା ସେକୂଳର ହେବେ ସେଥିନେଇ ଚିନ୍ତିତ ହୋଇପଡିଛନ୍ତି। ବିଜେପି ଉଚ୍ଚପଦାଧିକାରୀ ମାହାଙ୍ଗା ବିଜେପି ଗୋଷ୍ଠୀ କନ୍ଦଳ ସୃଷ୍ଟି କରୁଥିବା ନେତାମାନଙ୍କୁ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନରେ ମାହାଙ୍ଗା ବିଜେପି ପାଇଁ ମହଙ୍ଗା ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

## ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟଙ୍କ କଂଗ୍ରେସରେ ଯୋଗଦାନ

**ନିଶ୍ଚିନ୍ତକୋଇଲି : ନ୍ୟୁଜ୍ ବ୍ୟୁରୋ**



ନିଶ୍ଚିନ୍ତକୋଇଲି ବ୍ଲକ ୨୬ନମ୍ବର ଜୋନର ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ତଥା ବିଜେଡି ନେତା ସେକ ଜାହିର ମହମ୍ମଦ ଆନୁଷ୍ଠାନିକ ଭାବେ କଂଗ୍ରେସ ଦଳରେ ଯୋଗଦାନ କରିଥିବାର ପ୍ରକାଶ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ସେକ ଜାହିର ମହମ୍ମଦ ଗତ ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତିରାଜ ନିର୍ବାଚନରେ ନିଶ୍ଚିନ୍ତକୋଇଲି ବ୍ଲକ ୨୬ନମ୍ବର ଜୋନରୁ ବିଜେପି ଜିଲ୍ଲାପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଏହାର କିଛି ବର୍ଷ ପରେ ସେ ବିଜେପିରୁ ଇସ୍ତଫା ପ୍ରଦାନ କରି ଆନୁଷ୍ଠାନିକ ଭାବେ ଶାସକ ବିଜେଡି ଦଳରେ ଯୋଗଦାନ କରିଥିଲେ। ମାତ୍ର ବିଜେଡି ଦଳ ତରଫରୁ ତାଙ୍କୁ ଅଣଦେଖା କରାଯିବା କାରଣରୁ ସେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଥିବା ଜଣାଯାଇଛି। ଏହି ସମୟରେ ପିସିସି ସଭାପତି ଶରତ ପଟ୍ଟନାୟକ, ରାଜ୍ୟ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, କଟକ ଜିଲ୍ଲା କଂଗ୍ରେସ ସଭାପତି ମାନସ ଚୌଧୁରୀ ଓ କଂଗ୍ରେସନେତା ଇଂ ସିଦ୍ଧାର୍ଥ ସ୍ୱରୂପ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।






**ଭୁବନେଶ୍ୱର : ସୂଚନାଭବନ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡବ୍ଲୁଏଚ୍‌ଆରପିଓ ପକ୍ଷରୁ ସେବା ସମ୍ମାନ ଗ୍ରହଣ କରୁଛନ୍ତି ହାସନ ଖାନ୍ । ଭାରତର ପୂର୍ବତନ ନିର୍ବାଚନ କମିଶନର ଡ. ଭଗବାନ ପ୍ରକାଶ ତାଙ୍କୁ ଏହି ସମ୍ମାନ ପ୍ରଦାନ କରୁଛନ୍ତି । (ଫଟୋ : ସମ୍ବାଦ କଳିକା)**

# ଆଜି ଦରିଆପାରି ମା' ରାମଚଣ୍ଡୀଙ୍କ ପ୍ରସିଦ୍ଧ ଝାମୁ ଯାତ୍ରା

**ମହାକାଳପଡ଼ା, ନ୍ୟୁଜ ବ୍ୟୁରୋ**

ରବିବାର ରାମନଗର ସ୍ଥିତ ଦରିଆପାରି ମା' ରାମଚଣ୍ଡୀଙ୍କ ପୀଠରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ପ୍ରସିଦ୍ଧ ଝାମୁଯାତ୍ରା ଅନୁଷ୍ଠିତ ହେବ । ଏଥିପାଇଁ ପ୍ରସ୍ତୁତି ପର୍ବ ଚୁଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଏ ନେଇ ଟ୍ରଷ୍ଟବୋର୍ଡ଼ କାର୍ଯ୍ୟାଳୟରୁ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କ ପୌରହିତ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଝାମୁ ଯାତ୍ରାରେ ମା'ଙ୍କ ଝାମୁ ଯାତ୍ରା ଦେଖିବା ପାଇଁ ପାଖାପାଖି ୧୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ସମାଗମ ହେବାର ଆଶଙ୍କା କରାଯାଉଛି । ଏମାନଙ୍କ ପାଇଁ ପାନୀୟ ଜଳ, ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ବାହିନୀ ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ମଧ୍ୟ ଆଲୋଚନା କରାଯାଇଛି । ପୂର୍ବାହ୍ନ ପ୍ରାୟ ୧୨ଟା ବେଳେ ମା'ଙ୍କର ଏହି ଝାମୁ ଦେଖିବା ପାଇଁ ଭକ୍ତମାନଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଥାଏ । ଜିଲ୍ଲା ତଥା ଜିଲ୍ଲାବାହାର ସମେତ ପଡ଼ୋଶୀ ପଶ୍ଚିମ ବଙ୍ଗ ରାଜ୍ୟରୁ ମଧ୍ୟ ବହୁଭକ୍ତ ମାଙ୍କୁ ଦର୍ଶନ କରିବାକୁ ଆସିଥାନ୍ତି । ୨୦୦ରୁ ଉର୍ଦ୍ଧ୍ୱ ଦୋକାନୀ ମଧ୍ୟ ମା'ଙ୍କ ପୀଠରେ ପସରା ମେଲାଇ ସାରିଲେଣି । ମୀନା ବଜାର ସମତେ ସବୁ ପ୍ରକାରର ଦୋକାନ ଏଠି ଖୋଲିଛି । ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ ମଧ୍ୟ ମା'ଙ୍କ ଯାତ୍ରା ଦେଖିବା ସହିତ ମା'ଙ୍କୁ ଦର୍ଶନ କରିବାକୁ ଆସିଥାନ୍ତି । ଏହି ଅବସରରେ ମା' ରାମଚଣ୍ଡି ଆଚଳିକ ସେନା ତରଫରୁ ପ୍ରତିବର୍ଷର୍ଶ ଭଳି ଚଳିତ ବର୍ଷ ମା'ଙ୍କ କିମ୍ବଦନ୍ତୀ, ଭକ୍ତର ଅନୁଭୂତି, ସମ୍ପର୍କୀୟ ଏକ ଆଧାତ୍ମିକ ପୁସ୍ତକ ମଧ୍ୟ ଉନ୍ମୋଚନ ହେବାର ବ୍ୟବସ୍ଥା ରହିଛି । ମା' ରାମଚଣ୍ଡି ଆଂଚଳିକ ସେନା ତରଫରୁ ଏହି ପୁସ୍ତକ ଉନ୍ମୋଚନ କରାଯିବ । ପ୍ରାୟ ୧ ସପ୍ତାହ ବ୍ୟାପୀ ଏଠାରେ ଯାତ୍ରା ଚାଲିଥାଏ । ଦୈନିକ ୫ହଜାରରୁ ଅଧିକ ଭକ୍ତ ଆସୁଥିବାର ବିଗତ ବର୍ଷରେ ଦେଖିବାକୁ ମିଳିଥିଲା । ଯେପରି ଭାବରେ ବିଦ୍ୟୁତ୍, ସେବା ୨୪ ଘଂଟା ରହିବ ସେଥିପାଇଁ ମଧ୍ୟ ବିଦ୍ୟୁତ୍ ବିଭାଗ ତରଫରୁ ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି । ମା'ଙ୍କ ପଣା ପିଇବା ଓ ମହାବିଷୁବ ସଂକ୍ରାନ୍ତି ଅବସରରେ ମା'ଙ୍କ ପ୍ରସାଦ ପାଇବା ପାଇଁ ଭକ୍ତମାନେ ଚାତକ ଭଳି ଚାହିଁ ବସିଥାନ୍ତି । ଏହି ପ୍ରସ୍ତୁତି ବୈଠକରେ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ଟ୍ରଷ୍ଟି ମଥୁରୀ ଚରଣ ସେନାପତି, ପଂଚାୟତ ସମିତି ଉପାଧ୍ୟକ୍ଷ ବିଜୟ ଶୁକ୍ଳା, ମା'ଙ୍କର ମୁଖ୍ୟ ସେବାୟତଙ୍କ ସମେତ ବହୁ ଲୋକ ଉପସ୍ଥିତ ଥିଲେ । ରାମନଗର, ଖରିନାସୀ, ବତୀଘର, ପେଟଛେଲା, ମଙ୍ଗଳପୁର, ବରକନ୍ଦା, ମହାକାଳପଡ଼ା, ବାରଡାଙ୍ଗ, ବଉଳକଣି, ଜମ୍ବୁ ପ୍ରଭୃତି ପଞ୍ଚାୟତରୁ ଭକ୍ତମାନେ ମା'ଙ୍କ ପୀଠକୁ ହଜାର ହଜାର ସଂଖ୍ୟାରେ ଆସିଥାନ୍ତି ।

# ଡ୍ରପ୍ ଆଉଟ୍ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରିବେ ପ୍ରଧାନଶିକ୍ଷକ, ଆବଶ୍ୟକ ପଡିଲେ କରାଯିବ କାଉନସେଲିଂ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଏବେବି ହଜାର ହଜାର ଛାତ୍ରଛାତ୍ରୀ ଅଧାରୁ ପାଠ ପଢ଼ା ଛାଡୁଛନ୍ତି । ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ସତ୍ତ୍ୱେ ବର୍ଷକୁ ହଜାର ହଜାର ସଂଖ୍ୟାରେ ଛାତ୍ରଛାତ୍ରୀମାନେ ଅଧାରୁ ପାଠ ପଢ଼ା ଛାଡୁଛନ୍ତି । ଏନେଇ ସ୍ୱତନ୍ତ୍ର ଭାବରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ଉପରେ ନଜର ରଖିବ ସ୍କୁଲ । ଡ୍ରପ୍ ଆଉଟ୍ ହେଉଥିବା ଛାତ୍ରଛାତ୍ରୀ ସେମାନଙ୍କ ଅଭିଭାବକଙ୍କୁ ପୁନଃ ପଞ୍ଜୀକରଣ କରିବା ପାଇଁ ମନେଇବେ ସ୍କୁଲର ପ୍ରଧାନ ଶିକ୍ଷକ । ଏହାସହ ପିଲାଙ୍କୁ ସ୍କୁଲକୁ ପୁଣିଥରେ ଆଣିବାକୁ ପ୍ରଧାନ ଶିକ୍ଷକ ପିଲାଙ୍କୁ ଚିହ୍ନଟ କରିବେ । ସେମାନଙ୍କୁ ଆବଶ୍ୟକ ପଡ଼ିଲେ କାଉନସେଲିଂ ମଧ୍ୟ କରାଯିବ । ଅଷ୍ଟମ ଶ୍ରେଣୀରୁ ସମ୍ପୂର୍ଣ୍ଣ ଭାବରେ ନାମଲେଖା ତଥ୍ୟକୁ ଟ୍ରାକ୍ କରିବ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ । ସେହିପରି ଅଷ୍ଟମ ପରେ ନବମ ଶ୍ରେଣୀରେ କେତେ ପିଲା ନାମ ଲେଖାଇଲେ ତାହାର ତଥ୍ୟ ମଧ୍ୟ ରଖିବ ବିଭାଗ । ଏହା ସହିତ ଦଶମ ଶ୍ରେଣୀରେ ମଧ୍ୟ ସମାନ କାର୍ଯ୍ୟପନ୍ଥା ଅବଲମ୍ବନ କରାଯିବ । ପିଲାମାନେ ନାମଲେଖାଇବା ପରେ ସ୍କୁଲକୁ କାହିଁକି ଆସୁନାହାନ୍ତି, ସେମାନଙ୍କ ଉପରେ ତର୍ଜମା କରିବେ ପ୍ରଧାନ ଶିକ୍ଷକ । ଯେଉଁଭଳି ଭାବରେ ରାଜ୍ୟରେ ଡ୍ରପ୍ ଆଉଟ୍ ସଂଖ୍ୟା ହ୍ରାସ ପାଇବ, ସେନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏପରି ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି । ବ୍ୟକ୍ତିଗତ ଭାବରେ ପ୍ରଧାନଶିକ୍ଷକ ଅଭିଭାବକ ମାନଙ୍କୁ କାଉନସେଲିଂ କରିବେ । ପାଠ ଛାଡୁଥିବା ପିଲାଙ୍କ ଘରକୁ ଯିବେ । ପାଠ ଛାଡୁଥିବା କାରଣ ମଧ୍ୟ ଖୋଜିବେ । ତେବେ ଶିକ୍ଷା ମନ୍ତ୍ରଣାଳୟର ତଥ୍ୟ ଅନୁସାରେ, ରାଜ୍ୟରେ ୨୦୧୮-୧୯ ମସିହାରେ ୧୨.୮ ପ୍ରତିଶତ ଡ୍ରପ୍ ଆଉଟ୍ ରହିଥିବା ବେଳେ ୨୦୧୯-୨୦ ମସିହାରେ ୩୮.୩୫ ପ୍ରତିଶତ ରହିଥିଲା । ଏହାସହ ୨୦୨୦-୨୧ ମସିହାରେ ୩୯.୪ ପ୍ରତିଶତ ଏବଂ ୨୦୨୧-୨୨ ମସିହାରେ ଏହା ୪୯.୯ ପ୍ରତିଶତ ରହିଥିଲା । ଅନ୍ୟପଟେ ଶିକ୍ଷାବର୍ଷ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି । ଗ୍ରୀଷ୍ମ ଛୁଟିରେ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ବିଷୟଭିତ୍ତିକ କାର୍ଯ୍ୟ ତଥା ନିଜର ଦକ୍ଷତା ଓ କୌଶଳର ଅଭିବୃଦ୍ଧି ପାଇଁ କେତେକ ଅବକାସକାଳୀନ ଗୃହକାର୍ଯ୍ୟ କରାଯିବ । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ନିଜର ସମୟକୁ ଉପଯୁକ୍ତ ଭାବରେ ବିନିଯୋଗ କରିବା ସହିତ ପୂର୍ବ ଶ୍ରେଣୀର ଧାରଣା ଗୁଡିକୁ ଦୃଢ଼ୀକରଣ କରିବେ ଓ ଏହା କିଛି ମାତ୍ରାରେ ନୂତନ ଶ୍ରେଣୀର ପାଠକୁ ଶିଖିବାରେ ସହାୟକ ହୋଇପାରିବ । ଏହାସହ ବିଦ୍ୟାଳୟ ଆସାବାପତ୍ର ସମ୍ପତ୍ତି ରକ୍ଷଣାବେକ୍ଷଣ ସମେତ ସୁପରିଚାଳନା ଆଦିକୁ ଧ୍ୟାନ ଦିଆଯିବ । ଗ୍ରୀଷ୍ମ ଛୁଟି ସମୟରେ ସ୍ମାର୍ଟ ଶ୍ରେଣୀଗୃହ, ବିଜ୍ଞାନ ପ୍ରୟୋଗଶାଳା, ଇ-ଲାଇବ୍ରେରୀ, ଜଳ ଯୋଗାଣ ବ୍ୟବସ୍ଥା, ସୌଚାଳୟ, ବିଦ୍ୟାଳୟ ପରିସର ଏବଂ କ୍ରୀଡା ଉପକରଣ ଆଦିକୁ ଗ୍ରୀଷ୍ମ ଛୁଟି ସମୟରେ ସଠିକ ଭାବରେ ରକ୍ଷଣାବେକ୍ଷଣ କରିବା ଆବଶ୍ୟକ ।



# ବୌଦ୍ଧ ଜିଲ୍ଲାରେ ବର୍ଷକରେ ୧୧ ହଜାର କୁଇଣ୍ଟାଲ ଗଞ୍ଜେଇ ଜବତ : ୪୧ ଗିରଫ




**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ବୌଦ୍ଧଜିଲା ବେଆଇନ ଗଞ୍ଜେଇ ଚାଷକୁ ନେଇ ରାଜ୍ୟରେ ଯେତେ ବଦନାମ ହେବାରେ ଲାଗିଛି ଜିଲାରେ ଅପରାଧିକ କାର୍ଯ୍ୟକଳାପ ସେତେ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ଏହି ଛୋଟ ଜିଲାରେ ବେଆଇନ ନିଶା କାରବାର ଠାରୁ ଆରମ୍ଭ କରି ଜୁଆ ଚୋର,ବାଲି ମାଫିଆ,ପଥର ମାଫିଆ ଓ କାଠ ମାଫିଆ ଏଠି ରାଜୁତି କରୁଛନ୍ତି । ଆଗକୁ ସାଧାରଣ ନିର୍ବାଚନ । ପଞ୍ଚାୟତ ନିର୍ବାଚନ ହେଉକି ସାଧାରଣ ନିର୍ବାଚନ ଗଞ୍ଜେଇ ଟଙ୍କା ଖର୍ଚ୍ଚ ହେବା ଏଠାରେ ଏକ ସାଧାରଣ ଘଟଣା । ନିଜ ପସନ୍ଦର ନେତା ବସାଇବାକୁ ଗଞ୍ଜେଇ ମାଫିଆମାନେ ବିପୁଳ ପରିମାଣର ଟଙ୍କା ଖର୍ଚ୍ଚ କରୁଥିବା ଆଲୋଚନା ହେଉଅଛି । ଏଥିରେ ପୁଲିସ ମଧ୍ୟ ସହଯୋଗ କରୁଥିବା ଅଭିଯୋଗ ହୋଇଛି । ଫଳରେ ଅନାୟାସରେ ଜିଲାରେ ଏହି ବେଆଇନ ବ୍ୟବସାୟର ଚେର ମାଡିବାରେ ଲାଗିଛି । ରାଜନିତିକୁ ଗଞ୍ଜେଇ ଟଙ୍କା ପ୍ରଭାବିତ କରୁଥିବାରୁ ଏହାଦ୍ୱାରା ଅପରାଧିକ କାର୍ଯ୍ୟକଳାପ ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଗୋଟିଏ ପଟେ ଆଭ୍ୟନ୍ତରୀଣ ଜଙ୍ଗଲରେ ମାଓବାଦୀ ଗତିବିଧି ବୃଦ୍ଧି ପାଇଚାଲିଥିବାବେଳେ ଅନ୍ୟପଟେ ଜିଲାରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ଏକପ୍ରକାର ସ୍ଥାଣୁ ପାଲଟିଛି । ଜିଲାରେ ପ୍ରତି ବର୍ଷ ଶହ ଶହ ଏକର ଜାଗାରେ ଗଞ୍ଜେଇ ଚାଷ କରାଯାଉଛି । ପ୍ରତି ବର୍ଷ ସରକାରଙ୍କ ନିର୍ଦ୍ଦେଶରେ ଜିଲା ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ନାମକୁ ମାତ୍ର ଚଢାଉ କରି ଶହ ଶହ ଏକର ଜାଗାରେ ହୋଇଥିବା ଲକ୍ଷ ଲକ୍ଷ ଗଞ୍ଜେଇ ଗଛ ନଷ୍ଟ କରାଯାଉଥିବାର ଦର୍ଶାଯାଉଛି । ବାସ୍ତବରେ ଜିଲାରୁ ଗଞ୍ଜେଇ ଚାଷ କମୁନାହିଁ । ଜିଲାରେ ପ୍ରତିବର୍ଷ କିପରି ଅଧିକ ଗଞ୍ଜେଇ ଅମଳ ହେବ ସେଥିପାଇଁ ଗଞ୍ଜେଇ ଚାଷୀମାନେ ଉନ୍ନତ ପ୍ରଣାଳୀରେ ଗଞ୍ଜେଇ ଚାଷ କରୁଛନ୍ତି । ବିଶେଷ ଭାବରେ ଜିଲାର ଆଭ୍ୟନ୍ତରୀଣ ଓ ଉପାନ୍ତ ଅଞ୍ଚଳ ଗୁଡିକରେ ଥିବା ଜଙ୍ଗଲ ଜମି ଉପରେ ଗଞ୍ଜେଇ ଚାଷ କରାଯାଉଛି । ଗଞ୍ଜେଇ ଗଛକୁ ଯେପରି ପର୍ଯ୍ୟାପ୍ତ ପରିମାଣର ପାଣି ମିଳିପାରିବ ସେଥିପାଇଁ ନାଳ ଓ ନଦୀ କଡରେ ମଧ୍ୟ ଚାଷ କରାଯାଉଛି । ଏପରିକି ମୋଟର ସାହାଯ୍ୟରେ ଗଂଜେଇ କିଆରିକୁ ପାଣି ମଡାଯାଉଛି । ଗଞ୍ଜେଇ ଚାଷରେ ପ୍ରୟୋଗ ପାଇଁ ସହରରେ ମିଳୁନଥିବା କୀଟନାଶକ ଓ ହରମୋନ ଗ୍ରାମାଞ୍ଚଳରେ ଦୋକାନ ଗୁଡିକରେ ମିଳୁଅଛି । ବିଭିନ୍ନ ସ୍ଥାନରେ ମଞ୍ଚା କରି ଗଞ୍ଜେଇ କିଆରି ଉପରେ ନଜର ରଖାଯାଉଛି । ଜିଲା ବାହାରୁ ଆସି ମାଫିଆମାନେ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଗଂଜେଇ ଚାଷ କରୁଛନ୍ତି । ଅଧିକ ଜାଗାରେ ଗଞ୍ଜେଇ ଚାଷ କିପରି ହେବ ଓ ସେଗୁଡିକୁ କିପରି ବାହାରକୁ ଚଲାଣ କରାଯିବ ସେଥିପାଇଁ ସ୍ଥାନୀୟ ବେକାର ଯୁବକମାନଙ୍କୁ ନିୟୋଜିତ କରାଯାଉଛି । ଅଧିକ ଅର୍ଥ ଉପାର୍ଜନ କରିବା ଆଶାରେ ଯୁବ ପିଢୀ ଗଞ୍ଜେଇ ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି । ଜିଲାରୁ ଗଞ୍ଜେଇ ଚାଷକୁ ନିପାତ କରିବା ପାଇଁ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଧରପଗଡ କରାଯିବା ସହିତ ଦୀର୍ଘଦିନ ପର୍ଯ୍ୟନ୍ତ ଗଞ୍ଜେଇ ଗଛ କଟା ଯାଉଛି । ହେଲେ ଯେତେପରିମାଣରେ ଗଂଜେଇ ଗଛ ନଷ୍ଟ କରାଯିବା ନେଇ ବିଭାଗ ପକ୍ଷରୁ କୁହାଯାଉଛି, ତାହା କେବଳ କାଗଜ କଲମ ମଧ୍ୟରେ ସୀମିତ ହୋଇ ରହିଯାଉଛି ।

କେବଳ ପ୍ରତିବର୍ଷ ବିଭାଗ ପକ୍ଷରୁ ଧର୍ମକୁ ଆଖି ଠାର ସଦୃଶ୍ୟ ଚଢାଉ କରାଯାଇ ଗଞ୍ଜେଇ ଗଛ ନଷ୍ଟ କରାଯାଉଛି । ପୁଲିସ ଓ ଅବକାରୀ ବିଭାଗର ଅନେକ କର୍ମଚାରୀଙ୍କ ଗଂଜେଇ ମାଫିଆଙ୍କ ସହିତ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସଂପର୍କ ରହିଥିବାର ଅଭିଯୋଗ ହେଉଛି । ଯାହାଫଳରେ ଗଞ୍ଜେଇ ମାଫିଆମାନେ ଜିଲାରେ ନିର୍ଭୟରେ ଗଂଜେଇ ଚାଷ କରି ବାହାରକୁ ଚାଲାଣ କରିବାରେ ସଫଳ ହେଉଛନ୍ତି । ମିଳିଥିବା ସୂଚନା ମୁତାବକ ଜିଲାରେ ଏପର୍ଯ୍ୟନ୍ତ ୧୧ ହଜାର କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ କରାଯାଇଥିବାବେଳେ ୪୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରଯାଯାଇଛି । ଯେତେ ପର୍ଯ୍ୟନ୍ତ ପୁଲିସ ଓ ଅବକାରୀ ବିଭାଗ ଆନ୍ତରିକତାର ସହିତ ଏହି ଚାଷକୁ ବନ୍ଦ କରିବା ପାଇଁ ଉଦ୍ୟମ ଆରମ୍ଭ ନ କରିଛନ୍ତି, ସେତେଦିନ ପର୍ଯ୍ୟନ୍ତ ଜିଲାରେ ଏହି ବେଆଇନ ଗଂଜେଇ ଚାଷ ବନ୍ଦ ହେବା ସମ୍ଭବ ନୁହେଁ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ବୋର୍ଡ ୱେବ୍‌ସାଇଟ୍‌ରେ ନବମ, ଦଶମ ସିଲାବସ୍




**କଟକ, ନ୍ୟୁଜ ବ୍ୟୁରୋ**

ପୂର୍ବ ବର୍ଷର ନବମ ଏବଂ ଦଶମ ଶ୍ରେଣୀ ପାଠ୍ୟକ୍ରମ ବା ସିଲାବସ୍ ଚଳିତ ଶିକ୍ଷା ବର୍ଷରେ ମଧ୍ୟ ବଜାୟ ରହିଛି । ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ । ନବମ ଏବଂ ଦଶମରେ ୬ଟି ଯାକ ବିଷୟର ପାଠ୍ୟପୁସ୍ତକରେ ଥିବା ସମସ୍ତ ଅଧ୍ୟାୟ ପଢ଼ି ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି । ଶ୍ରେଣୀ ପାଠପଢ଼ାରେ କେଉଁ ଅଧ୍ୟାୟ ଶିକ୍ଷାଦାନ କେବେ ସୁଦ୍ଧା ଶେଷ କରାଯାଇ ପରୀକ୍ଷା କରାଯିବ ସେ ସମ୍ପର୍କରେ ବୋର୍ଡ ପକ୍ଷରୁ ସିଲାବସ୍ ଓ ସମସ୍ତ ବିବରଣୀ ବୋର୍ଡ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଛି । ଏନେଇ ବୋର୍ଡ କର୍ତ୍ତୃପକ୍ଷ ପ୍ରଧାନ ଶିକ୍ଷକ ଏବଂ ଜିଲ୍ଲା ଶିକ୍ଷାଧିକାରୀମାନଙ୍କୁ ଅବଗତ କରିଛନ୍ତି । ପ୍ରତି ୩ ମାସ ଅନ୍ତରରେ ଗୋଟିଏ କରି ବିଦ୍ୟାଳୟ କର୍ତ୍ତୃପକ୍ଷ ମୋଟ ୪ଟି ଫର୍ମେଟିଭ୍ ଆସେସ୍‌ମେଣ୍ଟ ପରୀକ୍ଷା କରି ମୂଲ୍ୟାୟନ କରାଇବେ । ବିଦ୍ୟାଳୟ କର୍ତ୍ତୃପକ୍ଷ ନବମ ଏବଂ ଦଶମ ଷାଣ୍ମାସିକ ପରୀକ୍ଷା ବିଦ୍ୟାଳୟ ସ୍ତରରେ କରାଇବେ ବୋଲି ପୂର୍ବ ଭଳି ବ୍ୟବସ୍ଥା ରହିଛି । ବିଦ୍ୟାଳୟ କର୍ତ୍ତୃପକ୍ଷ ନବମ ବାର୍ଷିକ ପରୀକ୍ଷା ପରିଚାଳନା ଏବଂ ମୂଲ୍ୟାୟନ କଲେ ମଧ୍ୟ ବୋର୍ଡ ପକ୍ଷରୁ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯିବ । ଦଶମ ଶ୍ରେଣୀରେ ବା ମାଟ୍ରିକ୍ ପରୀକ୍ଷାର୍ଥୀମାନେ ଗତ ଶିକ୍ଷାବର୍ଷ ପରି ଏଥର ମଧ୍ୟ ୫୦ ନମ୍ବର ସବଜେକ୍ଟିଭ୍ ଏବଂ ୫୦ ନମ୍ବର ଅବଜେକ୍ଟିଭ୍ ପ୍ରଶ୍ନ, ଏମିତି ମୋଟ ୧୦୦ ନମ୍ବରର ପରୀକ୍ଷା ଦେବାର ବ୍ୟବସ୍ଥା ରହିଛି ।

# ଲୁଟ୍ ଉଦ୍ୟମ ପଣ୍ଡ : ୧୧ ଗିରଫ

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**

ପୁଲିସ୍ ହାତରେ ଧରାପଡ଼ିଛନ୍ତି ୧୧ ଜଣ ଲୁଟେରା । ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଅଛନ୍ତି । ସେମାନଙ୍କଠାରୁ ୨୫୦୦ ଟଙ୍କା, ଲୁହା ରଡ୍, ଖଣ୍ଡା ଓ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରାଯାଇଛି । ଗତ କିଛି ଦିନ ହେଲା ଏହି ଲୁଟେରା ଦଳ ଝୁମ୍ପୁରା ଥାନା ଅଞ୍ଚଳର ବିଭିନ୍ନ ରାସ୍ତାରେ ଯା' ଆସ କରୁଥିବା ଗାଡ଼ିଗୁଡ଼ିକୁ ଅଟକାଇ ଲୁଟ୍ କରୁଥିଲେ । ଏପରିକି କେହି ଗାଡ଼ି ନ ଅଟକାଇଲେ ସେମାନେ ଆକ୍ରମଣ କରୁଥିଲେ । ଗତକାଲି ରାତିରେ ସେମାନେ ଝୁମ୍ପୁରା ଥାନା କଟଲପକ୍ଷି-ଧାତିକା ରାସ୍ତାରେ ଟ୍ରକ ଏବଂ ଅନ୍ୟାନ୍ୟ ଗାଡ଼ି ଚାଳକମାନଙ୍କୁ ଭୟଭୀତ କରି ଲୁଟ୍ ଉଦ୍ୟମ କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲା ପୁଲିସ । ସେଠାରୁ ପୁଲିସ ୧୧ ଜଣଙ୍କୁ ଧରିଥିଲା ଓ ସେମାନଙ୍କଠାରୁ ଟଙ୍କା ଓ ମାରଣାସ୍ତ୍ର ଜବତ କରିଥିଲା । ଶନିବର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ବିଭିନ୍ନ ଦେବାଦେବୀ ପୀଠରେ ଝାମୁଯାତ୍ରା

**ନିଶ୍ଚିନ୍ତକୋଇଲି, ନ୍ୟୁଜ ବ୍ୟୁରୋ**

ଶନିବାର ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ଶୈବ ପୀଠ ମାନଙ୍କରେ ଆନନ୍ଦ ଉଲ୍ଲାସର ସହ ଝାମୁଯାତ୍ରା ଆରମ୍ଭ ହୋଇଛି । ପ୍ରଚଣ୍ଡ ରୌଦ୍ରତାପ ସତ୍ତ୍ୱେ ମଧ୍ୟ ଏହି ପୀଠ ଗୁଡିକ ଉତ୍ସବମୁଖର ହୋଇପଡିଥିବା ଦେଖାଯାଇଛି । ଆଜି ନିଶ୍ଚିନ୍ତକୋଇଲି ବ୍ଲକ ବୁହାଳୋଗ୍ରାମପଂଚାୟତ ବରପଡାସ୍ଥିତ ପ୍ରସିଦ୍ଧ ଶ୍ରୀ ଶ୍ରୀ ସୋମନାଥ ମହାଦେବଙ୍କ ପବିତ୍ର ପୀଠରେ ବିଶ୍ୱଶାନ୍ତି ସୁଦର୍ଶନ ମହାଯଜ୍ଞ ଓ ଅନନ୍ତମୁଖି ଭାଗବତ ପାରାୟଣ ଓ ପାଟୁଆ ଯାତ୍ରା ଆରମ୍ଭ ହୋଇଛି । ଏହି ଅବସରରେ ସ୍ଥାନୀୟ ଅଂଚଳର ଶତାଧିକ ଶ୍ରଦ୍ଧାଳୁଭକ୍ତ ପୁଣ୍ୟତୋୟା ଚିତ୍ରୋତ୍ପଳା ନଦୀରୁ ହରିବୋଲ ହୁଳହୁଳି ଘଂଟ କାହାଳୀ ଧ୍ୱନୀରେ ଏକ ବିରାଟ କଳସ ଶୋଭାଯାତ୍ରାରେ ଆସିଥିଲେ । ଏହି କଳସୀ ଗୁଡିକୁ ଯଜ୍ଞସ୍ଥଳୀରେ ସ୍ଥାପନ କରାଯାଇଥିଲା । ଏହି ଅବସରରେ ସୂର୍ଯ୍ୟପୂଜା,ଗୋପୂଜା,ଅଗ୍ନିସ୍ଥାପନ,ଚକ୍ରରାଜ ଓ ପାର୍ଶ୍ୱଦେବାଦେବୀଙ୍କ ବୈଦିକ ପାରମ୍ପରିକ ରୀତି ନୀତି ଅନୁଯାଇ କରାଯାଇଥିଲା । ଏହି ଅବସରରେ ସ୍ଥାନୀୟ ଅଂଚଳର ଶତାଧିକ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଦ୍ୱାରା ପାଟୁଆ ଯାତ୍ରା ଆରମ୍ଭ ହୋଇଯାଇଛି । ଏହି ଯଜ୍ଞରେ ସମାଜସେବୀ ସୌଭାଗ୍ୟ ମିଶ୍ର କର୍ତାରୂପେ ଓ ପୂଜକରୂପେ ପ୍ରଶାନ୍ତ କୁମାର ପଣ୍ଡା,ଚନ୍ଦ୍ର ଶେଖର ପଣ୍ଡା କାର୍ଯ୍ୟ ନିର୍ବାହ କରୁଥିବାର ଜଣାଯାଇଛି । ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା,କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ର ବିଜେଡି ପ୍ରାର୍ଥୀ ଅଂଶୁମାନ ମହାନ୍ତି,ମାହାଙ୍ଗା ନିର୍ବାଚନ ବିଜେଡି ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା,ସରପଂଚ ରମାକାନ୍ତ ମହାନ୍ତି,ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ପ୍ରଭୁ ସୋମନାଥଙ୍କ କୃପାଭିକ୍ଷା କରିଥିଲେ । ସେହିପରି ଭାବେ ଏହି ବ୍ଲକର କଳମିଶ୍ରୀ ଗ୍ରାମପଂଚାୟତ ପ୍ରସିଦ୍ଧ ଶୈବପୀଠ ଅନନ୍ତେଶ୍ୱରଙ୍କ ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି । ନତକାଇ ଗ୍ରାମପଂଚାୟତ ବଣ୍ଣୁଆସାହିସ୍ଥିତ ,କେନ୍ଦୁପାଟଣା ଠାରେ ମଧ୍ୟ ଝାମୁଯାତ୍ରା ଆରମ୍ଭ ହୋଇଛି ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜିଠାରୁ ମା' ସମଲେଶ୍ୱରୀଙ୍କ ...

ସେ କହିଛନ୍ତି, ଏହି ନିଷ୍ପତ୍ତିକୁ ନ ମାନିଲେ ଟ୍ରଷ୍ଟ ବୋର୍ଡ ଆର୍ଥିକ ଦଣ୍ଡ ବ୍ୟବସ୍ଥା ଲାଗୁ କରିବ । ମନ୍ଦିର ପରିସରରେ ପବିତ୍ରତା ଓ ପରିଚ୍ଛନ୍ନତା ସମସ୍ତ ଭକ୍ତଙ୍କ ଦାୟିତ୍ୱ । ଟ୍ରଷ୍ଟ ବୋର୍ଡ ସମସ୍ତ ଭକ୍ତ ତଥା ପୂଜକ ଓ କର୍ମଚାରୀମାନଙ୍କୁ ନିବେଦନ କରୁଛି । ଏହି ନିଷିଦ୍ଧ ପଦାର୍ଥର ବ୍ୟବହାର ନିଜେ ନ କରିବାକୁ ଓ ଅନ୍ୟମାନଙ୍କୁ ସଚେତନ କରିବାକୁ ବୋର୍ଡ ନିବେଦନ କରିଛି ।

## ରାଜଧାନୀ ଭୁବନେଶ୍ୱରର ...

ମହାନିର୍ଦ୍ଦେଶକ ଅରୁଣ କୁମାର ଷଡ଼ଙ୍ଗୀ, ପୋଲିସ କମିଶନର, ଭୁବନେଶ୍ୱର-କଟକ ସଞ୍ଜୀବ ପଣ୍ଡା, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଉପାଧ୍ୟକ୍ଷ ବଲୱନ୍ତ ସିଂ, ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଜିଲ୍ଲାପାଳ, ଖୋର୍ଦ୍ଧା ଚଞ୍ଚଳ ରାଣା, ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ସମେତ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ଏବଂ ସାଧାରଣ ସଂପାଦକ ସନତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଏହି ଉପଲକ୍ଷେ ଶନିବାର ସକାଳେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଭୁବନେଶ୍ୱର ମହାନଗର ନିଗମର ମିଳିତ ଆନୁକୂଲ୍ୟରେ ଜୟଦେବଭବନ ଠାରେ ଆୟୋଜିତ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା ଉଦଘାଟନ କରିଥିଲେ । ଭୁବନେଶ୍ୱର ରାଜଧାନୀ ପ୍ରତିଷ୍ଠାର ପୁରାତନ ସ୍ମୃତିସମ୍ବଳିତ ଏବଂ ରାଜଧାନୀର ଐତିହ୍ୟ, ସଂସ୍କୃତି ଓ କୀର୍ତ୍ତିରାଜି ଆଦି ବହନ କରୁଥିବା ବହୁ ପୁରାତନ ଓ ନୂତନ ଫଟୋ ଚିତ୍ର ଏହି ପ୍ରଦର୍ଶନୀରେ ସ୍ଥାନିତ ହୋଇଥିଲା । ବିଭିନ୍ନ ଫଟୋଚିତ୍ର ମଧ୍ୟରେ ଆମ ରାଜଧାନୀ ପ୍ରତିଷ୍ଠାର ଆଦ୍ୟ ପର୍ବ, ଅତୀତର ଆଇନାରେ ରାଜଧାନୀ ଭୁବନେଶ୍ୱର, ଭୁବନେଶ୍ୱରର ଗୁରୁତ୍ୱପୂର୍ଣ୍ଣ ସୌଧ, ଭୁବନେଶ୍ୱରର ସୁଦୃଶ୍ୟ କାରୁକାର୍ଯ୍ୟମୟ ବିଭିନ୍ନ ଐତିହ୍ୟସ୍ଥଳୀ, ରାଜଧାନୀର ପ୍ରମୁଖ ମେଳା ମହୋତ୍ସବ ଏବଂ ବିଭିନ୍ନ ପୁସ୍ତକରେ ଆମ ରାଜଧାନୀ ସଂପର୍କିତ ବିଭିନ୍ନ ଫଟୋଚିତ୍ର ପ୍ରଦର୍ଶିତ ହୋଇଥିଲା । ସୂଚନା ଓ ଲୋକ ସଂପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟ ରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସନ୍ଧ୍ୟାରେ ଓଡ଼ିଆ ଭାଷା , ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମ କମିଶନର, ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ , ଜିଲ୍ଲାପାଳ , ଖୋର୍ଦ୍ଧା , ବିଏମସି ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ(ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପରେ ମୁଖ୍ୟ ଅତିଥି ଶ୍ରୀ ସାହୁ ରାଜଧାନୀ ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ କେକ କାଟି ଭୁବନେଶ୍ୱରର ଜନ୍ମଦିନ ପାଳନର ସ୍ମୃତି ଉଜ୍ଜୀବିତ କରାଇଥିଲେ । ସ୍ୱନାମଧନ୍ୟ ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ପ୍ରେମ ଆନନ୍ଦ ଓ ପ୍ରଶାନ୍ତ ପାଢୀଙ୍କ ନିର୍ଦ୍ଦେଶନାରେ ଦୀପ୍ତିରେଖା ପାଢୀ, ବିଷ୍ଣୁମୋହନ କବି, ସ୍ୱସ୍ତିକ ପାଢୀ ଏବଂ ଇପସିତା ପଣ୍ଡାଙ୍କ ଦ୍ୱାରା ଭଜନ ଓ ସୁଗମ ସଂଗୀତ ଏବଂ ବଲାଙ୍ଗୀର ଜିଲ୍ଲା ଲୋଇସିଂହାର ଶଙ୍କର ବେହେରା ଓ ତାଙ୍କ ସାଥୀମାନଙ୍କ ଦ୍ୱାରା ସମ୍ବଲପୁରୀ ଲୋକନୃତ୍ୟ ଆଦି ପରିବେଷଣ କରାଯାଇଥିଲା । ଜୟଦେବ ଭବନ ପ୍ରେକ୍ଷାଳୟରେ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହି ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ଏହି ଦିବସ ଉପଲକ୍ଷେ ବିଧାନସଭା ସୌଧ ସ୍ଥିତ ଶିଳାନ୍ୟାସ ଫଳକ ସ୍ଥଳ ସମେତ ରାଜଧାନୀର ସମସ୍ତ ପ୍ରମୁଖ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା । ରାଜଧାନୀ ଶିଳାନ୍ୟାସ ପ୍ରତିଷ୍ଠା ଫଳକ ସ୍ଥଳ ସମେତ ସହରରେ ଥିବା ବିଭିନ୍ନ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା । ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ରାଜଧାନୀ ପ୍ରତିଷ୍ଠା ଦିବସ ତୋରଣ ପ୍ରଦର୍ଶିତ ହୋଇଥିଲା । ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର ମହାନଗର ନିଗମ, ପୂର୍ତ୍ତ ବିଭାଗ, ବିଡିଏ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ପଦାଧିକାରୀ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର କର୍ମକର୍ତ୍ତାମାନେ ଏହି ଉତ୍ସବକୁ ଆୟୋଜନ କରିବାରେ ସମସ୍ତ ସହଯୋଗ ପ୍ରଦାନ କରିଥିଲେ । ସୂଚନା ଓ ଲୋକ ସଂପର୍କ ବିଭାଗ ଉପ ନିର୍ଦ୍ଦେଶିକା ସୂଚେତା ପ୍ରିୟଦର୍ଶିନୀ ଏବଂ ବିଶ୍ୱଜିତ ବଳିୟାର ସିଂ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ପୋଲିସ ପ୍ରଶାସନ ତଥା ଟ୍ରାଫିକ ପୋଲିସ ତରଫରୁ ଆବଶ୍ୟକ ଆଇନ ଶୃଙ୍ଖଳା ଏବଂ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଥିଲା ।

## ମହାକାଶରେ ହେବ ...

ବିସ୍ଫୋରଣ ହେବାକୁ ଯାଉଛି । ଆମେରିକୀୟ ମହାକାଶ ଏଜେନ୍ସି ନାସା କହିଛି ଯେ ଏହା ଏକ ଘଟଣା ଯାହା ଦଶନ୍ଧିରେ ଥରେ ଘଟିଥାଏ । ସବୁଠାରୁ ବଡ କଥା ହେଉଛି ଏହି ଇଭେଣ୍ଟ ଦେଖିବା ପାଇଁ କୌଣସି ଦାମୀ ଦୂରବୀକ୍ଷଣର ଆବଶ୍ୟକତା ପଡିବ ନାହିଁ । ଲୋକମାନେ ଖାଲି ଆଖିରେ ତାହାକୁ ଦେଖିପାରିବେ । ଆସନ୍ତା ସେପ୍ଟେମ୍ବର ମଧ୍ୟରେ ଯେକୌଣସି ସମୟରେ ଏହି ଘଟଣା ଘଟିପାରେ । ପୂର୍ବରୁ ୧୯୪୬ ମସିହାରେ ଏପରି ଏକ ବିରଳ ମହାଜାଗତିକ ଘଟଣା ଘଟିଥିଲା ।

## ବଢୁଛି ସାଇବର...

କରେନ୍ସି ଆଦିକୁ ଆକଳନ କରି ଏହି ରିପୋର୍ଟ ପ୍ରକାଶ ପାଇଛି । ସାଇବର କ୍ରାଇମର ପ୍ରକାର ଭେଦକୁ ନେଇ ରିପୋର୍ଟ ପ୍ରସ୍ତୁତ ହୋଇଛି । ଟେକ୍ନିକାଲ ସାଇବରକ୍ରାଇମ କ୍ଷେତ୍ରରେ ଋଷିଆ ଓ ୟୁକ୍ରେନ ହବ ପାଲଟିଛନ୍ତି ।

## ନବୀନଙ୍କ ବିକାଶ...

ଅନୁରୂପ ଭାବେ ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ମଧ୍ୟ ଦଳୀୟ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ଏବଂ ନବୀନଙ୍କ ବିକାଶରେ ସାମିଲ ହେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ । ଏହି ଶୋଭାଯାତ୍ରାରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଏବଂ କର୍ପୋରେଟରଙ୍କ ସମେତ ହଜାର ହଜାର ସଂଖ୍ୟାରେ କର୍ମୀ ସାମିଲ ହୋଇଥିଲେ । ଅନ୍ୟପଟେ ଶନିବାର କଟକ କଲେଜ ଛକଠାରେ ବିଜେପିର ଏକ ସମାବେଶ ଚାଲିଥିବା ବେଳେ ଆକସ୍ମିକ ଭାବେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା । ଚୌଦ୍ୱାର-କଟକ ଆସନ ପାଇଁ ବିଜେପିରୁ ପ୍ରାର୍ଥୀ ହୋଇଥିବା ନୟନ କିଶୋର ମହାନ୍ତିଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରି ଦଳର ଗୋଟିଏ ଗୋଷ୍ଠୀ ପ୍ରତିବାଦ ବିକ୍ଷୋଭ ଆରମ୍ଭ କରିଥିଲେ । ସମାବେଶ ମଞ୍ଚରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ପ୍ରାର୍ଥୀ ଭର୍ତ୍ତୃହରି ମହତାବ, ବିଧାୟକ ପ୍ରାର୍ଥୀ ନୟନ ମହାନ୍ତିଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିବା ବେଳେ ଏହି ଘଟଣା ଘଟିଥିଲା । ବିରୋଧ କରୁଥିବା ଦଳୀୟ କର୍ମୀମାନଙ୍କୁ ଘଉଡାଇବା ପାଇଁ ନୟନ ମହାନ୍ତିଙ୍କ ସପକ୍ଷବାଦୀ ଗୋଷ୍ଠୀ ସେମାନଙ୍କୁ ପ୍ରଥମେ ଠେଲାପେଲା କରିଥିଲେ । ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ମୁହାଁମୁହିଁ ମାଡପିଟି ହୋଇଥିଲା । ସଂଘର୍ଷରେ କେତେକ କର୍ମୀ ଆହତ ହୋଇଥିବା ଜଣାପଡିଛି । ଏନେଇ ପୋଲିସ୍ ଥାନାରେ ମଧ୍ୟ ଏତଲା ଦିଆଯାଇଛି । ଏଭଳି ଘଟଣାକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ଦଳର ନେତୃବୃନ୍ଦଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । କେବଳ ଚୌଦ୍ୱାର-କଟକ ନୁହେଁ, ରାଜ୍ୟର ଅଧିକାଂଶ ସ୍ଥାନରେ ଦଳୀୟ ପ୍ରାର୍ଥୀଙ୍କୁ ବିରୋଧ କରି ଏପରି ବିରୋଧାଭାଷ ସୃଷ୍ଟି ହୋଇଥିବାର ଦେଖିବାକୁ ମିଳିଛି ।

# ବିଧାୟକ ପଦ ରଦ୍ଦ ଘଟଣା : ଆଇନର ଆଶ୍ରୟ ନେବେ ଅରବିନ୍ଦ ଢ଼ାଲି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଧାୟକ ପଦ ରଦ୍ଦ ଘଟଣାରେ ଆଇନ ଆଶ୍ରୟ ନେବେ ପୂର୍ବତନ ବିଜେଡି ବିଧାୟକ ତଥା ବର୍ତ୍ତମାନର ଜୟଦେବ ବିଧାନସଭା ଆସନର ବିଜେପି ପ୍ରାର୍ଥୀ ଅରବିନ୍ଦ ଢ଼ାଲି । ଭୁବନେଶ୍ୱରରେ ଅନୁଷ୍ଠିତ ଏକ ମିଶ୍ରଣ ପର୍ବରେ ଏଭଳି କହିଛନ୍ତି ଅରବିନ୍ଦ । ସେ କହିଛନ୍ତି, ମୋ ବିରୋଧରେ ଏହା ଏକ ଏକପାଖିଆ ନିଷ୍ପତ୍ତି । ଜାଣିଶୁଣି ମୋ ବିଧାନସଭା ପଦକୁ ରଦ୍ଦ କରାଯାଇଛି । ଯେଉଁମାନେ ବିଜେଡିରୁ ବିଜେପିକୁ ଆସିଛନ୍ତି, ସେମାନଙ୍କର ହିଁ ବିଧାୟକ ପଦ ରଦ୍ଦ କରାଯାଇଛି । ଅନ୍ୟମାନଙ୍କର କାହିଁକି ନୁହଁ ବୋଲି ପ୍ରଶ୍ନ କରିଛନ୍ତି ଅରବିନ୍ଦ ? ଅରବିନ୍ଦ କହିଛନ୍ତି, ୫ବର୍ଷ ହେଲା ମୋତେ ଉଦ୍ଦେଶ୍ୟ ମୂଳକ ଭାବେ ମାନସିକ ଯନ୍ତ୍ରଣା ଦିଆଯାଉଥିଲା । ଏବେ ପ୍ରତିଶୋଧ ପରାୟଣ ହୋଇ ମୋ ବିଧାୟକ ପଦ ରଦ୍ଦ କରିଛନ୍ତି । ମୁଁ ଆଇନର ଆଶ୍ରୟ ନେବି । ତେବେ ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନି । କିଛି ଦିନ ପୂର୍ବରୁ ଅରବିନ୍ଦ ଢାଲି ଓ ପ୍ରେମାନନ୍ଦ ନାୟକଙ୍କ ବିଧାୟକ ପଦକୁ ରଦ୍ଦ କରାଯାଇଥିଲା । ଦଳ ବଦଳ ନିୟମ ଅନୁସାରେ ଉଭୟଙ୍କ ବିଧାୟକ ପଦ ରଦ୍ଦ ପାଇଁ ବିଜେଡିର ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ବାଚସ୍ପତିଙ୍କ ନିକଟରେ ପିଟିସନ ଦାଖଲ କରିଥିଲେ । ଏହି ପିଟିସନ ଗ୍ରହଣ କରି ବାଚସ୍ପତି ପ୍ରମିଳା ମଲ୍ଲିକ ଅରବିନ୍ଦ ଢାଲି ଓ ପ୍ରେମାନନ୍ଦ ନାୟକଙ୍କ ବିଧାୟକ ପଦ ରଦ୍ଦ କରିଥିଲେ । ବିଧାନସଭା ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା ।


# ସାର୍ବଜନୀନ ସୂଚନା

ସର୍ବସାଧାରଣଙ୍କୁ ଏହା ସୂଚିତ କରାଯାଉଛି କି ରାଜନୈତିକ ଦଳ 'ଓଡ଼ିଶା ଏଗେନଷ୍ଟ୍ କରପସନ୍' ନାମରେ ରେଜିଷ୍ଟ୍ରେସନ୍ ହେବା ପାଇଁ ପ୍ରସ୍ତାବିତ ହୋଇଅଛି । ପାର୍ଟିର କାର୍ଯ୍ୟାଳୟ 'ପ୍ଲଟ ନମ୍ବର-୧୪୦୬/୧୭୧୫, ଲେନ୍-୪, ସାଇବିହାର, ପୋ: ଅ: ଜି.ଜି.ପି, ଭୁବନେଶ୍ୱର-୭୫୧୦୨୫' ଠାରେ ଅବସ୍ଥିତ । ଏହି ଦଳ ଲୋକ ପ୍ରତିନିଧି ଅଧିନିୟମ, ୧୯୫୧ର ଧାରା ୨୯ ମୁତାବକ ରାଜନୈତିକ ଦଳ ଭାବେ ରେଜିଷ୍ଟ୍ରିକରଣ ପାଇଁ ଭାରତ ନିର୍ବାଚନ ଆୟୋଗ, ନୂଆ ଦିଲ୍ଲୀଙ୍କ ପାଖରେ ଆବେଦନ କରିଅଛି । ପାର୍ଟିର ପଦାଧିକାରୀମାନଙ୍କ ନାମ/ଠିକଣା ନିମ୍ନରେ ପ୍ରଦତ୍ତ ହେଲା ।

(୧) ସଭାପତି :- ଡ଼ଃ ରଜନୀକାନ୍ତ ଜେନା
(୨) ମହାସଚିବ :-ଶ୍ରୀମତୀ ଅପର୍ଣ୍ଣା ସାମଲ
(୩) କୋଷାଧ୍ୟକ୍ଷ :- କୁମାରୀ ଦେବୀଦତ୍ତା ସ୍ୱାଇଁ

ଯଦି କାହାକୁ 'ଓଡ଼ିଶା ଏଗେନଷ୍ଟ୍ କରପସନ୍'ର ରେଜିଷ୍ଟ୍ରୀକରଣରେ କିଛି ଆପତ୍ତି ଅଭିଯୋଗ ଥାଏ, ତାହାହେଲେ ନିଜର ଆପତ୍ତି, ଆପତ୍ତିର କାରଣ ସହିତ ସଚିବ (ରାଜନୈତିକ ଦଳ), ଭାରତ ନିର୍ବାଚନ ଆୟୋଗ, ଅଶୋକ ରୋଡ, ନୂଆଦିଲ୍ଲୀ-୧୧୦୦୦୧କୁ ଏହି ସୂଚନାରେ ପ୍ରକାଶିତ ହେବାର ୩୦ଦିନ ଭିତରେ ପଠାଇ ପାରିବେ ।

ଭୁବନେଶ୍ୱର
୧୪ ଅପ୍ରେଲ
ରବିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ରେଳ ଷ୍ଟେସନରେ ପାନୀୟ ଜଳର ଉପଲବ୍ଧତା ନିଶ୍ଚିତ କରିବାକୁ ପ୍ରୟାସ

**ଭୁବନେଶ୍ୱର, ୧୩/୪ ନ୍ୟୁଜ ବ୍ୟୁରୋ**

ଭାରତୀୟ ରେଳର ସମସ୍ତ ଷ୍ଟେସନରେ ଯାତ୍ରୀମାନଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ରେଳ ମନ୍ତ୍ରଣାଳୟ ପ୍ରତିବଦ୍ଧ । ଗ୍ରୀଷ୍ମ ସମୟରେ ଏବଂ ସମ୍ଭାବ୍ୟ ଉତ୍ତାପ ତରଙ୍ଗଙ୍କୁ ଦୃଷ୍ଟିରେ ରଖି ରେଳ ମନ୍ତ୍ରଣାଳୟ ଷ୍ଟେସନ ମାନଙ୍କରେ ପାନୀୟ ଜଳର ଉପଲବ୍ଧତା ସମୀକ୍ଷା କରିଛି ଏବଂ ପର୍ଯ୍ୟାପ୍ତ ଯୋଗାଣ ନିଶ୍ଚିତ କରିବାକୁ ଜୋନାଲ ରେଳବାଇ ଓ ରେଳ ମଣ୍ଡଳଗୁଡ଼ିକୁ ନିର୍ଦ୍ଦେଶ ଜାରି କରିଛି । ଏହି ଅନୁଯାୟୀ, ସମସ୍ତ ଷ୍ଟେସନ ମାନଙ୍କରେ ସମ୍ବନ୍ଧିତ ନିୟମ ଅନୁଯାୟୀ ଯାତ୍ରୀମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାକୁ ଚେଷ୍ଟା କରାଯାଉଅଛି । ସମ୍ଭାବ୍ୟ ଗ୍ରୀଷ୍ମ ମାସରେ ଏହି ପ୍ରୟାସକୁ ଆହୁରି ଦୃଢ଼ କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ କେତେକ ପଦକ୍ଷେପ ଗ୍ରହଣ କରାଯାଇଅଛି । ସମସ୍ତ ବିଦ୍ୟମାନ ୱାଟର କୁଲରଗୁଡ଼ିକ କାର୍ଯ୍ୟକ୍ଷମ ଏବଂ ଯାତ୍ରୀଙ୍କ ଚାହିଦା ପୂରଣ କରିବାକୁ ସୁନିଶ୍ଚିତ କରାଯିବ। ଟ୍ୟାଙ୍କର୍ ନିୟୋଜନରେ ସମ୍ବେଦନଶୀଳ ଷ୍ଟେସନମାନଙ୍କରେ ଜଳ ଯୋଗାଣ ପାଇଁ ଆବଶ୍ୟକ ଅନୁଯାୟୀ ୱାଟର ଟ୍ୟାଙ୍କର୍ ନିୟୋଜନ କରାଯିବ । ନିୟମିତ ଯାଞ୍ଚରେ




ସମସ୍ତ ପ୍ଲାଟଫର୍ମରେ ଜଳ ଉପଲବ୍ଧତା ସୁନିଶ୍ଚିତ କରିବାକୁ ଷ୍ଟେସନରେ ନିୟମିତ ଯାଞ୍ଚ କରାଯିବ । ବେସରକାରୀ ସଂସ୍ଥା ତଥା ଏନଜିଓ ଏବଂ କମ୍ୟୁନିଟି ଗ୍ରୁପ୍ ସହିତ ସହଯୋଗରେ ଶୀତଳ ପାନୀୟ ଜଳ ବଣ୍ଟନ ପାଇଁ ବିଶେଷ କରି ମହିଳା ସ୍ୱୟଂ ସହାୟକ ସଂସ୍ଥା ଏନଜିଓ, ସ୍କାଉଟସ୍ ଓ ଗାଇଡ୍ ଏବଂ ଅନ୍ୟାନ୍ୟ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କଠାରୁ ସକ୍ରିୟ ଭାବେ ସହାୟତା ନିଆଯିବ। ଅଭାବ ପରିସ୍ଥିତିକୁ ସମାଧାନ କରିବାରେ ଜଳ ଅଭାବର ସମ୍ମୁଖୀନ ହେଉଥିବା ଅଞ୍ଚଳରେ ରେଳ କର୍ତ୍ତୃପକ୍ଷ ମ୍ୟୁନିସିପାଲିଟି କର୍ପୋରେସନ୍ / ରାଜ୍ୟ ସରକାରଙ୍କ ସହ ସହଯୋଗ କରୁଛନ୍ତି ଏବଂ ବିକଳ୍ପ ଜଳ ଯୋଗାଣ ସମାଧାନ ଅନୁସନ୍ଧାନ ଜାରି ରଖିଛନ୍ତି। ୨୪ଘଣ୍ଟା ମନିଟରିଂରେ ଲଗାତାର ଜଳ ଉପଲବ୍ଧତାକୁ ସୁନିଶ୍ଚିତ କରିବା ଏବଂ କୌଣସି ଜରୁରୀ ସ୍ଥିତି ପାଇଁ ଉପୁଜୁଥିବା ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ରେଳ କର୍ମଚାରୀଙ୍କ ଦ୍ୱାରା ଘଣ୍ଟା ଘଣ୍ଟା ମନିଟରିଂ ପାଇଁ ଏକ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଅଛି । ସମସ୍ତ ଯାତ୍ରୀଙ୍କ ପାଇଁ ଆରାମଦାୟକ ତଥା ସୁବିଧାଜନକ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବାକୁ ରେଳ ମନ୍ତ୍ରଣାଳୟ ପ୍ରତିବଦ୍ଧ । ଏହି ସକ୍ରିୟ ପଦକ୍ଷେପଗୁଡ଼ିକ ସମ୍ପୂର୍ଣ୍ଣ ଗ୍ରୀଷ୍ମ ଋତୁରେ ଷ୍ଟେସନଗୁଡ଼ିକରେ ବିଶୁଦ୍ଧ ପାନୀୟ ଜଳର ସହଜ ଉପଲବ୍ଧତାକୁ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖାଯାଇଅଛି ।

## ଚିଲିକାରେ ଜଳୁଛି ନଳବଣ

**ଚିଲିକା, ୧୩/୪ ନ୍ୟୁଜ ବ୍ୟୁରୋ**

ହୁତୁହୁତୁ ହୋଇ ଜଳିଲା ନଳବଣ । ଚିଲିକା ନଳବଣରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏକର ଏକର ନଳବଣ ନିଆଁରେ ପୋଡି ପାଉଁଶ ହୋଇଯାଇଛି। ଜୋରରେ ପବନ ହେଉଥିବାରୁ ନିଆଁ ବ୍ୟାପିବାରେ ଲାଗିଛି। ଚିଲିକା ବ୍ଲକ କାଳୁପଡା ଘାଟ ଜେଟି ନିକଟରେ ଲାଗିଛି ଏହି ନିଆଁ। ବହୁ ବିରଳ ଫିସିଂ କ୍ୟାଟ ସହ ଜଳଚର ଜୀବ ପୋଡି ଯାଇଥିବା ସୂଚନା ମିଳିଛି। ମତ୍ସ୍ୟଜୀବୀଙ୍କ ଜାଲ ଓ ଡଙ୍ଗା ମଧ୍ୟ ପୋଡି ପାଉଁଶ ହୋଇଛି। ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ ଜାରି ରହିଛି।



## ସମ୍ବିତଙ୍କ ବିରୋଧରେ ସିଇଓଙ୍କୁ ଫେରାଦ ହେଲା ବିଜେଡି



**ପୁରୀ, ୧୩/୪ ନ୍ୟୁଜ ବ୍ୟୁରୋ**

ଲୋକସଭା ବିଜେପି ପ୍ରାର୍ଥୀ ସମ୍ବିତ ପାତ୍ରଙ୍କ ବିରୋଧରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ଫେରାଦ ହୋଇଛି ବିଜେଡି । ପୁରୀ ଅଞ୍ଚଳରେ ଘରେ ଘରେ ସମ୍ବିତ ପାତ୍ର ଘଣ୍ଟା ବାଣ୍ଟୁଛନ୍ତି । ଦୋକାନୀମାନଙ୍କୁ ମଧ୍ୟ ଘଣ୍ଟା ଦେଇଛନ୍ତି। ନିର୍ବାଚନ ରାଲି କରି ବୁଲୁଥିବା ବେଳେ ସମ୍ବିତ ଘଣ୍ଟା ବାଣ୍ଟୁଛନ୍ତି ଏବଂ ଘଣ୍ଟାରେ ନିଜ ଫଟୋ ସହ ଭାରତୀୟ ଜନତା ପାର୍ଟିର ଲୋଗୋ ରହିଛି । ଯାହାକି ନିର୍ବାଚନ ଆଚରଣବିଧିକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରୁଛି ବୋଲି ଅଭିଯୋଗ କରିଛି ବିଜେଡି। ଅତୀତରେ ମଧ୍ୟ ଉଜ୍ୱଳା ଯୋଜନାରେ ସେ ଲୋକଙ୍କୁ ଭ୍ରମିତ କରିଛନ୍ତି । ତେଣୁ ଏହି ଖର୍ଚ୍ଚକୁ ନିର୍ବାଚନୀ ଖର୍ଚ୍ଚରେ ସାମିଲ କରିବାକୁ ଦାବି କରିଛି ବିଜେଡ଼ି। ଏହା ଛଡ଼ା ଏହି ଘଟଣା ଉପରେ ଗୁରୁତ୍ୱ ଦେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି ବିଜେଡି ।



ଭୁବନେଶ୍ୱର : ମେରୁ ଅବସରରେ ମାନସିକଧାରୀଙ୍କ ପକ୍ଷରୁ ଗାଡକଣ ଗ୍ରାମରେ ଧୂଳି ଦଣ୍ଡ ପ୍ରଦର୍ଶନ। (ଫଟୋ : ସମ୍ବାଦ କଳିକା)

### ବରଦାନ ସାଜିଛି ବିଶ୍ୱ ଦକ୍ଷତା କେନ୍ଦ୍ର

# ଜାତୀୟ ଓ ଅନ୍ତର୍ଜାତୀୟ କମ୍ପାନୀରେ ନିଯୁକ୍ତି ପାଉଛନ୍ତି ଓଡ଼ିଆ ଯୁବକ ଯୁବତୀ

**ଭୁବନେଶ୍ୱର, ୧୩/୪ ନ୍ୟୁଜ ବ୍ୟୁରୋ**

ବରଦାନ ସାଜିଛି ବିଶ୍ୱ ଦକ୍ଷତା କେନ୍ଦ୍ର। ଅତ୍ୟାଧୁନିକ ବିଷୟରେ ତାଲିମ ନେଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କମ୍ପାନୀରେ ନିଯୁକ୍ତି ପାଉଛନ୍ତି ଓଡ଼ିଆ ଯୁବକ ଯୁବତୀ। ଭୁବନେଶ୍ୱର ବିଶ୍ୱ ଦକ୍ଷତା କେନ୍ଦ୍ରର ୨୦୨୩-୨୪ ବ୍ୟାଚରେ ସ୍କୁଲ ଅଫ୍ ଇଞ୍ଜିନିୟରିଂ ବିଭାଗରେ ଅତ୍ୟାଧୁନିକ ବିଷୟରେ ତାଲିମ ନେଉଥିବା ଛାତ୍ରଛାତ୍ରୀଙ୍କ ଭିତରୁ ୪୩ ଜଣ ଟାଟା ଷ୍ଟିଲ, ଆର୍ସେଲର ମିତ୍ତଲ, ନିପନ୍ ଷ୍ଟିଲ ଏବଂ ହିଣ୍ଡାଲକୋ ଭଳି ପ୍ରମୁଖ କମ୍ପାନୀରେ ନିଯୁକ୍ତି ପାଇଛନ୍ତି। ଟାଟା ଷ୍ଟିଲରେ ୩୭ ଜଣ, ଆର୍ସେଲର ମିତ୍ତଲ, ନିପନ୍ ଷ୍ଟିଲରେ ୩ ଜଣ ଲେଖାଁଏ ଏବଂ ହିଣ୍ଡାଲକୋରେ ୩ ଜଣ ନିଯୁକ୍ତ ହୋଇଛନ୍ତି। ଏହି ଛାତ୍ରଛାତ୍ରୀମାନେ ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରେ ରହି କାମ



କରିବାର ସୁଯୋଗ ପାଇବେ। ସେହିପରି ସ୍କୁଲ ଅଫ୍ ସର୍ଭିସେସ ବିଭାଗ ଅଧୀନରେ ଦୁଇଟି ପାଠ୍ୟକ୍ରମରେ ତାଲିମ ନେଉଥିବା ଛାତ୍ରଛାତ୍ରୀଙ୍କ ଭିତରୁ ୩୦ ଜଣ IHCL ଏବଂ ରମ୍ଭା ପ୍ୟାଲେସରେ ନିଯୁକ୍ତି ସୁଯୋଗ ପାଇଛନ୍ତି। ଏହି ଛାତ୍ରଛାତ୍ରୀମାନେ ଓଡ଼ିଶା ସହିତ ଦେଶର ବିଭିନ୍ନ ସ୍ଥାନରେ କାମ କରିବାର ସୁଯୋଗ ପାଇବେ। ଏଥିପାଇଁ ସେମାନଙ୍କ ଭିତରେ ବିଶେଷ ଉତ୍ସାହ ଦେଖିବାକୁ ମିଳିଛି। ଏହି ସୁଯୋଗ ଦେଇ ଭବିଷ୍ୟତ ଗଢିଥିବାରୁ ଛାତ୍ରଛାତ୍ରୀମାନେ ବିଶ୍ୱ ଦକ୍ଷତା କେନ୍ଦ୍ରକୁ ଧନ୍ୟବାଦ ଜଣାଇଛନ୍ତି। ବିଶ୍ୱ ଦକ୍ଷତା କେନ୍ଦ୍ରରେ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଏବଂ ସ୍କୁଲ ଅଫ୍ ସର୍ଭିସେସ୍ ବିଭାଗ ଅଧୀନରେ ମୋଟ ୭ଟି ଅତ୍ୟାଧୁନିକ ବିଷୟରେ ତାଲିମ ଦିଆଯାଉଛି। ଏଠାରୁ ତାଲିମ ଶେଷ କରିବା ପରେ ଛାତ୍ରଛାତ୍ରୀମାନଙ୍କୁ ନିଯୁକ୍ତି ସୁଯୋଗ ଦେବା ପାଇଁ ପ୍ରତିବର୍ଷ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ପ୍ଲେସମେଣ୍ଟ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

## ବିଜେଡ଼ିର ପ୍ରଥମ ଇସ୍ତାହାର କମିଟି ବୈଠକ

**ଭୁବନେଶ୍ୱର, ୧୩ /୦୪ ନ୍ୟୁଜ ବ୍ୟୁରୋ**

ବିଜେଡ଼ିର ପ୍ରଥମ ଇସ୍ତାହାର କମିଟି ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ଶଙ୍ଖ ଭବନରେ ଅନୁଷ୍ଠିତ ଏହି କମିଟି ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ବିଜେଡି ନିକଟରେ ୩୮ ଜଣିଆ ଇସ୍ତାହାର କମିଟି ଗଠନ କରିଥିଲା। ସାଂସଦ ଚନ୍ଦ୍ରଶେଖର ସାହୁ କମିଟିର ଅଧ୍ୟକ୍ଷ ରହିଥିବା ବେଳେ ଉପସଭାପତି ଦେବୀ ମିଶ୍ରଙ୍କ ସମେତ ପ୍ରତାପ ଦେବ, ସୁଦାମ ମାରାଣ୍ଡି, ମଙ୍ଗଳା କିଶାନ, ପଦ୍ମନାଭ ବେହେରାଙ୍କ ସହ ମୋଟ ୭ ଜଣ ସହ ଅଧ୍ୟକ୍ଷ ରହିଛନ୍ତି। ଅମର ପଟ୍ଟନାୟକଙ୍କୁ ଆବାହକ ଭାବେ ଦାୟିତ୍ୱ ଦିଆଯାଇଛି। ସରକାରକୁ ଆସିଲେ ବିଜେଡି ଲୋକଙ୍କ ପାଇଁ କ'ଣ କରିବ ସେ ନେଇ ପ୍ରସ୍ତୁତ ହେବ ଇସ୍ତାହାର। ଏହି କମିଟିର ପରାମର୍ଶ ଆଧାରରେ ପ୍ରସ୍ତୁତ ହେବ ଇସ୍ତାହାର। ଏହା ପୂର୍ବରୁ ଇସ୍ତାହାର କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି।


ରବିବାସରୀୟ କଳିକା
ଶିକାରୀମାନଙ୍କ ନିଦ ହଜାଇ ଦେଇଛନ୍ତି ଇମ୍ଲି-ଲୈଲା


## ଟପ୍ ୭ ଅନଲାଇନ୍ ଗେମର୍ସଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୧୩/୪**

ଭାରତର ଟପ୍ ଗେମର୍ସଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଅନିମେଷ ଅଗ୍ରୱାଲ, ନମନ ମାଥୁର ଏବଂ ପାୟଲ ଧାରେଙ୍କ ଭଳି ଟପ୍ ଗେମର୍ସଙ୍କ ସହ ବ୍ୟକ୍ତିଗତ ଭାବେ ଆଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ । ଏହି କାର୍ଯ୍ୟକ୍ରମରେ ସେମାନଙ୍କର ଅବଦାନକୁ ପ୍ରଶଂସା କରିବା ସହ ଭର୍ଚ୍ୟୁଆଲ ମୋଡରେ ସେମାନଙ୍କର ବଡ ଭୂମିକା ଥିବା କହିଲେ ମୋଦି ।

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# କମିଶନରେଟ ପୋଲିସକୁ ବଡ଼ ସଫଳତା : ଭୁବନେଶ୍ୱରରୁ ଧରାପଡିଲେ ଡକାୟତ ଗ୍ୟାଙ୍ଗ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କମିଶନରେଟ ପୋଲିସକୁ ବଡ଼ ସଫଳତା। ଦୁର୍ଦ୍ଦାନ୍ତ ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାସ ହୋଇଛି। ଘରେ ପଶି ଲୋକଙ୍କୁ ବନ୍ଧକ ରଖି ଲୁଟୁଥିଲେ ଗହଣା ଓ ଟଙ୍କା । ସେହି ଚୋରି ସୁନାକୁ ବିକ୍ରି କରି ମଉଜ କରୁଥିଲେ ଲୁଟେରା । ଦିନରେ ରାଜଧାନୀରେ ଏବଂ ରାତିରେ ପୁରୀ ଜିଲ୍ଲାରେ ଲୁଟପାଟ କରୁଥିଲା ଏହି ଗ୍ୟାଙ୍ଗ। ଏଭଳି ଏକ ଡକାୟତି ଗ୍ୟାଙ୍ଗର ଖୁଲାସା କରିଛି ଭୁବନେଶ୍ୱର କମିଶନରେଟ ପୋଲିସ ।

ଏନେଇ ଶନିବାର ଦିନ ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ପୋଲିସ କମିଶନର ସଞ୍ଜୀବ ପଣ୍ଡା । ଏହି ଗ୍ୟାଙ୍ଗ ପୁରୀର ବଳଙ୍ଗାରେ ଡାକ୍ତରଙ୍କ ଘରେ ଡକାୟତି, ଅସ୍ତରଙ୍ଗରେ ଆର୍ମି ଅଫିସରଙ୍କ ଘରୁ ଲୁଟ ଓ କୋଣାର୍କ କାଜୁ ବ୍ୟବସାୟୀଙ୍କ ଘରୁ ଲୁଟ ପରେ ଭଣ୍ଡାରିପୋଖରୀରେ ବ୍ୟବସାୟୀ ଓ ଭୁବନେଶ୍ୱରରେ ୫ଟି ଲୁଟ ପାଟରେ ସାମିଲ ଥିବା ସୂଚନା ଦେଇଛି ପୋଲିସ। ପୋଲିସ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି, 'ଭୁବନେଶ୍ୱର ଓ ପୁରୀ ସମେତ ଯାଜପୁରରେ ବୁଲି ବୁଲି ଡକାୟତି କରୁଥିଲେ ଏହି ଗ୍ୟାଙ୍ଗ । ଦିନରେ ଚୋରି ସହ ରାତିରେ କରୁଥିଲେ ଡାକାୟତି । ଏହି ଗ୍ୟାଙ୍ଗର ତିନି ଜଣ ସଦସ୍ୟଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ଠାରୁ







ଲକ୍ଷ ଲକ୍ଷ ଟଙ୍କାର ସୁନା, ରୂପା ଅଳଙ୍କାର ଏବଂ ବିପୁଳ ଟଙ୍କା ଜବତ କରାଯାଇଥିଲା। ସେହିପରି ଚୋରି ଗହଣା କିଣୁଥିବା ପାରାଦ୍ୱୀପର ଗହଣା ଦୋକାନୀକୁ ମଧ୍ୟ ଗିରଫ କରିଛି ପୋଲିସ ।

ତେବେ ଗିରଫ ଅଭିଯୁକ୍ତ ହେଲେ ଜଗତସିଂହପୁରର ଶୁଭ୍ରକାନ୍ତ ବେହେରା ଓରଫ କାଜଲ ଯାହା ନାଁରେ ୩୧ଟି କେସ୍ ରହିଛି । ସେହିପରି ଯାଜପୁରର ବିଶ୍ୱଜିତ ଦାସ ଓରଫ ବିଟୁ ତା' ନାଁରେ ୩୮ କେସ୍ ରହିଛି। ଜଗତସିଂହପୁର ମଧୁସୂଦନ ମହାନ୍ତି ଓରଫ ମଧୁ ଯାହାର ନାଁରେ ହତ୍ୟା ସମେତ ୧୨ଟି କେସ୍ ରହିଛି । ଗତ ବର୍ଷ ଗିରଫ ହୋଇ ଜେଲ ଯାଇଥିବା ଏହି ଗ୍ୟାଙ୍ଗ, ଚଳିତ ବର୍ଷ ଫେବୃୟାରୀରେ ଜେଲରୁ ବାହାରି ପୁଣି ସକ୍ରିୟ ହୋଇଥିଲେ । ଏମାନେ ବୁଲି ବୁଲି ଭୁବନେଶ୍ୱର, ପୁରୀ, ଯାଜପୁରରେ ଆତଙ୍କ ରଚିଥିଲେ। ନନ୍ଦନକାନନ ଥାନା, ଇନଫୋସିଟି, ଚନ୍ଦ୍ରଶେଖରପୁରରେ ଏମାନେ ବୃଦ୍ଧ ଦମ୍ପତି ଓ ରେଳ କର୍ମଚାରୀ ଆଦି ଲୋକଙ୍କ ଘରୁ ଦିନ ବେଳା ମଉକା ଦେଖି ଲୁଟ କରିଥିଲେ। ପରେ ଏମାନେ ରାତିରେ ପୁରୀର ଅସ୍ତରଙ୍ଗରେ ଜଣେ ରିଟାର୍ଡ ନାଭି ଅଫିସରଙ୍କ ଘରେ ଲୁଟ କରିଥିଲେ । ସେହିପରି କୋଣାର୍କରେ ଜଣେ କାଜୁ ବ୍ୟବସାୟୀଙ୍କ ଘରୁ ୩୦୦ରୁ ଊର୍ଦ୍ଧ୍ୱ ଗ୍ରାମ୍ର ସୁନା ସହ ନଗଦ ଟଙ୍କା ନେଇ ଛୁ' ମାରିଥିବା ପୋଲିସ କହିଛି । ଏପରିକି ଚଳିତ ମାସ ୭ତାରିଖରେ ପୁରୀ ବଳଙ୍ଗାରେ ଜଣେ ଡାକ୍ତରଙ୍କ ଘରେ ପଶି ପରିବାର ଲୋକଙ୍କୁ ବନ୍ଧକ ରଖି ସେମାନଙ୍କ ଘରୁ ୪୦୦ରୁ ଊର୍ଦ୍ଧ୍ୱ ଗ୍ରାମ୍ର ସୁନା ଅଳଙ୍କାର ଲୁଟ କରିଥିଲେ। ରାଜଧାନୀରେ ଏପରି ଲୁଟପାଟ ବେଳେ ଏମାନଙ୍କୁ ଧରିଥିଲା କମିଶନରେଟ ପୋଲିସ । ଗିରଫ ଅଭିଯୁକ୍ତମାନଙ୍କ ଠାରୁ ୧କେଜିର ସୁନା ଓ ୧କିଲୋ ୩୦୦ ଗ୍ରାମ୍ର ରୂପା ଅଳଙ୍କାର ଜବତ ହୋଇଛି। ଏହାସହ ନଗଦ ୩ଲକ୍ଷ ୨୫ହଜାର ଟଙ୍କା ମଧ୍ୟ ଜବତ କରାଯାଇଛି । ଏମାନେ ଲୁଟ ଗହଣାକୁ ନେଇ ଜଗସିଂହପୁରର ଜଣେ ଗହଣା ବ୍ୟବସାୟୀ ସୁଦାମ ଚରଣ ସାହୁଙ୍କୁ ବିକୁଥିଲେ ।

## ଦୁଇ ପିଲାଙ୍କୁ ଛାଡ଼ି ପ୍ରେମିକ ସହ ମହିଳା ଚମ୍ପଟ୍

**କଟକ, ୧୩/୪ ନ୍ୟୁଜ ବ୍ୟୁରୋ**

କଟକ ସିଏମ୍ସିର ୫୪ନଂ ୱାର୍ଡସ୍ଥିତ ନୂଆବଜାର କୁଷ୍ଠାଶ୍ରମ ମେଡିକାଲର ଜଣେ ସୁରକ୍ଷାକର୍ମୀଙ୍କ ସହ ବିବାହିତା ମହିଳା ସଫେଇ କର୍ମଚାରୀଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଏହି ମହିଳାଙ୍କର ଦୁଇଟି ସନ୍ତାନ ରହିଛି । ମାତ୍ର ସଂପୃକ୍ତ ମହିଳାଜଣକ ଦୁଇ ସନ୍ତାନଙ୍କୁ ଛାଡ଼ି ସ୍ୱାମୀଙ୍କ ସାମ୍ନାରେ ପ୍ରେମିକ ସୁରକ୍ଷାକର୍ମୀଙ୍କ ଗାଡ଼ିରେ ବସି ଚମ୍ପଟ ମାରିଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ମୁତାବକ ନୂଆବଜାର ସ୍ଥିତ କୁଷ୍ଠାଶ୍ରମ ମେଡିକାଲରେ ସୁରକ୍ଷାକର୍ମୀ ଭାବେ ଗାନ୍ଧିପଲ୍ଲୀ ଗ୍ରାମର ଦୀପକ ସେଠୀ ଓରଫ ମାଖାନ କାର୍ଯ୍ୟ କରନ୍ତି । ସେହି ମେଡିକାଲରେ ସଫେଇ କର୍ମଚାରୀଭାବେ ନେହେରୁ କଲୋନୀର ଦୁଇ ସନ୍ତାନର ମାଆ ହୋଇ ସାରିଥିବା ଜନୈକା ମହିଳା କାମ କରନ୍ତି । ଧୀରେ ଧୀରେ ସୁରକ୍ଷା କର୍ମୀ ଓ ସଂପୃକ୍ତା ବିବାହିତା ମହିଳାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା । ମହିଳାଙ୍କ ସ୍ୱାମୀ ଏ ସଂପର୍କରେ ଜାଣିବାପରେ ଏଥିରୁ ବିରତ ରହିବାକୁ ପତ୍ନୀଙ୍କୁ କହିଥିଲେ ମଧ୍ୟ ସେ ଭୃକ୍ଷେପ କରିନଥିଲେ ।


ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
RNI Regd. No. : ODIODI/2016/67976
Vol-7 • Issue-50 • 10th-16th April 2024 • Bhubaneswar
ନେତାଙ୍କ ଟାର୍ଗେଟ୍‌ରେ ପାର୍କ
■ ଭୋଟ୍ ପାଇଁ ଭିଡ଼
■ ସମସ୍ୟା ସମାଧାନ ପାଇଁ ଥରୁଟିଏ ଭାବି ନାହାନ୍ତି
ଭୁବନେଶ୍ୱରରେ ହେବ ବାଙ୍ଗାଲୁରୁ ସ୍ଥିତି, ମିଳିବନି ପାଣି !

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଚିକିତ୍ସା କ୍ଷେତ୍ରରେ ଟେଲିମେଡିସିନ୍ ଓ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ହିଁ ଭବିଷ୍ୟତ ନିର୍ଦ୍ଧାରଣ କରିବ



**ଭୁବନେଶ୍ୱର, ୧୩/୪ ନ୍ୟୁଜ ବ୍ୟୁରୋ**

ଅପହଞ୍ଚ ଇଲାକା ଯେଉଁଠାରେ ସ୍ୱାସ୍ଥ୍ୟ ସେବା ଠିକ୍ ଭାବେ ପହଞ୍ଚିପାରୁନି ସେଠାରେ ଟେଲିମେଡିସିନ୍ ହିଁ ଜନସାଧାରଣଙ୍କର ଚିକିତ୍ସା କ୍ଷେତ୍ରରେ ସହାୟକ ହୋଇପାରିବ। ଏଥି ନିମନ୍ତେ ଚିକିତ୍ସା ବିଜ୍ଞାନ (ମେଡିସିନ୍) ଓ ଇନିୟରିଂ ଏକତ୍ର ହୋଇ ସମାଜର ହିତ ନିମନ୍ତେ କାର୍ଯ୍ୟ କରିବା ଉଚିତ୍ ବୋଲି ଚିକିତ୍ସା ବିଶେଷଜ୍ଞ ତଥା ଟେଲିମେଡିସିନ୍ ସୋସାଇଟି ଅଫ୍ ଇଣ୍ଡିଆର ସଭାପତି ଡାକ୍ତର ରାମାସାମୀ କିମ୍ କହିଛନ୍ତି। ଟେଲିମେଡିସିନ ସୋସାଇଟି ଅଫ୍ ଇଣ୍ଡିଆ (ଓଡ଼ିଶା ଚାପ୍ଟର) ଏବଂ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ର ମିଳିତ ଆନୁକୂଲ୍ୟରେ ଟିଏସ୍ଆଇ ଓଡ଼ିଶା ଶାଖାର ୧୨ ତମ ବାର୍ଷିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡାକ୍ତର କିମ୍ କହିଛନ୍ତି ଯେ କୋଭିଡ ମହାମାରୀର ପରିସ୍ଥିତି ଟେଲିମେଡିସିନ୍‌କୁ ପ୍ରତ୍ୟେକ ବ୍ୟକ୍ତିଙ୍କ ସହ ଯୋଡିଛି। ଯଦିଓ ଏ କ୍ଷେତ୍ରରେ ଅନେକ ଆହ୍ୱାନ ରହିଛି ତଥାପି ଏହାର ସମାଧାନ କିପରି କରାଯାଇପାରିବ ସେ ଦିଗରେ ଆମେ ସଚେତନ ହେବା ଆବଶ୍ୟକ। ତେବେ ଏ କ୍ଷେତ୍ରରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଅନେକ ସହାୟକ ହୋଇପାରିବ ବୋଲି ସେ କହିଛନ୍ତି। ସେହିପରି ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଡାକ୍ତର କିମ୍ କହିଛନ୍ତି ଯେ ସେମାନେ ଯେଉଁ ସ୍ମାର୍ଟଫୋନ୍ ହାତରେ ଧରିଛନ୍ତି ତାହାର ଅନ୍ୟ ବ୍ୟବହାର ନ କରି ସମାଜର ହିତ ପାଇଁ କାର୍ଯ୍ୟରେ ଲଗାନ୍ତୁ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କହିଥିଲେ ଯେ ଓଡ଼ିଶା ସରକାର ଟେଲିମେଡିସିନ୍ କ୍ଷେତ୍ରରେ ଅନେକ କାର୍ଯ୍ୟ କରୁଥିବା ବେଳେ ସୋଆ ବିଶ୍ୱବିଦ୍ୟାଳୟ ମଧ୍ୟ ଏ ଦିଗରେ ସମସ୍ତ ସହଯୋଗ କରିବ। ଗ୍ରାମାଞ୍ଚଳରେ ଟେଲିମେଡିସିନ୍‌ର ଅନେକ ଆବଶ୍ୟକତା ରହିଛି ବୋଲି କହିବା ସହ କୋଭିଡ ସମୟରେ ଟେଲିମେଡିସିନ୍ ଅନେକ ଜୀବନ ବଞ୍ଚାଇ ପାରିଛି ବୋଲି ସେ କହିଛନ୍ତି। ଏହି ଅବସରରେ ଟିଏସ୍ଆଇ ଓଡ଼ିଶା ଶାଖାର ସଭାପତି ଡାକ୍ତର ରାମନାଥ ମିଶ୍ର ମେଡିକାଲ୍ କଲେଜ ଗୁଡ଼ିକରେ ଚିକିତ୍ସା ବିଜ୍ଞାନ ଶିକ୍ଷା କ୍ଷେତ୍ରରେ ଟେଲିମେଡିସିନ୍‌ର ଅନେକ ଗୁରୁତ୍ୱ ରହିଛି ବୋଲି କହିଥିଲେ। ଚିକିତ୍ସା ଶିକ୍ଷା କ୍ଷେତ୍ରକୁ ଅଧିକ ବିସ୍ତୃତ କରିବା ନିମନ୍ତେ ଟେଲିମେଡିସିନ୍ ହିଁ ଭବିଷ୍ୟତର ବିକଳ୍ପ ବୋଲି କହିବା ସହ ଚିକିତ୍ସା ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢୁଥିବା ବେଳେ ସେହି ଅନୁପାତରେ ଫ୍ୟାକଲ୍ଟିଙ୍କର ସଂଖ୍ୟା ବଢ଼ିପାରୁ ନାହିଁ । ତେଣୁ ଏ କ୍ଷେତ୍ରରେ ଟେଲିମେଡିସିନ୍ ଅନେକ ସହାୟକ ହୋଇପାରିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଟେଲିମେଡିସିନ୍ ନେଟ୍‌ୱାର୍କ ନିମନ୍ତେ ଉପଦେଷ୍ଟା ତଥା ଏହି ସମ୍ମିଳନୀର ସଂଯୋଜକ ଡକ୍ଟର ବିଶ୍ୱ ନାରାୟଣ ମହାନ୍ତି ସ୍ୱାଗତ ଭାଷଣ ଦେବା ଅବସରରେ ୨୦୦୧ ମସିହାରୁ ଓଡ଼ିଶାରେ ଟେଲିମେଡିସିନ୍‌ର ପ୍ରଚଳନ ଆରମ୍ଭ ହୋଇଥିବା କହିଥିଲେ। ବର୍ତ୍ତମାନ ଏହା ପ୍ରାୟ ସମସ୍ତ ସରକାରୀ ମେଡିକାଲ୍ କଲେଜ ସହ ଯୋଡି ହୋଇ ଯାଇଥିବା ପ୍ରକାଶ କରିଥିଲେ। ଏହି ଅବସରରେ ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର, ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର, ଶିକ୍ଷାନୁଷ୍ଠାନର ପୂର୍ବତନ ଡିନ୍ ପ୍ରଫେସର (ଡାକ୍ତର) ଗଙ୍ଗାଧର ସାହୁ, ହସ୍ପିଟାଲ୍ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତ ସିଂହାର ଓ ସମ୍ମିଳନୀର ସଂଯୋଜକ ପ୍ରଫେସର (ଡାକ୍ତର) ପ୍ରକାଶ କୁମାର ସାହୁ ଉପସ୍ଥିତ ଥିଲେ।

## ଏବେ ବଜାରରେ ଉପଲବ୍ଧ...

## 'କଥାକଳିକା'ର ଏପ୍ରିଲ ସଂଖ୍ୟା, ୨୦୨୪




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ସଚ୍ଚିଦା ନନ୍ଦ କର,
**ସମକାଳର କଥା :** ଶୈଳେନ୍ଦ୍ର କୁମାର ଜେନା, ମନୋଜ ମହାନ୍ତି, ଭାଗିରଥୀ ବେହେରା, ସୁନୀତା କର, ନଗେନ୍ଦ୍ର କୁମାର ପ୍ରଧାନ, ସୁନନ୍ଦା ମହାନ୍ତି।
**ଅନ୍ୟଭାଷାର କଥା :** ଦେବସ୍ମିତା ବେହେରା।
**ଯୁବ ମାନସର କଥା :** ପଦ୍ମାଳୟା ପାଢ଼ୀ, ଶିବମ୍ ପଟ୍ଟନାୟକ, ସତ୍ୟ ରଂଜନ ସାହୁ, ଅଶୋକ କୁମାର ମିଶ୍ର, ପ୍ରକାଶ କୁମାର ସାହୁ, ମନୋରମା ସାହୁ ଏବଂ 'କଥାକଳିକା' ୧୦ମ ବାର୍ଷିକ ଜନ୍ମ ଉତ୍ସବ ସମାଚାର।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ୍ଥ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/– (୨ଟି ବିଶେଷ ସଂଖ୍ୟା ସହ)